# ପରମେଶ୍ୱର ଆପଣାକୁ ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାନ୍ତି

ମୁଁ ମୋ'ର ବନ୍ଧୁ ଜୋସେଫ ବୋଜଙ୍କୁ, ସେଠାରେ, ଦେଖି ଏକ ପ୍ରକାର ଆଶ୍ଚର୍ଯ୍ୟ ହୋଇଗଲି, ଆଉ ମୁଁ ବୁଲି ପଡ଼ିଲି ଓ ତାଙ୍କ ସହିତ ହାତ ମିଶାଇବାକୁ ଟିକିଏ ସମୟ ନେଲି ।

2 ତେବେ ଆସନ୍ତୁ ଆମେମାନେ ପରମେଶ୍ୱରଙ୍କ ବାକ୍ୟରେ, ଏବ୍ରୀ, ତା'ର 1ମ ପର୍ବକୁ ଯିବା । ଆଜିରାତ୍ରି ପାଇଁ ଏକ ମୂଳପାଠ ନେବା ନିମନ୍ତେ, ଏକ ଅଂଶ ହେତୁ, ମୁଁ 1ମ, 2ୟ, ଏବଂ 3ୟ ପଦ, ପାଠ କରିବାକୁ ଚାହେଁ ।

*ପରମେଶ୍ୱର, ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି,*

*ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ;*

*ସେ ତାହାଙ୍କ ମହିମାର ପ୍ରଭା, ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି...ଉର୍ଦ୍ଧାରେ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି;*

3 ଆସନ୍ତୁ ବର୍ତ୍ତମାନ ଆମେମାନେ ପ୍ରାର୍ଥନା ପାଇଁ ମସ୍ତକ ନତ କରିବା । ଆଉ ତେବେ ତାହାଙ୍କର ଦିବ୍ୟ ଉପସ୍ଥିତିରେ, ଯଦି ଆପଣଙ୍କର କୌଣସି ଅନୁରୋଧ ଥାଏ ଯାହାକୁ କି ଆପଣ ତାହାଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତାହାହେଲେ କ'ଣ ଆପଣ କେବଳ ନିଜର ହାତକୁ ଉଠାଇବେ, ଏବଂ ତାହାହିଁ ଆପଣଙ୍କର ଅନୁରୋଧ ହେବ, ଯେ ପରମେଶ୍ୱର କରିବେ...

4 ଆମମାନଙ୍କର ସ୍ୱର୍ଗୀୟ ପିତା, ଆମେମାନେ ବର୍ତ୍ତମାନ ତୁମ୍ଭର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବିଶ୍ୱାସ କରି, ତୁମ୍ଭ ସିଂହାସନ ସମ୍ମୁଖକୁ ଆସୁଅଛୁ । ଆଉ ଆମମାନଙ୍କୁ ଏହି ଆଶ୍ୱାସନ ଦିଆଯାଇଅଛି, ଯେ, "ଯଦି ଆମେ ତାହାଙ୍କର ନାମରେ କିଛି ମାଗୁ, ତାହା ପ୍ରଦାନ କରାଯିବ ।" ଏବଂ ତୁମେ ଆମର ଇଚ୍ଛାମାନ ଓ ଆମର ପ୍ରୟୋଜନମାନ ଜାଣିଅଛ, ଏବଂ ତୁମେ ପ୍ରତିଜ୍ଞା କରିଛ ଯେ ତୁମେ ଆମର ସମସ୍ତ ପ୍ରୟୋଜନକୁ ଯୋଗାଇ ଦେବ । ଏଣୁ, ପିତା, ଆମେ ସେହିପରି ପ୍ରାର୍ଥନା କରିବୁ ଯେପରିକି ତୁମେ ଆମକୁ ଶିଖାଇଅଛ, "ତୁମ ରାଜ୍ୟ ଆସୁ । ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମର ଇଚ୍ଛା ସଫଳ ହେଉ ।" ଯେପରିକି ଆଜିରାତ୍ରି, ଆମର ଅନୁରୋଧ, ଯେ ତୁମର ସତ୍‌ଇଚ୍ଛା ଅନୁସାରେ ଆମମାନଙ୍କୁ ତାହା ପ୍ରଦାନ କରାଯାଉ, ଓ

ଏହି ସୁବିଧାଗୁଡ଼ିକୁ ଆମମାନଙ୍କୁ ଦିଆଯାଉ । ପ୍ରଭୁ, ବାକ୍ୟକୁ ଅଭିଷେକ କର, ପୁଣି ସମସ୍ତ ବକ୍ତାମାନଙ୍କୁ ଏବଂ ଶ୍ରୋତାମାନଙ୍କୁ ଅଭିଷେକ କର, ଏବଂ ହେବାକୁ ଦିଅ ଯେ ଆଜିରାତ୍ରି, ପବିତ୍ରଆତ୍ମା ଆମମାନଙ୍କ ମଧ୍ୟରେ ଆସନ୍ତୁ, ଏବଂ ବାକ୍ୟର କର୍ମକର୍ତ୍ତା ହୁଅନ୍ତୁ । କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ । ଆମେନ୍ ।

ଆପଣମାନେ ବସି ଯାଆନ୍ତୁ ।

5 ଆସନ୍ତାକାଲି ସକାଳେ, ମୁଁ ଯାହା ବୁଝିଛି, ତାହା ଫୁଲ୍ ଗସ୍ପେଲ୍ ବ୍ୟବସାୟ ପୁରୁଷମାନଙ୍କର ଜଳପାନ ବିଷୟ ରହିଛି । ସାଧାରଣତଃ, ଯେଉଁଠାରେ ସେମାନଙ୍କର ଏକ ଅଧ୍ୟାୟ ଥାଏ, ସେମାନଙ୍କର ଜଳପାନରେ ମୋତେ କହିବାର ସୌଭାଗ୍ୟ ମିଳିଥାଏ । ଏହି ସମୟ ପର୍ଯ୍ୟନ୍ତ, ତାହା ହେଉଛି ଏକମାତ୍ର ସଂଗଠନ, ଯାହାକି ଏକ ସଂସ୍ଥା ନୁହେଁ, ବରଂ, ଏକମାତ୍ର ଏପରି ଗୋଷ୍ଠୀ ଯେଉଁଥିରେ ମୁଁ—ମୁଁ ସମ୍ମିଳିତ ହୋଇଥାଏ, ତାହା ହେଲା ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷ । ଆଉ ତେବେ ମୁଁ ସେମାନଙ୍କ ପାଇଁ କେବଳ, ଆନ୍ତର୍ଜାତୀକ ସ୍ତରରେ କହିଥାଏ ।

6 ତେବେ, ଆଜିରାତ୍ରି, ଆମେମାନେ ଏହା ଭରସା କରୁଛୁ ଯେ ଏହି ସମାବେଶ ହେବା ବିଷୟଟି ବୃଥାରେ ଯିବ ନାହିଁ । ମୁଁ ଆପଣମାନଙ୍କ ପାଖକୁ, କ୍ଳାନ୍ତ ହୋଇ, ଏକ ଖର-ଖରାଉଥିବା ଗଳା ସହିତ, ଓ ଟିକିଏ ନିଶ୍ୱାସଜନିତ ବ୍ରୋଙ୍କିଆଲ୍ ସମସ୍ୟା ସହିତ ଆସିଅଛି, ସେହିଠାରୁ...

7 ମୁଁ ଟ୍ୟୁସାନରୁ ଆସିଛି ଯେଉଁଠାରେକି ଏହା ପ୍ରକୃତରେ ଭଲ ଏବଂ ଶୁଷ୍କ ପାଗ ଅଟେ, ଏବଂ ମୁଁ ଏଠାକୁ ଆସିଲି ଆଉ ଏହା ପ୍ରକୃତରେ ଭଲ ଏବଂ ଓଦାଳିଆ ପାଗ ଅଟେ, ଏଣୁ ତାହା ଏକ ଅତ୍ୟନ୍ତ ବିପରୀତ ପାଗ ଅଟେ । ଯଦି ଆପଣମାନେ ଏଠାରେ ଥିବା ସମସ୍ତ ଜଳକୁ ଏକତ୍ର କରିନେବେ, ଯଦି ଆପଣ ତାହାକୁ କେବଳ ଆମ ପାଖକୁ ପଠାଇଦେବେ, ତେବେ ଆମେ ତାହା ପାଇଁ ପ୍ରଶଂସା କରିବୁ । ମାତ୍ର ଅବଶ୍ୟ, ଆପଣ ତାହା କରିପାରନ୍ତି ନାହିଁ ।

8 ମାତ୍ର ମୁଁ ଆପଣଙ୍କୁ ଗୋଟିଏ କଥା କହୁଛି, ସେଠାରେ ଏକ ଦୃଷ୍ଟାନ୍ତ ଅଛି । ଆରିଜୋନାରେ ଆମର ସମସ୍ତ—ଆମର—ଆମର ବିଷୟଗୁଡ଼ିକ, ଆମର ଗଛଗୁଡ଼ିକ, କଣ୍ଟାରେ ପରିପୂର୍ଣ୍ଣ ଅଟେ । ପ୍ରତ୍ୟେକ ବିଷୟରେ ଏକ କଣ୍ଟା ଥାଏ । ଏହା ଏଇଥି ପାଇଁ ଅଟେ କାରଣ ତାହା ଶୁଷ୍କ ଅଟେ । ତେବେ ଯଦି ସେହି ସମାନ ବୁଦା ଏଠାରେ ବଢ଼ିଥା'ନ୍ତା, ତାହା ଏକ ଖୁବ୍ ସୁନ୍ଦର ପତ୍ରଟିଏ ହୋଇଥା'ନ୍ତା । ଦେଖନ୍ତୁ, ଏହା ଜଳ ବିନୁ ଅଟେ, ସେହି କାରଣରୁ ତାହା ଏକ କଣ୍ଟା ହୋଇଥାଏ ।

9 ଆଉ ଯେତେବେଳେ ମଣ୍ଡଳୀ ସେହି ଜୀବନର ଜଳ ବିନୁ ହୋଇଯାଏ, ତାହା ଶୁଖିଲା ଏବଂ କଣ୍ଟାଳିଆ, ମଧ୍ୟ ହୋଇଯାଏ, ସବୁକିଛିକୁ ଗେଞ୍ଜିଥାଏ ଓ ଫୋଡ଼ିଥାଏ । ମାତ୍ର ଯେଉଁଠାରେ ସେହି ଜୀବନର ଜଳ ପ୍ରବାହିତ ହୁଏ, ତାହା ପତ୍ର ପଲ୍ଲବିତ କରିଥାଏ ଏବଂ ତାହାକୁ କୋମଳ, ନରମ ଏବଂ ମଧୁର କରିଥାଏ, ପରମେଶ୍ୱରଙ୍କ ନିମନ୍ତେ ପବିତ୍ର ଓ ଗ୍ରହଣଯୋଗ୍ୟ କରିଥାଏ । ଏଣୁ ଏହା ହେଉ ଯେ ପ୍ରଭୁ ପରମେଶ୍ୱର ଆଜିରାତ୍ରି, ଆମମାନଙ୍କୁ ଜଳସେଚନ

କରନ୍ତୁ, ଯେପରିକି ଆମେ କଣ୍ଟାଳିଆ ହେବୁ ନାହିଁ; ମାତ୍ର ଆମେ ଭଲ ପତ୍ରମାନ ହେବୁ ଯେପରିକି ପଥଶ୍ରାନ୍ତ ଲୋକମାନେ ଆମ ଛାୟାର ଗଛ ତଳେ ବସନ୍ତି ଓ ସେମାନଙ୍କର ପ୍ରାଣରେ ବିଶ୍ରାମ ପାଆନ୍ତି ।

10 ତେବେ ଆଜିରାତ୍ରି, ପ୍ରଭୁଙ୍କର ଯଦି ଇଚ୍ଛା ହୁଏ, ମୁଁ ଏହି ମୂଳପାଠକୁ ନେବାକୁ ଚାହୁଁଛି, ଆଉ ସ୍ୱର କ୍ଷୀଣ ହୋଇଥିବା ହେତୁରୁ, ମୁଁ ଏହି ଛୋଟ ମାଇକ୍ରୋଫୋନ୍‌କୁ ଯଥାସମ୍ଭବ ମୋ' ପାଖକୁ ଟାଣି ନେଉଛି । ମୁଁ ଚାହୁଁଛି, ଏଠାରେ ଏବ୍ରୀ 1:1ର ପାଠ କରାଯିବା ବିଷୟ ଠାରୁ, ମୁଁ ଏକ ମୂଳପାଠ ନେବାକୁ ଚାହୁଁଛି: *ପରମେଶ୍ୱର ଆପଣାକୁ ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାନ୍ତି ।* ମୁଁ ଏହାକୁ ପୁଣି ଥରେ ପୁନରାବୃତ୍ତି କରେ, କାରଣ ମୁଁ ଜାଣେ ଯେ ଏଠାରେ ଏହି ଧ୍ୱନିଶାସ୍ତ୍ରର ଯନ୍ତ୍ରଗୁଡ଼ିକ ଅତି ଖରାପ ଅଟେ । ପରମେଶ୍ୱର ଆପଣାକୁ ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାନ୍ତି ।

11 ତେବେ, ଅଧିକାଂଶ କୌଣସି ବି ବିଷୟଗୁଡ଼ିକ ତାହାର ଗୁଣଚରିତ୍ର ଦ୍ୱାରା ହିଁ ଚିହ୍ନିତ ହୋଇଥାଏ । ଆଉ ଏଠାରେ ମୋ' ପାଖରେ ଶାସ୍ତ୍ରର କିଛି ଅଂଶମାନ ଅଛି ଯାହାକି ମୁଁ ଚାହିଁବି... ଏବଂ ଧ୍ୟାନ ଦିଅନ୍ତୁ, ଯାହା ମୁଁ ଉଦ୍ଧୃତ କରିବାକୁ ଚାହିଁବି । ତେବେ, କୌଣସି ବି ବିଷୟର ଗୁଣଚରିତ୍ର ଏହା ଚିହ୍ନଟ କରିଥାଏ ଯେ ତାହା କ'ଣ ଅଟେ ।

12 ତେବେ, ସମସ୍ତ ପ୍ରକୃତିରେ ଯେପରି, ଅନେକ ସମୟରେ, ଫୁଲଗୁଡ଼ିକ, ସେମାନଙ୍କର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହୋଇଥା'ନ୍ତି । ଯଦି ସେମାନେ ଗୋଟିଏ ପ୍ରଜାତିର ଅନ୍ୟ ସହିତରେ, ଅତି ନିକଟବର୍ତ୍ତି ରହିଥା'ନ୍ତି, ତେବେ ସେହି ଫୁଲର ଗୁଣଚରିତ୍ର ହିଁ ଏହା ଚିହ୍ନିତ କରିବ ଯେ ତାହା କେଉଁ ଫୁଲ ଅଟେ । ଏବଂ ବନ୍ୟଜନ୍ତୁ ଜଗତରେ ମଧ୍ୟ, ଅନେକ ଥର ଏପରି ହୋଇଥାଏ ଯେ...

13 ମୁଁ—ମୁଁ ଜଣେ ଶିକାରୀ ଅଟେ । ଆଉ ଆପଣଙ୍କୁ ତ ସେହି ପଶୁର ଗୁଣଚରିତ୍ର ଜାଣିବାକୁ ଥାଏ ଯାହାର ଆପଣ ଶିକାର କରୁଥା'ନ୍ତି, ନତୁବା ବେଳେବେଳେ ଆପଣ ନିଶ୍ଚିତ ଭାବରେ ଠକା ଯାଇପାରିବେ । ଉଦାହରଣ ସ୍ୱରୂପ, ବ୍ରିଟିଶ କଲମ୍ବିଆ ପ୍ରାନ୍ତର ଉପରିସ୍ଥ ଭାଗରେ ରହୁଥିବା ପଥର ମେଣ୍ଢାମାନ । ଏହି ବିଗତ ପତ୍ର ଝଡ଼ିବା ଋତୁରେ ମୁଁ ୟୁକୋନ୍ ସହରର ଠିକ୍ ତଳ ଭାଗରେ ଥିଲି, ଏଠାରେ ବର୍ତ୍ତମାନ ବସିଥିବା ଦୁଇଜଣ ଭାଇ ମୋ' ସହିତରେ ଥିଲେ, ଆଉ ଆମେମାନେ ଶିକାର କରୁଥିଲୁ ।

14 ତେବେ ଯଦି ଆପଣ ସେହି ପାର୍ଥକ୍ୟ ଜାଣି ନ ଥିବେ, ଯେତେବେଳେକି ଆପଣ ଏକ ମେଣ୍ଢା କିମ୍ବା ହରିଣର ଚଲାପଥକୁ ଅନୁସନ୍ଧାନ କରୁଥା'ନ୍ତି, ତାହାହେଲେ ଆପଣ ସେହି ପାର୍ଥକ୍ୟକୁ ସେପର୍ଯ୍ୟନ୍ତ କହିପାରିବେ ନାହିଁ 'ଯେପର୍ଯ୍ୟନ୍ତକି ଆପଣ ଜଣେ ଚତୁର ଶିକାରୀ ନ ହୋଇଥିବେ । କାରଣ, ସେମାନେ ସମାନ ପ୍ରକାରର ଚଲାପଥମାନ ନିର୍ମାଣ କରିଥା'ନ୍ତି; ସେମାନେ ଯେତେବେଳେ ଦୌଡ଼ିଥା'ନ୍ତି ସୀମା ବାନ୍ଧିଲା ଭଳି କରିଥା'ନ୍ତି । ଆଉ ତା' ପରେ ଯଦି ଆପଣ ଗୋଟିଏକୁ ସେଠାରେ ଦୂରରେ ଛିଡ଼ା ହୋଇଥିବାର ଦେଖିଥା'ନ୍ତି, ଯିଏକି ତା'ର ମୁଣ୍ଡକୁ

ଲୁଚାଇ ଦେଇଥାଏ, କାହିଁକି, ଆପଣ—ଆପଣ ତ କ୍ୱଚିତ୍ ହିଁ ସେହି ପାର୍ଥକ୍ୟକୁ ଜାଣିପାଇବେ। ସେମାନେ ପ୍ରାୟଃ ସମାନ ଆକାରର ଥାଆନ୍ତି; ପୃଷ୍ଠ ଭାଗରେ, ତାହା ଧଳା ଥାଏ, ଠିକ୍ ଯେପରିକି ହରିଣର ଥାଏ। ସେମାନଙ୍କୁ ଚିହ୍ନିବା ବହୁତ କଷ୍ଟକର ହୋଇଥାଏ। ମାତ୍ର ତା'ର ଶିଙ୍ଗଗୁଡ଼ିକ ତା'ର ଗୁଣଚରିତ୍ରକୁ ଚିହ୍ନିତ କରିଥାଏ, ସେମାନଙ୍କର ଶିଙ୍ଗଗୁଡ଼ିକ ଦ୍ୱାରା। ମେଣ୍ଢାର ଏପରି ଏକ ଶିଙ୍ଗ ଥାଏ ଯାହାକି ଗୋଲ ହୋଇ ଘୁରିଥାଏ, ଆଉ ଗୋଟିଏ ହରିଣର ଶିଙ୍ଗଗୁଡ଼ିକ ସୀଧାସଳଖ ହୋଇ ବାହାରିଥାଏ। ପୁଣି ଆଉ ଏକ ବିଷୟ ହେଲା, ଗୋଟିଏ ହରିଣ ଭୋଜନ ପାଇଁ, ସେତିକି ଉଚ୍ଚକୁ ଯାଏ ନାହିଁ।

15 ଆଉ ତା' ପରେ ସେହି ଛେଳି, ତା'ର ଚାଲିବାରେ, ମଧ୍ୟ, ଗୋଟିଏ ଛେଳିରେ, ଏବଂ ଗୋଟିଏ ମେଣ୍ଢାରେ ଏକ ଗୁଣଚରିତ୍ର ଅଛି, ଯାହାକି ଆପଣଙ୍କୁ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବାକୁ ଥାଏ, ଯେତେବେଳେ ଆପଣ ଅତି ଉଚ୍ଚରେ ଥାଆନ୍ତି, କାରଣ ସେମାନେ ଦୁହେଁ ପର୍ବତର ଉଚ୍ଚରେ ବାସ କରନ୍ତି। ଆପଣଙ୍କୁ ତ ସେହି ପାର୍ଥକ୍ୟକୁ ଜାଣିବାକୁ ଅଛି। ମାତ୍ର ଯଦି ଆପଣ ଧ୍ୟାନ ଦେବେ, ଗୋଟିଏ—ଗୋଟିଏ ଛେଳି ଚାଲିବାବେଳେ ନିଜେ ଝୁଣ୍ଟି ପଡ଼ିଥାଏ; ଯେଉଁଠାରେକି, ଗୋଟିଏ ମେଣ୍ଢା, ଯେତେବେଳେ ସେ ଚାଲେ ତା'ର ପାଦକୁ *ଏହିପରି* ଭାବରେ ତଳେ ଥୋଇଥାଏ। ଏହା ତ ସେହି ଚଲାପଥର ଗୁଣଚରିତ୍ର ଅଟେ ସେ ଯେଉଁପ୍ରକାରେ ତା'ର ଚଲାପଥକୁ ତିଆରି କରିଥାଏ। ଆପଣ ନିଜର ଶିକାରକୁ ତା'ର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରିଥା'ନ୍ତି ଯେ ସେ କ'ଣ କାର୍ଯ୍ୟ କରିଥାଏ, ଓ ସେ କିପରି ଭାବରେ ବ୍ୟବହାର କରିଥାଏ, ଆଉ ସେ କି ଭୋଜନ କରିଥାଏ, ଓ ସବୁକିଛି ପ୍ରଭୃତି। ଏହା ଆପଣାକୁ ତା'ର ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରିଥାଏ। ଆଉ ତା' ପରେ ଆପଣ ଗୋଟିଏକୁ ଢ଼େଙ୍କିକରି ଯାଆନ୍ତୁ, ଏବଂ ଦେଖନ୍ତୁ ଯେ ତାହା କ'ଣ ଘଟେ, ଆପଣ ଏହା କହିପାରିବେ ଯେ ସେମାନେ କେଉଁ ପଥରେ ଯାଇଥା'ନ୍ତି। ଆପଣ ଭିନ୍ନ ଭିନ୍ନ ପ୍ରାଣୀର ସେହି ଗୁଣଚରିତ୍ର ଦ୍ୱାରା ତାହା କହିପାରନ୍ତି।

16 ତା' ପରେ କ'ଣ ଆପଣମାନେ କେବେ ଧ୍ୟାନ ଦେଲେ କି, ମୁଁ ଜାଣେ ନାହିଁ ଯେ ତାହା ଆପଣମାନଙ୍କ ଏଠାରେ ଅଛି କି ନାହିଁ, ହଳଦିଆ ହାତୁଡ଼ି ନାମକ ଚଢ଼େଇ; ତେବେ, ସେମାନଙ୍କ ପାଇଁ ସଠିକ୍ ନାମ ଫ୍ଲିକର୍ ଅଟେ, ଆଉ ଗୋଟିଏ ଜେ ପକ୍ଷୀ ନାମକ ଚଢ଼େଇ। ଗୋଟିଏ ଜେ ପକ୍ଷୀଟି ପ୍ରାୟଃ ଏକ ହଳଦିଆ ହାତୁଡ଼ି ଚଢ଼େଇ ସହିତ ସମାନ ଆକାରର ଅଟେ। ଆଉ ଆପଣ ସେହି ଦୁହିଁଙ୍କୁ ଉଡୁଥିବାର ଦେଖନ୍ତୁ, ସେମାନେ ଉଭୟ ପ୍ରାୟଃ ସମାନ ପ୍ରକାରର ପକ୍ଷୀ ଅଟନ୍ତି। ଯଦି ଆପଣ ରଙ୍ଗ ଦେଖିପାରନ୍ତି ନାହିଁ, ତେବେ କେବଳ ସେମାନଙ୍କୁ ଲକ୍ଷ୍ୟ କରନ୍ତୁ, ଆପଣ କହିପାରିବେ ଯେ କେଉଁଟି ହଳଦିଆ ହାତୁଡ଼ି ଚଢ଼େଇ ଅଟେ। ସେହି ଜେ ପକ୍ଷୀଟି, ଉଣା ଅଧିକ, ଏକ ସୀଧା ସଳଖ ରେଖାରେ ଉଡ଼ିଥାଏ। ମାତ୍ର ହଳଦିଆ ହାତୁଡ଼ି ଚଢ଼େଇଟି, ନିଜର ଡେଣାଗୁଡ଼ିକୁ ବାଡ଼େଇଥାଏ; ଯେତେବେଳେ ସେ ନିଜର ଡେଣାଗୁଡ଼ିକୁ ଆଘାତ କରେ, ସେ ତଳକୁ ଯାଏ ଓ ତା' ପରେ ଉପରକୁ, ତଳକୁ ଏବଂ ତା' ପରେ ଉପରକୁ ଯାଏ। ଦେଖନ୍ତୁ, ସେ ନିଜକୁ *ସେହିପରି* ଭାବରେ, ଏକ ସୀମାରେ ବାନ୍ଧି ରଖେ,

ଆଉ ଆପଣ କହିପାରନ୍ତି ଯେ ତାହା ହଳଦିଆ ହାଡୁଡ଼ି ଚଢ଼େଇ ଗୁଣଚରିତ୍ର ଅଟେ, ସେ ଯେଉଁପ୍ରକାରେ ଉଡ଼ିଥାଏ ।

17 ଯଦି ଆପଣ ସେହି—ସେହି ବାଟୋହୀ ପକ୍ଷୀକୁ ଧ୍ୟାନ ଦେବେ ଯେତେବେଳେ ସେ ବାହାରକୁ ଆସେ, ସେ ଯେପରି ଭାବରେ ଉପରକୁ ଆସିଥାଏ । ଆଉ ତା' ପରେ ଦେଖନ୍ତୁ ଯଦି ଆପଣ ଏକ ସନ୍ତସନ୍ତିଆ ସ୍ଥାନରେ ଅଛନ୍ତି, ଯେଉଁଠାରେକି ହୋଇପାରେ ବାଟୋହୀ ପକ୍ଷୀ ଥିବ, ଓ ଏକ—ଓ ଏକ ସ୍ନାଇପ୍ ପକ୍ଷୀ ଥିବ । ଆପଣ ଶିକାରୀମାନେ ତାହା ଜାଣନ୍ତି । ୱିଲସନ୍ ସ୍ନାଇପ୍ ଏବଂ ଜ୍ୟାକସ୍ନାଇପ୍ ପକ୍ଷୀମାନେ, ସେମାନେ ଆପଣାକୁ ଯେଉଁପ୍ରକାରେ ସେମାନେ ବାହାରକୁ ଆସିଥା'ନ୍ତି ଏବଂ ଯେଉଁପ୍ରକାରେ ସେମାନେ ଗମନାଗମନ କରିଥା'ନ୍ତି ସେଥିରେ ପରିଚିତ କରାଇଥା'ନ୍ତି । ସେମାନେ ସେମାନଙ୍କର ଉଡ଼ିବାର ଗୁଣଚରିତ୍ର ଦ୍ୱାରା, ଯେ ସେମାନେ କେଉଁ ପ୍ରକାରର ଏକ ପକ୍ଷୀ ଅଟନ୍ତି ତାହା ଚିହ୍ନତ କରାଇଥା'ନ୍ତି । ତେଣୁକରି, ଯଦି ଆପଣ କେବଳ ସେଗୁଡ଼ିକୁ ଶୁଣିବେ, ଆପଣ କହିପାରିବେ ଯେ ତାହା କ'ଣ ଥିଲା, ସେ ଯେପ୍ରକାର ଭାବରେ ବାହାରକୁ ଯାଏ, ତା'ର ଉଡ଼ିବାର ଗୁଣଚରିତ୍ର ଦ୍ୱାରା ଆପଣ କହିପାରିବେ ଯେ ସେ କ'ଣ ଅଟେ ।

18 ଯେପରିକି ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀ । ସେମାନେ ଦୁହେଁ ମଣିଷ ଅଟନ୍ତି, ମାତ୍ର ଜଣେ ସ୍ତ୍ରୀର ଜଣେ ପୁରୁଷଠାରୁ ଭିନ୍ନ ଗୁଣଚରିତ୍ରମାନ ରହିଥାଏ । ମୁଁ ଏଠାରେ କିଛି ସମୟ ପୂର୍ବରୁ, ଶଲୋମନ ଏବଂ ସେହି ରାଣୀ ବିଷୟରେ, ପାଠ କରୁଥିଲି । ମୁଁ ଏଠାରେ ଆପଣମାନଙ୍କ ନିକଟରେ, ମୋ'ର ଛୋଟ ବାର୍ତ୍ତାଟିକୁ ପ୍ରଚାର କରିବା ପାଇଁ କେବେବି ଆସିପାରି ନାହିଁ, ସେହି ଦକ୍ଷିଣ ଦେଶର ରାଣୀ ବିଷୟରେ, ଯିଏକି ଶଲୋମନଙ୍କୁ ଦେଖା କରିବାକୁ ଆସିଥିଲେ, ଏବଂ ହୃଦୟର ଗୁପ୍ତ ବିଚାରକୁ ଜାଣିବାର ସେହି ବରଦାନକୁ ଦେଖିଥିଲେ । ମୁଁ ଏଠାରେ କିଛି ସମୟ ପୂର୍ବରୁ, ତାହା ବିଷୟରେ ପାଠ କରୁଥିଲି, ଏବଂ ସେମାନେ କହୁଥିଲେ, ଯେ, "ଶଲୋମନଙ୍କ ସମ୍ମୁଖରେ ରଖାଯାଇଥିବା ପ୍ରହେଳିକାମାନଙ୍କ ମଧ୍ୟରୁ ଗୋଟିଏ, ଥିଲା, ଏହି ରାଣୀ ଜଣେ ମହିଳାକୁ ନେଇଥିଲେ, କିମ୍ବା ମହିଳାମାନଙ୍କୁ ନେଇଥିଲେ, ବରଂ, ଆଉ ସେମାନଙ୍କୁ ପୁରୁଷ ପରି ବସ୍ତ୍ର ପରିଧାନ କରାଇଥିଲେ ।"

19 ତେବେ, ତାହା ସେହି ଦିନ ପାଇଁ ଅଜଣା ଥିଲା, ମାତ୍ର ତାହା ଆଜିର ଦିନ ପାଇଁ, ନିଶ୍ଚିତ ଭାବରେ ନୀତି-ଚଳ-ପ୍ରଚଳନ ଅଟେ । ଆଉ—ଆଉ ଆପଣମାନେ ଜାଣନ୍ତି ଯେ ତାହା ଭୁଲ୍ ଅଟେ । ବାଇବଲ କହେ ଯେ ଜଣେ ସ୍ତ୍ରୀଲୋକକୁ ତାହା କରିବା ଉଚିତ୍ ନୁହେଁ । "ଜଣେ ସ୍ତ୍ରୀଲୋକ ପାଇଁ ଜଣେ ପୁରୁଷର ଏକ ପୋଷାକ ପିନ୍ଧିବା ତାହା ଏକ ଘୃଣାର ବିଷୟ ଅଟେ ।" ଆଉ ସେହି ଅପରିବର୍ତ୍ତନୀୟ ପରମେଶ୍ୱର ତାହା କହିଥିଲେ, ଏଣୁ ତାହା ସତ୍ୟ ଅଟେ ।

20 ଏଣୁ ଆମେମାନେ ପାଉ ଯେ ଶଲୋମନ, ସେମାନଙ୍କୁ ଦେଖିବା କ୍ଷଣି ହିଁ, ସେ ସେମାନଙ୍କୁ ଚାଲିବା ପାଇଁ ଅବା କିଛି କରିବା ପାଇଁ କହିଥିଲେ, ଏବଂ ତତ୍କ୍ଷଣାତ୍ କହି ଉଠିଥିଲେ, "ଏମାନେ ତ ସ୍ତ୍ରୀଲୋକମାନେ ଅଟନ୍ତି ।" ଦେଖନ୍ତୁ, ସେ ତ ସେହି ସ୍ତ୍ରୀର ଗୁଣଚରିତ୍ରରୁ ତାହା

କହିପାରିଥିଲେ, ଯେପରି ଭାବରେ ସେ ନିଜକୁ ପରିଚାଳନା କରିଥିଲେ, ଯେ ସେ ସ୍ତ୍ରୀଲୋକ ଥିଲେ ଏବଂ ପୁରୁଷ ନ ଥିଲେ ।

21 ଆଉ ତେବେ ଅଧିକାଂଶ ଯେକୌଣସି ବିଷୟ ସେହିପରି ଭାବରେ, ତାହାର ଗୁଣଚରିତ୍ରମାନ ସହିତ ରହିଛି । ଯେପରିକି ଅନେକ ଲୋକ ବାମ-ହାତୀ ଅଟନ୍ତି, ଏବଂ ଡାହାଣ-ହାତୀ ଅଟନ୍ତି । ସେମାନେ ନିଜକୁ ଯେଉଁପରି ଭାବରେ ପରିଚାଳନା କରନ୍ତି ଏହା ତା'ର ଗୁଣଚରିତ୍ର ଅଟେ । ଆପଣ କହିପାରନ୍ତି ଯେ ଏହା ଜଣେ ଡାହାଣ- କିମ୍ବା ସେହି ବାମ-ହାତୀ ବ୍ୟକ୍ତି ଅଟେ, ଯେପରି ଭାବରେ ସେମାନେ ନିଜ ନିଜକୁ ବ୍ୟବହାରରେ ଆଣନ୍ତି, ଯେଉଁପ୍ରକାରେ ସେମାନେ ସବୁବେଳେ ସେହି ବାମ ହାତ କିମ୍ବା ଡାହାଣ ହାତରେ କିଛି କରିବାକୁ ଯାଇଥାଆନ୍ତି ।

ଆଉ ମନେରଖନ୍ତୁ ଯେ, ଯୀଶୁଙ୍କର ସେହିପରି କିଛି ଗୋଟାଏ ଥିଲା, ଯେ...

22 ଦୁଇଟି ଯାକ ହାତ ପ୍ରାୟଃ ପ୍ରାୟଃ...ସେମାନେ ସମାନ ଅଟନ୍ତି । ସେମାନଙ୍କର ସମାନ ପ୍ରକାରର ବୁଢ଼ା ଆଙ୍ଗୁଠିଛାପ ଥାଏ, ଆଙ୍ଗୁଳିଛାପମାନ ରହିଥାଏ, ପାଞ୍ଚୋଟି ଆଙ୍ଗୁଠି ଥାଏ; କାନି, ତର୍ଜନୀ, ଏବଂ ଇତ୍ୟାଦି । ଠିକ୍ ଯେପରି ଡାହାଣ ହାତ ଏବଂ ବାମ ହାତରେ ସମାନ ପ୍ରକାରର ଆଙ୍ଗୁଠିମାନ ଥାଏ, ସାଧାରଣତଃ, ସମାନ ଆକାରର ହାତ ଥାଏ, ଅବିକଳ ଠିକ୍ ସମାନ ରହିଥାଏ । ଆଉ ସେମାନଙ୍କ ମଧ୍ୟରେ ସେଠାରେ, କେବଳ ଗୋଟିଏ ମାତ୍ର ପାର୍ଥକ୍ୟ ଥାଏ, ତାହା ହେଲା ଗୋଟିଏଟି ବାମ ଏବଂ ଅନ୍ୟଟି ଡାହାଣ ଅଟେ । ତାହାହିଁ କେବଳ ଏକମାତ୍ର ପାର୍ଥକ୍ୟ ଅଟେ ଯାହାକି ଆପଣ କହିପାରନ୍ତି । ଗୋଟିଏଟି ବାମ, ଅନ୍ୟଟି ଡାହାଣ ଅଟେ ।

23 ଏଣୁ ତେବେ ସେଥିରେ, ଯୀଶୁ କହିଲେ...ମୁଁ ଏଠାରେ ଗୋଟିଏ ଧ୍ୟାନଯୋଗ୍ୟ ବିଷୟ କହିପାରେ । ଯୀଶୁ, ମାଥିଉ 24ରେ କହିଲେ, ଯେ, "ଶେଷ ଦିନମାନଙ୍କରେ ଆତ୍ମାଙ୍କର ଗୁଣଚରିତ୍ର କିଛି ମାତ୍ରାରେ ଏକ ସମାନ ହେବ, ଏତେ ନିକଟତର ହେବ ଯେ ଯଦି ସମ୍ଭବ ହୁଏ ତାହା ମନୋନୀତ ଲୋକମାନଙ୍କୁ ସୁଦ୍ଧା ଭ୍ରାନ୍ତ କରି ପକାଇବ ।" ଦେଖନ୍ତୁ, ସେମାନେ ତ କେବଳ...

24 ଆପଣ ନିଜର ହାତକୁ ନିଅନ୍ତୁ ଏବଂ ତା'କୁ ଠିକ୍ ଉପରକୁ ଉଠାନ୍ତୁ । ଦେଖନ୍ତୁ, ଯଦି ଆପଣ ଧ୍ୟାନ ନ ଦେବେ, ତେବେ ସେମାନଙ୍କ ମଧ୍ୟରୁ ଗୋଟିଏଟି ଠିକ୍ ଅନ୍ୟ ପରି ଦେଖାଯାଏ, ସମସ୍ତ ପ୍ରକାରରେ, କିନ୍ତୁ ସେମାନଙ୍କ ମଧ୍ୟରୁ ଗୋଟିଏଟି ବାମ ଅଟେ ଏବଂ ଅନ୍ୟଟି ଡାହାଣ ଅଟେ ।

25 ଠିକ୍ ସେହି ପ୍ରକାରେ ଆତ୍ମାମାନେ ଶେଷ ଦିନରେ ଅଟନ୍ତି । ସେମାନେ କିଛି ମାତ୍ରାରେ ଏକ ସମାନ ଅଟନ୍ତି, ମାତ୍ର ସେମାନଙ୍କର ଏକ ଗୁଣଚରିତ୍ର ଅଛି ଯାହାକି ସେମାନଙ୍କୁ ଚିହ୍ନିତ କରିଥାଏ । ଜଣେ ଠିକ୍ ଅଟେ, ଏବଂ ଅନ୍ୟଟି ଭୁଲ୍ ଅଟେ, ଆଉ ଏହା ତାଙ୍କର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଯାଇପାରେ ।

26 ପରମେଶ୍ୱରଙ୍କ ଆତ୍ମାକୁ ତାହାଙ୍କର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଯାଇପାରେ। ଦେଖନ୍ତୁ? ପରମେଶ୍ୱରଙ୍କ ଆତ୍ମା, ଏବଂ ମଣ୍ଡଳୀର ଆତ୍ମା। ଗୋଟିଏ ମଣ୍ଡଳୀର ଆତ୍ମା ଅଛି, ଏବଂ ଗୋଟିଏ ପରମେଶ୍ୱରଙ୍କ ଆତ୍ମା ଅଛି ଯାହାକି ଆଦୌ, ସେହି ମଣ୍ଡଳୀର ଆତ୍ମା ପରିକା ନୁହେଁ।

ସେଠାରେ ଏକ ନାମଧାରୀ ସଙ୍ଗଠନର ଆତ୍ମା ଅଛି।

27 ଏକ ରାଷ୍ଟ୍ରୀୟ ଆତ୍ମା ଅଛି। ରାଷ୍ଟ୍ରର ଏକ ଆତ୍ମା ଅଛି। ପ୍ରତ୍ୟେକ ରାଷ୍ଟ୍ର, ଯେତେବେଳେ ମୁଁ ସେଠାକୁ ମୁଁ ଯାଏ, ଆପଣ ସେଠାକୁ ପ୍ରବେଶ କରନ୍ତି, ଆପଣ ଏକ ଭିନ୍ନ ଆତ୍ମା ପାଆନ୍ତି। ମୁଁ ଫିନଲ୍ୟାଣ୍ଡକୁ ଗଲି, ଉତ୍ତମ ଲୋକମାନେ, କିନ୍ତୁ ସେଠାରେ ଏକ ଫିନଲ୍ୟାଣ୍ଡର ଆତ୍ମା ଥିଲା। ମୁଁ ଜର୍ମାନୀକୁ ଯାଏ, ସେଠାରେ ଏକ ଜର୍ମାନ ଆତ୍ମା ଅଛି।

28 ଏଠାରେ କିଛି ସମୟ ପୂର୍ବରୁ, ମୁଁ ପତ୍ନୀଙ୍କ ସହ ଯାଉଥିଲି, ପ୍ରାୟଃ ଦୁଇ ବର୍ଷ ପୂର୍ବେ, ଯେତେବେଳେ ଆମେ ଇଣ୍ଡିୟାନାରେ ରହୁଥିଲୁ, ଗୋଟିଏ ଛୋଟ ବୃହତବଜାରକୁ। ମୁଁ ଠିକ୍ ଘରକୁ ଫେରିଥିଲି। ଆମକୁ କିଛି ଖାଦ୍ୟ ଆଣିବାକୁ ଯିବାକୁ ପଡ଼ିଥିଲା। ଏବଂ ସେଠାରେ ମୋ'ର ରାସ୍ତାରେ, ଆମେ...ଏହା ଗ୍ରୀଷ୍ମକାଳ ଥିଲା, ଆପଣ ହୁଏତ ଏହାକୁ ବିଶ୍ୱାସ ନ କରିପାରନ୍ତି, ମାତ୍ର ଆମେ ଜଣେ ମହିଳାଙ୍କୁ ପାଇଲୁ ଯିଏକି ଗୋଟିଏ ପୋଷାକ ପିନ୍ଧିଥିଲେ। ଆଉ ତାହା ଅତି ବିଚିତ୍ର ଥିଲା, ମୁଁ...ଏହା ମୋତେ ହୃଦାଘାତ ଦେଲା ଭଳି କଲା। ମୁଁ—ମୁଁ କହିଲି, "ସେଠାକୁ ଦେଖ, ତାହା ବିଚିତ୍ର ମନେ ହୁଏ, ସେହି ସ୍ତ୍ରୀଲୋକଟି ଗୋଟିଏ ପୋଷାକ ପିନ୍ଧିଛି।" ଅବଶିଷ୍ଟ ସେମାନେ ଏପରି ପୋଷାକ ପିନ୍ଧିଥିଲେ ଯାହା ନ ଥିଲା...ସ୍ତ୍ରୀ ପାଇଁ ଉପଯୁକ୍ତ ନ ଥିଲା। ଆଉ—ଆଉ ସେ କହିଲେ...ମୁଁ କହିଲି, "ତେବେ, ତାହା ତ ଆମେରିକୀୟ ଆତ୍ମା ହିଁ ଅଟେ, ଦେଖନ୍ତୁ, ଆମେରିକାର ଆତ୍ମା।"

29 ତେବେ, ଆମେରିକାର ଆତ୍ମା, ଏହାକୁ ତ ଏକ...ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ହେବାକୁ ଥିଲା, ମାତ୍ର ଏହି ରାଷ୍ଟ୍ରର ଆତ୍ମା ଖ୍ରୀଷ୍ଟିଆନ ନୁହେଁ। ଏହା ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର ବୋଲି କୁହାଯାଉ ଥାଇପାରେ, ମାତ୍ର ଏହା ଚରିତ୍ରଗତ ବୈଶିଷ୍ଟତାରେ, ତା' ଠାରୁ ଲକ୍ଷ ଲକ୍ଷ ମାଇଲ୍ ବାଟ ଦୂରରେ ଅଟେ। ଏଣୁ, ଏହି ସ୍ତ୍ରୀଲୋକଟି, ମୁଁ କହିଲି...

ସେ କହିଲେ, "ତେବେ, କ'ଣ ଆମେ ଆମେରିକୀୟ ନୋହୁଁ କି?"

30 କହିଲି, ମୁଁ କହିଲି, "ନା। ଆମେ ଏଠାରେ ବସବାସ କରୁଛୁ। ଏହା ଆମର ଦେଶ ଅଟେ। ଆମେ—ଆମେ—ଆମେ ଏଥିରେ ରହିଥାଉ। ଆମେ ଏହାକୁ ଭଲ ପାଉ। ଏହା ଦୁନିଆର ସର୍ବୋତ୍ତମ ରାଷ୍ଟ୍ର ଅଟେ। ମାତ୍ର, ତଥାପି, ଆମେମାନେ ଆମେରିକୀୟ ନୋହୁଁ।" ମୁଁ କହିଲି, "ଆମମାନଙ୍କର ଜନ୍ମ ଉର୍ଦ୍ଧ୍ୱରୁ ଅଟେ। ପବିତ୍ରଆତ୍ମା ତଳକୁ ଓହ୍ଲାଇ ଆସିଛନ୍ତି, ଓ ଆମେମାନେ ଏକ ରାଜ୍ୟର ଲୋକ ଅଟୁ। ତାହା ଏହି ଜଗତର ନୁହେଁ।" ମୁଁ କହିଲି, "ତାହାହିଁ ତ ସେହି କାରଣ ଯେ ଆମର ଭଉଣୀମାନେ ଉପଯୁକ୍ତ ପୋଷାକ ପିନ୍ଧନ୍ତି, ଲମ୍ବା କେଶ ରଖନ୍ତି,

ସୌନ୍ଦର୍ଯ୍ୟ-ପ୍ରସାଧନ ଲଗାନ୍ତି ନାହିଁ । ଦେଖନ୍ତୁ, ସେମାନଙ୍କର ଗୁଣଚରିତ୍ରମାନ ସେମାନଙ୍କୁ ଊର୍ଦ୍ଧ୍ୱରୁ ଆସିଥିବା, 'ପ୍ରଭୁଙ୍କ ପ୍ରତି ପବିତ୍ରତା,' ବୋଲି ଚିହ୍ନିତ କରେ ।"

31 ଏଣୁ, ଆମେମାନେ ଏକ ରାଜ୍ୟ ଅନ୍ୱେଷଣ କରୁଅଛୁ । ଆମେମାନେ ଏକ ରାଜାର ଅନ୍ୱେଷଣ କରୁଅଛୁ ଯେ ସେ ଆସିବେ ଏବଂ ତାହାଙ୍କର ପ୍ରଜାମାନଙ୍କୁ ନିଜର ରାଜ୍ୟ ମଧ୍ୟକୁ ଗ୍ରହଣ କରିନେବେ । ଆଉ ସେମାନଙ୍କର—ସେମାନଙ୍କର ଗୁଣଚରିତ୍ର ଦ୍ୱାରା ସେମାନେ ଚିହ୍ନିତ ହୋଇଥା'ନ୍ତି, ଯେ ସେମାନଙ୍କର ଧନଗୁଡ଼ିକ ଏହି ପୃଥିବୀର କିମ୍ବା ଏହି ରାଷ୍ଟ୍ରର ନୁହେଁ । ଏହା ତ ଊର୍ଦ୍ଧ୍ୱରୁ, ମହିମାରେ ଅଟେ । ଏଣୁକରି, ସେମାନେ, "ସେମାନେ ଏପରି ଏକ ନଗର ଅନ୍ୱେଷଣ କରନ୍ତି ଯାହାର ନିର୍ମାଣକାରୀ ଏବଂ ନିର୍ମାତା ପରମେଶ୍ୱର ଅଟନ୍ତି ।" ସେମାନେ ଯଥୋଚିତ ଭାବରେ ଚିହ୍ନିତ କରାଯାଇଥା'ନ୍ତି ।

32 ମୋ'ର ଇଚ୍ଛା ଯେ କାଳେ ମୋ' ପାଖରେ ଆପଣମାନଙ୍କୁ ପ୍ରଚାର କରିବା ନିମନ୍ତେ କୌଣସି ରାତ୍ରିରେ ଯଥେଷ୍ଟ ସ୍ୱର ଥାଆନ୍ତା । ମାତ୍ର ମୁଁ—ମୁଁ ସେଥିରୁ ଓହରି ଯାଉଅଛି । ତେବେ, ଆପଣାର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହେବା ।

33 ଆମେମାନେ ଏଠାରେ ଇସ୍ରାଏଲର ସମୟରେ ଏକ ଭଲ ଉଦାହରଣଟିଏ ପାଉ, ଯେତେବେଳେ ସେମାନେ ପ୍ରତିଜ୍ଞାତ ଦେଶକୁ ଆସୁଥିଲେ । ଆଉ ପରମେଶ୍ୱର ନିଜର ପ୍ରତିଜ୍ଞା ଅନୁଯାୟୀ ସେମାନଙ୍କୁ ଡାକିଥିଲେ । ସେ ଅବ୍ରହାମଙ୍କୁ କହିଥିଲେ ଯେ, ସେ କରିବେ...ତା'ର ବଂଶ ଏହି ବିଦେଶୀ ରାଷ୍ଟ୍ରରେ, ଚାରି ଶହ ବର୍ଷ ପର୍ଯ୍ୟନ୍ତ ରହିବେ, ଆଉ ତା'ପରେ ସେ ତାଙ୍କୁ ଏକ ଶକ୍ତିଶାଳୀ ହସ୍ତରେ ଉଦ୍ଧାର କରିବେ, ଏବଂ ସେମାନେ ଏକ ଦେଶକୁ ଯିବେ, ଯାହାକି ସେତେବେଳେ, ପ୍ରତିଜ୍ଞା କରାଯାଇଥିଲା, ଯେ ତାହା ଦୁଗ୍ଧମଧୁରେ ପ୍ରବାହିତ ହେଉଥିଲା । ଆଉ ତା'ପରେ ଯେତେବେଳେ ପ୍ରତିଜ୍ଞାର ସମୟ ପାଖେଇ ଆସିଲା, ସେଠାରେ ଏପରି ଜଣେ—ଜଣେ ଫାରୋ ଆସିଲେ ଯିଏକି ଯୋଷେଫଙ୍କର ମହାନ ସେବାକାର୍ଯ୍ୟକୁ ଚିହ୍ନିଲେ ନାହିଁ ଯାହାକି ସେମାନଙ୍କ ମଧ୍ୟରେ ତାହାଙ୍କର ରହିଥିଲା ।

34 ପୁଣି, ଏହା ହେଲା, ପରମେଶ୍ୱର ମୋଶା ନାମକ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇଲେ । ଆଉ ଏହି ବ୍ୟକ୍ତି ମିସରୀୟମାନଙ୍କ ସମସ୍ତ ଜ୍ଞାନରେ ଶିକ୍ଷା ପ୍ରାପ୍ତ ହୋଇଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମାତ୍ର ସେ ଜଣେ ମହାନ, ପ୍ରବୀଣ ବୁଦ୍ଧିର, ବୁଦ୍ଧିଜୀବୀ ବ୍ୟକ୍ତି ଥିଲେ, କାରଣ ସେ ମିସରୀୟମାନଙ୍କୁ ଜ୍ଞାନ ଶିକ୍ଷା ଦେଇ ପାରୁଥିଲେ । ଏପରି ଦିଶୁଥିଲା ଯେ ଉଦ୍ଧାର ସାଧନ ନିମନ୍ତେ ଜଣେ ଉପଯୁକ୍ତ—ସଠିକ୍ ବ୍ୟକ୍ତି ଥିଲେ ।

35 ମାତ୍ର, ଆପଣ ଦେଖନ୍ତୁ, ଯାହାକୁ ଆମେ ଉଦ୍ଧାର ବୋଲି କହିଥାଉ, ଏବଂ ପରମେଶ୍ୱର ଯାହାକୁ ଉଦ୍ଧାର ବୋଲି କହିଥା'ନ୍ତି, ସେଥିରେ କିଛି ପାର୍ଥକ୍ୟ ଅଛି ।

36 ବର୍ତ୍ତମାନ ଏହି ବ୍ୟକ୍ତିଙ୍କୁ ତାଙ୍କର ସମସ୍ତ ନୈତିକତା ସହିତ ଦେଖନ୍ତୁ । ସେ ଜାଣିଥିଲେ ଯେ ସେ ଇସ୍ରାଏଲ ସନ୍ତାନମାନଙ୍କୁ ଉଦ୍ଧାର କରିବା ପାଇଁ ଜନ୍ମ ହୋଇଛନ୍ତି । ତଥାପି, ତାଙ୍କର ସମସ୍ତ ଶିକ୍ଷା ସହିତ, ତାହାହିଁ ସମସ୍ତ କିଛି ଥିଲା ଯାହା ସେ ଜାଣିଥିଲେ, ଆଉ ଏହା ଜାଣିଥିଲେ ଯେ

ସେ ଏହି କାର୍ଯ୍ୟ କରିବା ପାଇଁ ପରମେଶ୍ୱରଙ୍କଠାରୁ ଆହୂତ ହୋଇଛନ୍ତି, ତାଙ୍କ ପାଖରେ ତାଙ୍କର ସବୁକିଛି ବିଷୟ ରହିଥିଲା…ତାଙ୍କ ପାଖରେ ତାଙ୍କର କଳା ସ୍ନାତକୋତ୍ତର ଶିକ୍ଷା, ଏବଂ ତାଙ୍କର ପିଏଚ.ଡି. ଶିକ୍ଷା, ପୁଣି ଏଲ୍‌ଏଲ୍. ଡି. ଶିକ୍ଷା, ଓ ପ୍ରଭୃତିସବୁ ରହିଥିଲା । ଆଉ ସେ ଇସ୍ରାଏଲକୁ ଉଦ୍ଧାର କରିବା ନିମନ୍ତେ ବାହାରି ଗଲେ, ଓ ଏକ ସମ୍ପୂର୍ଣ୍ଣ ବିଫଳ ସିଦ୍ଧ ହେଲେ ।

37 ତେବେ ଧ୍ୟାନ ଦିଅନ୍ତୁ, ଏପରି ଦିଶୁଥିଲା, ଯେ ସେ ଫାରୋ ହେବା ନିମନ୍ତେ, ମିସରର ସିଂହାସନ ଉପରେ ତାଙ୍କର ଗୋଟିଏ ପାଦ ରହିଛି, ପୁଣି ସେ ଫାରୋ ହେବା ପରେ ଇସ୍ରାଏଲର ସନ୍ତାନମାନଙ୍କୁ ଉଦ୍ଧାର କରି ପାରିଥା'ନ୍ତେ, କାରଣ ସେ ସେହି ସିଂହାସନର ଉତ୍ତରାଧିକାରୀ ହେବା ନିମନ୍ତେ—ହେବା ନିମନ୍ତେ ପରବର୍ତ୍ତୀ ବ୍ୟକ୍ତି ଥିଲେ । ମାତ୍ର, ଆପଣମାନେ ଦେଖନ୍ତୁ ଯେ, ସେହି ଉପାୟରେ ତାହା କରିଥିଲେ, ତାହାଙ୍କର ଲୋକମାନଙ୍କୁ ଉଦ୍ଧାର କରିବାରେ ପରମେଶ୍ୱରଙ୍କ ଗୁଣଚରିତ୍ରକୁ ତାହା ଚିହ୍ନିତ କରି ନ ଥା'ନ୍ତା ।

38 ସେ କହିଥିଲେ ଯେ ସେ ସେମାନଙ୍କୁ ଉଦ୍ଧାର କରିବେ । ସେ "ସେମାନଙ୍କୁ ଏକ ଶକ୍ତିଶାଳୀ ହସ୍ତରେ ଉଦ୍ଧାର କରିବେ," ମୋଶାଙ୍କ ଦ୍ୱାରା ଏକ ଶକ୍ତିଶାଳୀ ସୈନ୍ୟବାହିନୀ ସହିତରେ ନୁହେଁ, ବରଂ ପରମେଶ୍ୱରଙ୍କ ଏକ ଶକ୍ତିଶାଳୀ ହସ୍ତରେ କରିବେ ।

39 ଆମେମାନେ ପାଉ ଯେ ଏହି ଭବିଷ୍ୟଦ୍‌ବକ୍ତା ପଳାୟନ କଲେ ଓ ଚାଳିଶ ବର୍ଷ ଯାଏ ମରୁଭୂମିରେ ରହିଲେ । ତାଙ୍କ ଭିତରେ ଏକ ଶିକ୍ଷାକୁ ପୂରାଇବା ନିମନ୍ତେ ଫାରୋଙ୍କୁ ଚାଳିଶ ବର୍ଷ ସମୟ ଲାଗିଥିଲା, ଆଉ ପରମେଶ୍ୱରଙ୍କୁ ତାଙ୍କଠାରୁ ତାହା ଖୋଳି ବାହାର କରିବା ପାଇଁ ଚାଳିଶ ବର୍ଷ ସମୟ ଲାଗିଲା । ଏଣୁ ଆମେମାନେ ପାଇଲୁ, ଯେ ଦିନେ, ସେ, ମରୁଭୂମିର ସେହି ପଛପଟରେ, ପ୍ରଭୁ ପରମେଶ୍ୱରଙ୍କୁ ଏକ ଜ୍ୱଳନ୍ତା ବୁଦାରେ, ବୁଦାରେ ରହିଥିବା ଏକ ଅଗ୍ନିସ୍ତମ୍ଭ ରୂପରେ ସାକ୍ଷାତ କଲେ । ଏବଂ ତାଙ୍କୁ ତାଙ୍କର ପାଦୁକାଗୁଡ଼ିକୁ କାଢ଼ିବା ପାଇଁ କୁହାଗଲା, ଯେହେତୁ, ସେ ଯେଉଁ ଭୂମିରେ ଛିଡ଼ା ହୋଇଥିଲେ ତାହା ପବିତ୍ର ଥିଲା । ତେବେ ଏହି ଉତ୍ତମ, ସୁସଂସ୍କୃତ, ଶିକ୍ଷିତ ବ୍ୟକ୍ତିଙ୍କୁ ଦେଖନ୍ତୁ, ଯାହାକି ସେ ରହିଥିଲେ, ମାତ୍ର ତାଙ୍କର ପରମେଶ୍ୱରଙ୍କ ସହିତ ସାକ୍ଷାତ ହେବା ପରେ ତାଙ୍କର ଗୁଣଚରିତ୍ରଗୁଡ଼ିକର ପରିବର୍ତ୍ତନକୁ ଦେଖନ୍ତୁ । ସେ ସର୍ବାଧିକ କରିଥିଲେ…

40 ବେଳେବେଳେ ପରମେଶ୍ୱର ଏପରି ସରଳ ଉପାୟରେ କାର୍ଯ୍ୟ କରିଥା'ନ୍ତି, ଆଉ ଶାରୀରିକ ଚିନ୍ତାଧାରାବିଶିଷ୍ଟଙ୍କ ପ୍ରତି, ତାହା ଏପରି ମୂର୍ଖ ଉପାୟରେ ପରି ଲାଗିଥାଏ । ଧ୍ୟାନ ଦିଅନ୍ତୁ ଯେ ଏପରି ଜଣେ ବ୍ୟକ୍ତି ଯିଏକି ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ; ଯାହାଙ୍କ ପାଖରେ ସମସ୍ତ ମିସରର ସୈନ୍ୟନ୍ୟବାହିନୀ ଏବଂ ତାଙ୍କ ଚାରିପାଖରେ ସମସ୍ତ ବିଷୟ ରହିଥିଲା ଯେ ପରମେଶ୍ୱରଙ୍କ ଇଚ୍ଛାକୁ ସାଧନ କରନ୍ତେ, ତାଙ୍କର ସମସ୍ତ ଶିକ୍ଷା ସହିତ, ଚାଳିଶ ବର୍ଷ ବୟସରେ, ତାଙ୍କର ଯୌବନାବସ୍ଥାର ଚରମରେ । ଏଠାରେ ସେ, ଅଶୀ ବର୍ଷ ବୟସରେ, ପରଦିନ ସକାଳରେ, ତାଙ୍କର ପତ୍ନୀଙ୍କୁ ଖଚର ଉପରେ ବସାଇ, ପୁଣି ତାଙ୍କ ଜଂଘ ଉପରେ ଜଣେ ବାଳକକୁ ବସାଇ, ଏବଂ ନିଜ ହାତରେ ଗୋଟିଏ ବାଡ଼ି ଧରି, ମିସରକୁ ଜୟ କରିବା

ନିମନ୍ତେ, ସେଠାକୁ ଯାଉଥିଲେ । ଆପଣ ଏକ ହାସ୍ୟାସ୍ପଦ ଦୃଶ୍ୟ ବିଷୟରେ କୁହନ୍ତି! ମାତ୍ର ତାହା ତ ପରମେଶ୍ୱରଙ୍କ ଗୁଣଚରିତ୍ରଗୁଡ଼ିକୁ ପ୍ରଦର୍ଶନ କରୁଥିଲା, କାରଣ ତାହାଙ୍କ ପାଖରେ ଏପରି ଜଣେ ବ୍ୟକ୍ତି ଥିଲେ ଯିଏକି ତାହାଙ୍କର ବାକ୍ୟକୁ ବିଶ୍ୱାସ କରୁଥିଲେ । ତାହାହିଁ ସବୁକିଛି ଅଟେ । ଏହାର ସାରାଂଶଟି ହେଲା, କ'ଣ ଆପଣ ଗୋଟିଏ-ବ୍ୟକ୍ତିଙ୍କର ମିସର ଉପରେ ବିଜୟ ଅଭିଯାନ ନିମନ୍ତେ ଯାଉଥିବାର ବିଷୟକୁ କଳ୍ପନା କରିପାରନ୍ତି କି, ଯେଉଁଠାରେକି, ଏକ ସୈନ୍ୟବାହିନୀ ବିଫଳ ହୋଇଥିଲା? ମାତ୍ର ତାହା କ'ଣ ଥିଲା? ତାଙ୍କର ଗୁଣଚରିତ୍ର, ତାଙ୍କର କୌଶଳମାନ ପରିବର୍ତ୍ତନ ହୋଇଥିଲା । ସେ ପ୍ରଭୁଙ୍କ ନାମରେ ଯାଉଥିଲେ, "ମୁଁ ଯେ ଅଟେ ମୁଁ ସେ ଅଟେ ।" ଏହାର ସମୂଳ ବିଷୟ ହେଲା, ସେ ଜୟପ୍ରାପ୍ତ କଲେ । ସେ ତାହା କଲେ, କାରଣ ସେ ପ୍ରଭୁଙ୍କ ସାମର୍ଥ୍ୟରେ ଯାଉଥିଲେ ।

41 ଇସ୍ରାଏଲକୁ ସେହି ପ୍ରତିଜ୍ଞାତ ଦେଶକୁ ନେଇଯିବାର, ତାଙ୍କର ମାର୍ଗରେ, ସେ ନିଜ ଭାଇର ସମ୍ପର୍କରେ ଆସିଲେ, ତାଙ୍କର ନାମଧାରୀ ଭାଇ, ମୋୟାବ । ତେବେ, ମୋୟାବ, କୌଣସି ପ୍ରକାରେ, ପ୍ରତିମାପୂଜକ ନ ଥିଲେ । ତାହା ତ ଲୋଟଙ୍କ କନ୍ୟାର ସନ୍ତାନମାନେ ଥିଲେ । ସେମାନଙ୍କ ସନ୍ତାନ ମଧ୍ୟରୁ ଜଣେ ମୋୟାବକୁ ଜନ୍ମ ଦେଇଥିଲା—ଦେଇଥିଲା ।

42 ତେବେ, ସେଠାରେ ଉପରେ, ମୁଁ ଚାହେଁ ଯେ ଆପଣ ଏହି ଦୁଇ ରାଷ୍ଟ୍ରକୁ ଲକ୍ଷ୍ୟ କରନ୍ତୁ, କିପରି ସେମାନେ ପରସ୍ପର ବିରୋଧଭାସୀ ଅଟନ୍ତି । ଏଠାରେ ମିସର ଥିଲା, ଗୋଟିଏ ଛୋଟ, ଏଣେ ତେଣେ ବିତରିତ ହୋଇ ରହିଥିବା, ଯିବାକୁ କୌଣସି ଦେଶ ନାହିଁ, କୌଣସି କାର୍ଯ୍ୟନିର୍ବାହୀ କର୍ତ୍ତା ଅବା କୌଣସି ରାଜା ନାହିଁ, ଅବା କିଛି ହିଁ ନାହିଁ, କିମ୍ବା ସେମାନଙ୍କ ମଧ୍ୟରେ କୌଣସି ମାନ୍ୟଗଣ୍ୟ ବ୍ୟକ୍ତିମାନେ ନାହାଁନ୍ତି, କେବଳ ଦଳେ ଲୋକ ଯେଉଁମାନେକି ଏକ ପ୍ରତିଜ୍ଞାତ ଦେଶର ମାର୍ଗରେ ଚାଲୁଛନ୍ତି । ଆଉ ଏଠାରେ ସେମାନଙ୍କୁ ସେହି ମୋୟାବ ଦେଶ ଦେଇ ଯିବାକୁ ପଡ଼ିଥିଲା । ଏହା ଠିକ୍ ସେହି ପ୍ରତିଜ୍ଞାର ମାର୍ଗରେ ରହିଥିଲା ।

43 ପୁଣି ମୋୟାବ, ମଧ୍ୟ, ଯିହୋବାଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନେ ଥିଲେ, ଏବଂ ସେମାନଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ଆଉ ଇସ୍ରାଏଲର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ଉଭୟଙ୍କ ପାଖରେ ଭବିଷ୍ୟଦ୍‌ବକ୍ତାମାନ ଥିଲେ ।

44 ଆଉ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ସେମାନେ ଏପରି ଏକ ସ୍ଥାନକୁ ଆସି ଯାଇଥିଲେ ଯେଉଁଠାରେକି ସଙ୍ଗଠିତ ରାଷ୍ଟ୍ରର ସେହି ଭବିଷ୍ୟଦ୍‌ବକ୍ତା ଏହି ଅନ୍ୟ ରାଷ୍ଟ୍ରକୁ ଅଭିଶାପ ଦେବା ପାଇଁ ଓହ୍ଲାଇ ଆସିଥିଲେ, କାରଣ ଏହା ତ କେବଳ ଏକ ଏସ୍ଥାନ ସେସ୍ଥାନ ଚାଳିତ ହେଉଥିବା ପରି ଥିଲେ, ରହିବାର କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିଲା । ଏଣୁ ସେମାନେ ତଳକୁ ଆସୁଥିଲେ ।

ଆଉ ସେହି ଦୁଇଜଣ ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖନ୍ତୁ: ଯେତେବେଳେ ଏହା ମୌଳିକ ଭାବରେ କଥା କହିବା ବିଷୟ ଆସେ, ସେତେବେଳେ ସେମାନେ ଉଭୟେ ଅବିକଳ ଭାବେ ଠିକ୍ ଥିଲେ । କାରଣ, ଧ୍ୟାନ ଦିଅନ୍ତୁ, ସେହି ବିଶପ୍, ବିଲିୟାମ୍, ତାଙ୍କୁ କହିଥିଲେ, "ତେବେ, ତୁମେ ମୋ' ନିମନ୍ତେ ସାତୋଟି ଯଜ୍ଞବେଦୀ ନିର୍ମାଣ କର ।"

45 ସାତ ସଂଖ୍ୟା ହେଉଛି ପରମେଶ୍ୱରଙ୍କ ସଂପୂର୍ଣ୍ଣ ସଂଖ୍ୟା, ଯାହାକି ସପ୍ତ ମଣ୍ଡଳୀ ଯୁଗମାନକୁ, ସୃଷ୍ଟିର ସାତ ଦିନକୁ, ଇତ୍ୟାଦିକୁ ନିର୍ଦ୍ଦେଶିତ କରେ । ତେବେ ଧ୍ୟାନ ଦିଅନ୍ତୁ, ସାତ, ପରମେଶ୍ୱର ସାତରେ ସମ୍ପୂର୍ଣ୍ଣ ହୁଅନ୍ତି ।

46 "ସାତୋଟି ଯଜ୍ଞବେଦୀ, ଏବଂ ପ୍ରତ୍ୟେକଟି ଯଜ୍ଞବେଦୀ ଉପରେ ଗୋଟିଏ—ଗୋଟିଏ ବଳଦ ରଖ ।" ତେବେ ତାହା ଠିକ୍ ସେହି ସମାନ ବେଦୀ ଥିଲା ଯାହାକି ସେଠାରେ ତଳେ ଇସ୍ରାଏଲର ଛାଉଣିରେ ଥିଲା । ସେଠାରେ ତଳେ ଇସ୍ରାଏଲରେ ସେମାନେ ଠିକ୍ ସେହି ସମାନ ଯଜ୍ଞବେଦୀ କରିଥିଲେ ଯାହାକି ସେମାନେ ଏଠାରେ ଉପରେ କରିଥିଲେ; ଏବଂ ସେହି ସମାନ ବଳିଦାନ, ଗୋଟିଏ ବଳଦ ଏବଂ ଗୋଟିଏ ବଳଦ; ଜଣେ ଭବିଷ୍ୟଦ୍‌ବକ୍ତା ଏବଂ ଜଣେ ଭବିଷ୍ୟଦ୍‌ବକ୍ତା । ଦୁଇଟି ରାଷ୍ଟ୍ର, ପରସ୍ପର ଜଣେ ଅନ୍ୟର ବିରୋଧାଭାସୀ ।

47 ଆମେ ରହୁଥିବା ଦିନର ଏକ ଅତ୍ୟନ୍ତ ସିଦ୍ଧ ଉଦାହରଣ ଅଟେ, ଯଦି ଆମ ପାଖରେ ତାହା ଭିତରକୁ ଯିବା ପାଇଁ ସମୟ ଥିବ । ଧ୍ୟାନ ଦିଅନ୍ତୁ, ପରମେଶ୍ୱର ଏହାକୁ ଦୃଷ୍ଟାନ୍ତରେ କରୁଛନ୍ତି, ଯେପରିକି ଆମେ, ସମାନାନ୍ତର ଭାବରେ ପାଇପାରିବା ।

48 ତେବେ, ପୁଣି, ବିଲିୟାମ ପ୍ରତ୍ୟେକ ଯଜ୍ଞବେଦୀରେ ଏକ ପୁରୁଷ ମେଷ ଆବଶ୍ୟକ କଲେ । ତାହା ତ ଆସୁଥିବା ଜଣେ ମଶୀହଙ୍କ ଉପରେ ତାଙ୍କର ବିଶ୍ୱାସକୁ କହୁଥିଲା । ଏକ ପୁରୁଷ ମେଷ, ଗୋଟିଏ ନର ମେଣ୍ଢା, ତାହା ତ ସେହି ସମାନ ବଳିଦାନ ଥିଲା ଯାହାକି ସେମାନେ ତଳେ ଇସ୍ରାଏଲରେ କରିଥିଲେ; ତଳେ ଇସ୍ରାଏଲର ସେହି ଛାଉଣିରେ, ତାହା ଏଠାରେ ଉପରେ… ମୋୟାବରେ ସମାନ ବିଷୟ ଥିଲା । ସେହି…ମୌଳିକ ଭାବରେ, ସେମାନେ ଦୁହେଁ ଠିକ୍ ଥିଲେ, ମାତ୍ର, ଧ୍ୟାନ ଦିଅନ୍ତୁ, ମୌଳିକ ଭାବରେ ଶିକ୍ଷାରେ ।

49 ମାତ୍ର ଇସ୍ରାଏଲର ଛାଉଣିରେ ଥିବା ଜଣେ ଭବିଷ୍ୟଦ୍‌ବକ୍ତାଙ୍କଠାରେ ପରମେଶ୍ୱରଙ୍କ ଗୁଣଚରିତ୍ର ଥିଲା ଏବଂ ପରମେଶ୍ୱରଙ୍କ ବାକ୍ୟ ଥିଲା । ସେ ସେହି ଯୁଗ ପାଇଁ ପରମେଶ୍ୱରଙ୍କ ପ୍ରତିଜ୍ଞା ସହିତରେ ରହିଥିଲେ, କାରଣ ସେ ପ୍ରତିଜ୍ଞାତ ଦେଶକୁ ଯାଉଥିବାର ଏକ ମାର୍ଗରେ ଥିଲେ । ବୁଝିଲେ?

50 ତେବେ, ମୌଳିକ ଭାବେ କହିବାକୁ ଗଲେ, ବିଲିୟାମ୍, ବାଲାକ୍ ମଧ୍ୟ ସେହିପରି ଭାବରେ ଚିହ୍ନିତ କରାଯାଇ ପାରିଥା'ନ୍ତେ ଯେପରିକି ମୋଶା କରାଯାଇଥିଲେ ।

51 ମାତ୍ର, ଆପଣମାନେ ଦେଖନ୍ତୁ, ମୋଶା, ପରମେଶ୍ୱରଙ୍କ ସେହି ସତ୍ୟ ଭବିଷ୍ୟଦ୍‌ବକ୍ତା ହୋଇଥିବା ହେତୁରୁ, ତାଙ୍କ ପାଖରେ କେବଳ ମୌଳିକ ଅଂଶମାନ ନ ଥିଲା, ବରଂ ପରମେଶ୍ୱରଙ୍କ ପରିଚୟ ରହିଥିଲା । ଦେଖନ୍ତୁ, ସେ କର୍ତ୍ତବ୍ୟର ପଥରେ ଥିଲେ, ଠିକ୍ ଯାହାକି ସେହି ଯୁଗ ପାଇଁ ପ୍ରତିଜ୍ଞା କରାଯାଇଥିଲା; ନୋହଙ୍କ ଯୁଗ ପାଇଁ ନୁହେଁ, ବରଂ ସେତେବେଳେ ସେହି ଯୁଗ ପାଇଁ । "ମୁଁ ତୁମକୁ ଏକ ଦୁଗ୍ଧ ମଧୁ ପ୍ରବାହୀ ଦେଶକୁ ନେଇଯିବି ।" ସେମାନେ ତାଙ୍କର ମାର୍ଗରେ ଯାଉଥିଲେ, ଏବଂ ଇସ୍ରାଏଲ ସେମାନଙ୍କର ଭବିଷ୍ୟଦ୍‌ବକ୍ତା, ମୋଶାଙ୍କ ସହିତରେ ଚିହ୍ନିତ ହୋଇଥିଲେ, ଯିଏକି ସେହି ଯୁଗର ବାର୍ତ୍ତା ସହିତରେ ଥିଲେ । ପରମେଶ୍ୱରଙ୍କ

ଗୁଣଚରିତ୍ର ମୋଶାଙ୍କଠାରେ ଚିହ୍ନିତ ହୋଇଥିଲା । ଏକ ଅଗ୍ନିସ୍ତମ୍ଭ ତାଙ୍କୁ ଅନୁସରଣ କରୁଥିଲେ । ତାଙ୍କ ପାଖରେ ପ୍ରାୟଶ୍ଚିତ ମଧ୍ୟ କାର୍ଯ୍ୟରେ ରହିଥିଲା; କେବଳ ତାହା ବିଷୟରେ କୁହାଯାଉ ନ ଥିଲା, ବରଂ ତାହା କାର୍ଯ୍ୟରେ ରହିଥିଲା । କ'ଣ ହେବ ତାହା ନୁହେଁ; ବରଂ ବର୍ତ୍ତମାନ ତାହା କ'ଣ ହେଉଅଛି!

52 ଧ୍ୟାନ ଦିଅନ୍ତୁ, ତାଙ୍କ ପାଖରେ ଏକ ପିତ୍ତଳ ସର୍ପ ଥିଲା ଯାହାକୁ ଲୋକମାନଙ୍କ ଅସୁସ୍ଥତା ଏବଂ ରୋଗଗୁଡ଼ିକ ପାଇଁ ଉଠା ଯାଇଥିଲା, ଏଣୁ ମୋଶା ଦିବ୍ୟ ଆରୋଗ୍ୟତା ବିଷୟ କାର୍ଯ୍ୟରେ ସାଧନ କରୁଥିଲେ । ତାଙ୍କ ପାଖରେ ପ୍ରାୟଶ୍ଚିତ ଥିଲା, ସେହି ପିତ୍ତଳ ସର୍ପ, ଯାହାକି ଏହାର ପ୍ରତୀକାତ୍ମକ ରୂପ ଥିଲା ଯେ ପରମେଶ୍ୱର ସେହି ଛାଉଣିରେ ଅଛନ୍ତି, ଆଉ ଲୋକମାନେ ସେହି ପିତ୍ତଳ ସର୍ପକୁ ଅନାଇବେ ଓ ସୁସ୍ଥତା ଲାଭ କରିବେ ।

53 ତାଙ୍କ ପାଖରେ ଏକ ପ୍ରହାରିତ ଶୈଳ ତାଙ୍କର ଅନୁଗମନ କରୁଥିବାର ମଧ୍ୟ ରହିଥିଲା । ଆଉ ତାହା ପରମେଶ୍ୱରଙ୍କୁ ଚିହ୍ନିତ କରୁଥିଲା, ଯେପରିକି ସେମାନଙ୍କ ମଧ୍ୟରେ ଜୀବନର ଜଳ ରଖା ଯାଇପାରେ, ଆନନ୍ଦ ଏବଂ ପରିତ୍ରାଣକୁ ରଖା ଯାଇପାରେ, ଯେପରିକି ସେମାନେ ବିନଷ୍ଟ ନ ହୁଅନ୍ତି ବରଂ ଅନନ୍ତ ଜୀବନ ପାଆନ୍ତି । ଏହା ତ ଏକ ପ୍ରତିରୂପ ଥିଲା...ପ୍ରାନ୍ତରରେ ସେହି ପ୍ରହାରିତ ଶୈଳଟି ଖ୍ରୀଷ୍ଟ ପ୍ରହାରିତ ହୋଇଥିବା ବିଷୟକୁ ପ୍ରତିଚିତ୍ରିତ କରୁଥିଲା ।

54 ତେବେ ଯାଇ, ସେମାନେ ପ୍ରତିଜ୍ଞାର ମାର୍ଗରେ ଯାତ୍ରା କରୁଥିଲେ । ପରମେଶ୍ୱରଙ୍କ ଗୁଣଚରିତ୍ରକୁ ଦେଖାଇବା ପାଇଁ, ତାହା ଅନ୍ୟ ଏକ ପରିଚୟ ଥିଲା । ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହି ଅନ୍ୟଟି ବାକ୍ୟ ସହିତ କେତେ ମୌଳିକ ଭାବେ ରହିଥିଲା; ତାଙ୍କ ପାଖରେ ତ ମୌଳିକତା ଥିଲା, ଯୋଗ ସେହି ପରିଚୟ ଥିଲା, ଆଉ ସେମାନଙ୍କ ମଧ୍ୟରେ ପରମେଶ୍ୱରଙ୍କ ଗୁଣଚରିତ୍ର ରହିଥିଲା । ପରମେଶ୍ୱର ଆପଣାକୁ ଚିହ୍ନିତ କରିଥିଲେ । ଦୁଇଟି ଭବିଷ୍ୟଦ୍‌ବକ୍ତା, ସେମାନେ ଉଭୟେ ଭବିଷ୍ୟଦ୍‌ବକ୍ତାମାନ, ଏବଂ ସେମାନେ ଉଭୟ ମୌଳିକ; ମାତ୍ର ପରମେଶ୍ୱର ନିଜର ଗୁଣଚରିତ୍ରଗୁଡ଼ିକୁ ମୋଶାଙ୍କଠାରେ ଚିହ୍ନିତ କରିଥିଲେ, କାରଣ ତାଙ୍କ ପାଖରେ ପରମେଶ୍ୱରଙ୍କ ଗୁଣଚରିତ୍ରମାନ ରହିଥିଲା ।

55 ତେବେ, ପୁନର୍ବାର, ପରମେଶ୍ୱରଙ୍କ ଗୁଣଚରିତ୍ରସକଳ ସର୍ବଦା ଅଲୌକିକ ଅଟେ, କାରଣ ସେ ଅଲୌକିକ ଅଟନ୍ତି । ପରମେଶ୍ୱର ଅଲୌକିକ ଅଟନ୍ତି । ତାହା ସଦାସର୍ବଦା, ଏହି ଦିନର ଚିନ୍ତାଧାରାର ଆଧୁନିକ ଧାରା ପ୍ରତି, ଅସ୍ୱାଭାବିକ ଅଟେ । ଆପଣ ତାହା ଜାଣନ୍ତି । ପରମେଶ୍ୱର ସର୍ବଦା ହିଁ ସେହି ଉତ୍ତମ ଭାବେ ଯୋଜନାବଦ୍ଧ କାର୍ଯ୍ୟକ୍ରମଗୁଡ଼ିକୁ ବିନଷ୍ଟ କରିଥା'ନ୍ତି, ଯାହାକି ଅତୀତରେ ବିଗତ ପ୍ରତ୍ୟେକ ଯୁଗରେ ଥିବା ଧାର୍ମିକ ଗୋଷ୍ଠୀଙ୍କ ପାଇଁ—ପାଇଁ ରହିଥିଲା ।

56 ଏବଂ ଗୋଟିଏ ଥର ବି ଏପରି ନୁହେଁ ଯେ କୌଣସି ବ୍ୟକ୍ତି କିମ୍ବା ଲୋକମାନଙ୍କର ଏକ ସମୂହ ଆପଣାକୁ କେବେ ଏକ ବାର୍ତ୍ତା ଉପରେ ଏକାଠି ସଙ୍ଗଠିତ କଲେ ମାତ୍ର କିଛି ନୁହଁ ବରଂ ସେମାନେ ମରିଗଲେ ଏବଂ ଜୀବନାବଧୀ ମଧ୍ୟକୁ ଚାଲିଗଲେ, ଆଉ ପୁନର୍ବାର କେବେ

ଉଠିଲେ ନାହିଁ। କୌଣସି ଇତିହାସ ହିଁ ନାହିଁ। ଲୁଥରାନ୍‌ମାନେ, ପ୍ରେସବିଟେରିଆନ୍‌ମାନେ, ମେଥୋଡିଷ୍ଟମାନେ, ବାପ୍‌ଟିଷ୍ଟମାନେ, ପେଣ୍ଟିକଷ୍ଟାଲମାନେ, ଏବଂ ଅନ୍ୟମାନେ ପ୍ରଭୃତି, ଯେତେବେଳେ ସେମାନେ ଏହାକୁ ସମୂହ କରିବାକୁ ଗଲେ, ଆଉ କେବେ ପୁନର୍ବାର ଉଠିଲେ ନାହିଁ।

ପରମେଶ୍ୱର ବ୍ୟକ୍ତିବିଶେଷଙ୍କ ସହିତ ବ୍ୟବହାର କରନ୍ତି।

57 ଧ୍ୟାନ ଦିଅନ୍ତୁ, ସେ ଚିନ୍ତାଧାରାର ଶୈଳୀରେ ଏତେ ଅସାଧାରଣ ଅଟନ୍ତି। ଦେଖନ୍ତୁ, ଆମେ ଏକ ଧାରାରେ ଚାଲି ଯାଇଥାଉ, ଆଉ ଆମକୁ *ଏହିପରି* ଭାବରେ ବିଶ୍ୱାସ କରିବାକୁ ପଡ଼ିଥାଏ। ଆଉ ତା'ପରେ ପରମେଶ୍ୱର ତାହାଙ୍କର ବାକ୍ୟ ସହିତ ଆସନ୍ତି ଯାହା ସେ ପ୍ରତିଜ୍ଞା କରିଛନ୍ତି, ଓ ଆପଣାକୁ ସେହି ବାକ୍ୟରେ ଚିହ୍ନିତ କରାନ୍ତି। *ଏହି* ସମୂହ ତାହା ପାଖକୁ ଯାଇପାରେ ନାହିଁ, କାରଣ ତାହା ସେଥିରେ ବିଶ୍ୱାସ କରେ ନାହିଁ। ଦେଖନ୍ତୁ, ଏହା ତ ନିଜକୁ ସେଥିରୁ କାଟି ଅଲଗା କରି ଦେଇସାରିଛି।

58 ଯୋଷେଫଙ୍କ ପରି, ସେ ଦାଉଦଙ୍କ ପୁତ୍ର ଥିଲେ, ଏବଂ ଜଣେ ଭଲ ଲୋକ ଥିଲେ, ଯୋଷେଫ ଯିଏକି ମରିୟମଙ୍କ ସ୍ୱାମୀ ଥିଲେ। ସେ ଜଣେ ଭଲ ଲୋକ ଥିଲେ, ଏବଂ ନିଃସନ୍ଦେହତଃ ବାଇବଲ ପାଠ କରିଥିଲେ, ନଳାକାର ପୁସ୍ତକଗୁଡ଼ିକ ପାଠ କରିଥିଲେ, ନିରନ୍ତର ଭାବରେ, କାରଣ...ଏବଂ ଜଣେ ମଶୀହଙ୍କର ଆଗମନକୁ ଅପେକ୍ଷା କରିଥିଲେ, ଆଉ ତାଙ୍କୁ ଏହା ଜାଣିବା ଉଚିତ୍ ଥିଲା ଯେ କ'ଣ ଘଟିବ ବୋଲି ତାହା ଶାସ୍ତ୍ର କହୁଅଛି। ଯିଶାଇୟ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ।"

59 ତେବେ, ବର୍ତ୍ତମାନ, ସେ ଏହି ଯୁବତୀ, ମରିୟମଙ୍କ ସହିତ ଯାଉଥିଲେ, ବୋଧହୁଏ ମରିୟମଙ୍କୁ ଅଠର ବର୍ଷ ବୟସ ହୋଇଥିବ, ଏବଂ ସେ ବୋଧହୁଏ ଟିକିଏ ବୟସରେ ବଡ଼ ଥିଲେ। ଆଉ ତା'ପରେ ଯେତେବେଳେ ସେମାନେ ବିବାହ କରିବା ପାଇଁ ନିର୍ବନ୍ଧିତ ହେଲେ, ସେ ମାଆ ହେବେ ବୋଲି ଜଣାଯା'ନ୍ତି। ତେବେ ତାହା ଯୋଷେଫଙ୍କ ପାଇଁ ସେହି ପ୍ରକାର ବିଷୟକୁ ନେଇ ମୀମାଂସା କରିବା କଷ୍ଟକର ଥିଲା। ଏଥିରେ କୌଣସି ସନ୍ଦେହ ନାହିଁ ଯେ ମରିୟମ କିନ୍ତୁ ତାଙ୍କୁ ଗାବ୍ରିଏଲଙ୍କର ସାକ୍ଷାତ ବିଷୟରେ କହିଥିଲେ। ମାତ୍ର ଆମେ ଲକ୍ଷ୍ୟ କରୁ, ଯେ ତାଙ୍କ ଚରିତ୍ର ତାଙ୍କୁ ଯେପରି ଭାବରେ କଢ଼େଇ ନେଉଥିଲା, ସେ ଏଥିରେ ସନ୍ଦେହ କରିଥିଲେ।

60 ବର୍ତ୍ତମାନ ସେମାନେ ବିବାହ ହେବା ପୂର୍ବରୁ ସେ ମାଆ ହେବେ ବୋଲି ଜଣା ପଡ଼ିଥିଲା। ଆଉ, ବାଇବଲରେ, ତାହାର ଦଣ୍ଡ ମୃତ୍ୟୁ ଅଟେ, ପ୍ରସ୍ତରାଘାତ କରାଯିବା ଦ୍ୱାରା। ଜଣେ ଅବିବାହିତା ସ୍ତ୍ରୀଲୋକ ମାଆ ହେବାକୁ ଥିବା, ତାଙ୍କୁ ପ୍ରସ୍ତରାଘାତ କରାଯିବାକୁ ଥିଲା। ଇସ୍ରାଏଲରେ କୌଣସି ବେଶ୍ୟାବୃତ୍ତି ନ ଥିଲା। ତାହା ତ ନିଷେଧ ଥିଲା। ଏଣୁ ଆମେମାନେ ପାଉ ଯେ, ଦ୍ୱିତୀୟ ବିବରଣରେ, ତାହା ଆମକୁ ସେହିପରି କହେ।

61 ତେବେ ଆମେମାନେ ପାଉ ଯେ, ମରିୟମ, ଏପରି ଦିଶୁଥିଲା ଯେ ସେ ଯୋଷେଫଙ୍କୁ କେବଳ ଏକ ଢ଼ାଲ ପରି ବ୍ୟବହାର କରିବାକୁ ଚେଷ୍ଟା କରୁଥିଲେ ଏପରିକିଛି ଏକ କାର୍ଯ୍ୟ ବିରୁଦ୍ଧରେ ଯାହା ସେ କରିଥିଲେ । କାରଣ, ଯଦି ସେମାନଙ୍କର ବିବାହ ପୂର୍ବରୁ ସେ ମାଆ ହେବେ ବୋଲି ଜଣା ପଡ଼ିଯାଏ, ତେବେ ତାଙ୍କୁ ପ୍ରସ୍ତରାଘାତ କରାଯିବାକୁ ହେବ, ଏଣୁ ବର୍ତ୍ତମାନ ତାଙ୍କ ପାଖରେ ଏପରି କେହି ଜଣେ ରହିଥିବା ଉଚିତ୍ ଯିଏକି ତାଙ୍କ ପାଇଁ ଏକ ଢ଼ାଲ ସ୍ୱରୂପେ ଛିଡ଼ା ହୋଇପାରିବେ । ଆଉ ତାହା ସମଗ୍ର ଭାବେ, ଏପରି ଦିଶୁଥିଲା, ଯେପରିକି ଏହାହିଁ ଥିଲା ଯାହା ସେ କରିବାକୁ ଚେଷ୍ଟା କରୁଥିଲେ ।

62 ମାତ୍ର ଯୋଷେଫ ତାଙ୍କର ବଡ଼ ବଡ଼ ସୁନ୍ଦର ଆଖିଗୁଡ଼ିକୁ ଅନାଇଲେ, ଏବଂ ମରିୟମ କହନ୍ତି, "ଯୋଷେଫ, ଗାବ୍ରିଏଲ ମୋତେ କହିଲେ, 'ପବିତ୍ରଆତ୍ମା ତୁମ ଉପରେ ଛାୟା କରିବେ, ଏବଂ ଏହି ବିଷୟ ଯାହା ତୁମଠାରେ—ତୁମଠାରେ ଗର୍ଭଧାରଣ କରିବେ ତାହା ପବିତ୍ରଆତ୍ମାଙ୍କର କର୍ତ୍ତୃକ ଅଟେ । ଏହା ପରମେଶ୍ୱର ଅଟନ୍ତି । ଏହା ତ ତାହା ଯାହାକି ଏହା ଡକାଯିବାକୁ ଯାଉଅଛନ୍ତି, ସେହି "ପରମେଶ୍ୱରଙ୍କ ପୁତ୍ର ।"'" ଆଉ, ଯୋଷେଫ, ସେ—ସେ—ସେ ଏହାକୁ ବିଶ୍ୱାସ କରିବାକୁ ଚାହିଁଥିଲେ, ମାତ୍ର ତାହା ଅତି ଅସ୍ୱାଭାବିକ ଥିଲା । ତାହା କେବେହେଲେ ପୂର୍ବରୁ ହୋଇ ନ ଥିଲା ।

63 ଏବଂ ତାହା ଠିକ୍ ଆଜି ସେହିପରି ହିଁ ହେଉଛି । ଯଦି ଆମେମାନେ କେବଳ ପାରିବା… ଯଦି ମୋ' ପାଖରେ ଏପରି କୌଣସି ବିଷୟ ଥାଆନ୍ତା ଯେ ମୁଁ ଲୋକମାନଙ୍କୁ କୌଣସି ବି ବିଷୟର ଅସ୍ୱାଭାବିକତାକୁ ଦେଖାଇ ପାରନ୍ତି, ଯଦି ଏହା ବାକ୍ୟ ଦ୍ୱାରା ଚିହ୍ନିତ ହୋଇଥାଏ, ତେବେ ଏହାର ଗୁଣଚରିତ୍ରଗୁଡ଼ିକ ପ୍ରମାଣ କରେ ଯେ ତାହା କ'ଣ ଅଟେ । ଏହା ତ ପରମେଶ୍ୱର କାର୍ଯ୍ୟରେ ଅଟନ୍ତି ।

64 ଯୋଷେଫଙ୍କୁ ଏହା ଜାଣିବାର ଉଚିତ୍ ଥିଲା । ସେ ଏହା ଜାଣିବା ଉଚିତ୍ ଥିଲା, "ଜଣେ କୁମାରୀ ଗର୍ଭବତୀ ହେବେ ।" ମାତ୍ର ସେ ଏହା ବିଷୟରେ ସଙ୍କୋଚ ଥିଲେ । ସେ ତାଙ୍କୁ ପରିତ୍ୟାଗ କରିବାକୁ ଚାହୁଁ ନ ଥିଲେ, ଗୋପନରେ, ମାତ୍ର ସେ—ସେ ତାହା କରିବା ପାଇଁ ଚିନ୍ତା କରୁଥିଲେ ।

65 ଆଉ ତା'ପରେ ପ୍ରଭୁଙ୍କ ଦୂତ ସ୍ୱପ୍ନରେ ତାଙ୍କୁ ଦେଖା ଦେଲେ । କ'ଣ ଆପଣ କେବେ ଚିନ୍ତା କରିଛନ୍ତି କି ଯେ ସେ ତାଙ୍କୁ ଏକ ସ୍ୱପ୍ନରେ କାହିଁକି ଦେଖା ଦେଲେ? ସେହି ଦିନମାନଙ୍କରେ କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ । ସେମାନଙ୍କର ସ୍ୱପ୍ନ ଏତେ ସରଳ ଥିଲା, ତାହା କୌଣସି ବ୍ୟାଖ୍ୟା ଆବଶ୍ୟକ କରି ନ ଥିଲା । କହିଲେ, "ହେ ଦାଉଦଙ୍କ ସନ୍ତାନ, ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମକୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ରଆତ୍ମାଙ୍କ କର୍ତ୍ତୃକ ହୋଇଅଛି ।" ଦେଖନ୍ତୁ, ତେବେ, ଏହା ତାହାକୁ ସମାଧାନ କଲା । ଦେଖନ୍ତୁ, ସେ ମାଧ୍ୟମିକ ଭାବରେ, ତାଙ୍କ ନିକଟକୁ ଏକ ସ୍ୱପ୍ନରେ ଆସିଲେ । ମାତ୍ର, ଆପଣ ଦେଖନ୍ତୁ, ସେହି ବାକ୍ୟକୁ ଚିହ୍ନିବା ପାଇଁ ସେଠାରେ କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ, ଯଥା, "ଏହାହିଁ ହେଉଛି

ସେହି କୁମାରୀ ଯିଏକି ଗର୍ଭବତୀ ହେବେ ।" ବୁଝନ୍ତୁ? ଏଣୁ, ଅତଏବ, ସେ ତାଙ୍କୁ ଏକ ସ୍ୱପ୍ନରେ ଦେଖା ଦେଲେ, କାରଣ ସେ ସଚ୍ଚୋଟ ଏବଂ ଧର୍ମୀ ଓ ଜଣେ ଭଲ ଲୋକ ଥିଲେ ।

66 ଆଉ ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଯେକୌଣସି ଭଲ ବ୍ୟକ୍ତିଙ୍କ ନିକଟକୁ, କୌଣସି ଏକ ଉପାୟରେ ଆସିବେ, ଏବଂ ସେହି ଭଲ ବ୍ୟକ୍ତିଙ୍କଠାରେ ସେହି ଯୁଗ ପାଇଁ, ନିଜର କାର୍ଯ୍ୟଗୁଡ଼ିକୁ ଚିହ୍ନିତ କରିବେ, ଯଦି ସେହି ବ୍ୟକ୍ତି ସେହି ଯୁଗ ନିମନ୍ତେ ପରମେଶ୍ୱରଙ୍କ ଆତ୍ମ ଆହ୍ୱାନ ପ୍ରାପ୍ତ ଅଟନ୍ତି ।

67 ତେବେ, ମାତ୍ର ତାହା ଏତେ ଅସ୍ୱାଭାବିକ ଥିଲା, ଯେ ସେମାନେ ତାହାକୁ ଗ୍ରହଣ ହିଁ ପାରିଲେ ନାହିଁ । ମାତ୍ର, ସଦାସର୍ବଦା, ସେହି ଯୁଗ ପାଇଁ ପ୍ରତିଜ୍ଞାତ ବାକ୍ୟ ଅନୁଯାୟୀ ସେହି ପ୍ରକଟୀକରଣଟି, ଏହି ସମସ୍ତ ଅସ୍ୱାଭାବିକତା ସହିତ ଥାଏ ।

ତେବେ ଏପରି କିଛି ଲୋକମାନେ ଥିବେ ଯେଉଁମାନେକି ଏପାଖ ସେପାଖ ଯାଇପାରନ୍ତି, ଓ କହିପାରନ୍ତି, "ତେବେ, *ଏହା* ଅସାଧାରଣ ଅଟେ, ତାହା ପରମେଶ୍ୱର ଅଟନ୍ତି । *ଏହା* ଅସାଧାରଣ ଅଟେ ।"

68 ମାତ୍ର, ଆପଣମାନେ ଦେଖନ୍ତୁ, ଏହାକୁ ତ ବାକ୍ୟ ଦ୍ୱାରା ଚିହ୍ନିତ ହେବାକୁ ଅଛି, ଆଉ ବାକ୍ୟ ହେଉଛି ପରମେଶ୍ୱର । ବୁଝିଲେ? ଆଉ ତା'ପରେ ଏହି ପରିଚୟର ଗୁଣଚରିତ୍ର ଏହା ଚିହ୍ନିତ କରିଥାଏ ଯେ ଏହା କିଏ ଅଟେ, 'କାରଣ ପରମେଶ୍ୱର କହିଲେ, "*ଏହା* ଘଟିବ," ଆଉ ତାହା ଘଟିତ ହୋଇଥାଏ । ବୁଝିଲେ? ଏହାର ଗୁଣଚରିତ୍ର ହେଉଛି ପରମେଶ୍ୱରଙ୍କ ବାକ୍ୟ ଯାହାକି ତାହାର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହୋଇଥାଏ ଯେ କ'ଣ ଘଟୁଅଛି ।

69 ସେ କହିଥିଲେ ଯେ ଶେଷ ଦିନରେ ସେ ପବିତ୍ରଆତ୍ମାଙ୍କୁ ଢ଼ାଳିବେ । ସେ ତାହା କଲେ । ଏହାର ଗୁଣଚରିତ୍ରମାନ ହିଁ ଏହାକୁ ଚିହ୍ନିତ କଲା ଯେ ତାହା ପରମେଶ୍ୱର ଥିଲେ, ତାହାଙ୍କର ପ୍ରତିଜ୍ଞା କରାଯାଇଥିବା ବାକ୍ୟ ଥିଲା । ଦେଖନ୍ତୁ, ଏହା ସଦାସର୍ବଦା ନିଜକୁ ଚିହ୍ନିତ କରିଥାଏ ।

70 ତେବେ, ସଦାସର୍ବଦା, ପ୍ରତ୍ୟେକ ଥର, ଯେତେବେଳେ ବାକ୍ୟଟି ଭୁଲ୍ କୁହାଯାଇଥାଏ, ବାକ୍ୟକୁ ସଂଶୋଧନ କରେ । କ'ଣ ଆପଣ କେବେ ଧ୍ୟାନ ଦେଇଛନ୍ତି କି? ଏହା ତ ନୋହଙ୍କ ଦିନରେ ଥିଲା, ଯାହାକି ସେହି ବୈଜ୍ଞାନିକ ଯୁଗକୁ ସଂଶୋଧନ କରିଥିଲା, ଯେ ପରମେଶ୍ୱର ଆକାଶରୁ ଜଳକୁ ନିର୍ଗତ କରିବାକୁ ଯାଉଛନ୍ତି । ଦେଖନ୍ତୁ, ଏହା ତ ମୋଶା ଥିଲେ, ଯିଏକି ସଂଶୋଧନ କରିଥିଲେ, ଯେତେବେଳେ ସେମାନେ ସମସ୍ତେ ମିସରରେ ବସବାସ କରିଯାଇଥିଲେ, ଓ ପ୍ରଭୃତି ସବୁ କରିଥିଲେ, ମାତ୍ର ପରମେଶ୍ୱରଙ୍କ ବାକ୍ୟ ଚିହ୍ନିତ ହେବା ନିମନ୍ତେ ଆସିବାକୁ ଥିଲା । ଏବଂ ବାକ୍ୟର ସତ୍ୟତା ତ୍ରୁଟିକୁ ସଂଶୋଧନ କରିଥାଏ ।

71 ମୋତେ ଆପଣମାନଙ୍କୁ କିଛି ପଚାରିବାକୁ ଦିଅନ୍ତୁ । ଆମେ ଏଠାରେ ଟିକିଏ ଗଭୀରକୁ ଯାଇପାରିବା । ମୁଁ ଶିକ୍ଷାଦାନ କିମ୍ବା ଉପଦେଶ ପ୍ରଚାର କରାଯିବା ନିମନ୍ତେ ନୁହେଁ, ମାତ୍ର ମୋତେ କେବଳ ଗୋଟିଏ କଥା ପଚାରିବାକୁ ଦିଅନ୍ତୁ ।

72 ଯୀଶୁ ବାକ୍ୟ ଥିଲେ । ଆମେ ତାହା ଜାଣୁ । ବାଇବଲ କହେ ଯେ ଏହା ତାହା ହିଁ ଅଟେ । ସାଧୁ ଯୋହନ, ତା'ର ପ୍ରଥମ ପର୍ବ, "ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ ସଙ୍ଗରେ ଥିଲେ, ଆଉ ସେହି ବାକ୍ୟ ପରମେଶ୍ୱର ଥିଲେ । ଏବଂ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ ।" ସେ ତଥାପି ବାକ୍ୟ ଅଟନ୍ତି । ତା' ପରେ ଯେତେବେଳେ ସେ ସେମାନଙ୍କର ବିଚାରଗୁଡ଼ିକୁ ଜାଣି ପାରୁଥିଲେ, ସେମାନଙ୍କୁ ଏହା ଜାଣିଯିବାର ଉଚିତ୍ ଥିଲା ଯେ ତାହା ବାକ୍ୟ ଅଟନ୍ତି, କାରଣ ପରମେଶ୍ୱରଙ୍କ ବାକ୍ୟ କହେ ଯେ ତାହା ହିଁ ଅଟେ ଯାହା ସେ କରିବେ । ସେ ଭବିଷ୍ୟଦ୍‌ବକ୍ତା ଥିଲେ ।

73 ତେବେ ଧ୍ୟାନ ଦିଅନ୍ତୁ, ଆମେ ପାଉ ଯେ ଯେତେବେଳେ ସେ ଜନ୍ମ ନେଇଥିଲେ, ପ୍ରାୟଃ ବାର ବର୍ଷ ବୟସ ହୋଇଥିବା ବେଳେ, ସେ କୁଟୀର ପର୍ବକୁ ଯାଇଥିଲେ । ଆଉ ସେମାନେ ସେଠାରେ ଉପରକୁ ନିସ୍ତାରପର୍ବ ନିମନ୍ତେ ଯାଇଥିଲେ । ଆଉ, ସେମାନଙ୍କର ଫେରିବା ବାଟରେ, ସେମାନେ ତିନି ଦିନର ଯାତ୍ରା କରି ସାରିଥିଲେ ଓ ସେମାନେ ତାଙ୍କୁ ହରାଇ ଦେଇଥିଲେ; ଏହା କଳ୍ପନା କରି, ଭାବି, ବରଂ, ଏହା ଅନୁମାନ କରି ଯେ ସେ ସେମାନଙ୍କର ଲୋକମାନଙ୍କ ମଧ୍ୟରେ ରହିଛନ୍ତି ।

74 ଆମେ ସେଥିରୁ ଏକ ଶିକ୍ଷା ପାଇପାରିବା । ତାହା ବହୁତ କିଛି ଆଜିର ପରି ଅଟେ! ତେବେ ଆପଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍, ଲୁଥରାନ୍, କ୍ୟାଥୋଲିକ୍, ଆପଣ ଯାହା ବି ଅଟନ୍ତି, ଦେଖନ୍ତୁ, ଆପଣ ଠିକ୍ ସେହି ସମାନ ବିଷୟ କରୁଛନ୍ତି । ଆପଣ ତାହା ଏଇଥି ପାଇଁ ଅନୁମାନ କରୁଛନ୍ତି ଯେହେତୁ ୱେସଲିଙ୍କର ଏକ ମହାନ ଉଦ୍ଦୀପନା ରହିଥିଲା, ଲୁଥରଙ୍କର ଏକ ମହାନ ଉଦ୍ଦୀପନା ରହିଥିଲା, କିମ୍ବା ପେଣ୍ଟିକଷ୍ଟର ଏକ ମହାନ ଉଦ୍ଦୀପନା ରହିଥିଲା, ଆପଣ ଏହା ଅନୁମାନ କରୁଛନ୍ତି ଯେ ସେ ଲୋକମାନଙ୍କ ମଧ୍ୟରେ ରହିଛନ୍ତି, ଯେତେବେଳେକି, କେତେଥର ସେ ସେଠାରେ ନ ଥା'ନ୍ତି ।

75 ସେମାନେ ତାହାଙ୍କୁ ଖୋଜିବାକୁ ଗଲେ । ସେମାନେ ତାହାଙ୍କୁ କେଉଁଠାରେ ପାଇଲେ? ଯେଉଁଠାରେ ସେମାନେ ତାହାଙ୍କୁ ଛାଡ଼ିଥିଲେ, ଯିରୁଶାଲମଠାରେ । ଆଉ ଯେତେବେଳେ ସେମାନେ ତାହାଙ୍କୁ ପାଇଲେ, ସେ କ'ଣ କରୁଥିଲେ? ବାର ବର୍ଷ ବୟସର, ଗୋଟିଏ ଛୋଟ ପିଲା, ବୋଧହୁଏ ସେ କେବେହେଲେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରି ନ ଥିଲେ କେବଳ ତାଙ୍କ ମାଆ ତାଙ୍କୁ ଯାହା ଶିଖାଇଥିଲେ ସେତିକି ମାତ୍ର ଜାଣିଥିଲେ ତାହାଠାରୁ ଅଧିକ କିଛି ନୁହେଁ; ଏବଂ ଏଠାରେ ସେ ମନ୍ଦିରରେ ଥିଲେ, ସେହି ଯାଜକମାନଙ୍କ ସହିତ ପରମେଶ୍ୱରଙ୍କ ବାକ୍ୟ ବିଷୟରେ, ବାଦାନୁବାଦ କରୁଥିଲେ । ଆଉ ସେମାନେ ଏହି ଶିଶୁର ଜ୍ଞାନରେ ଆଶ୍ଚର୍ଯ୍ୟଚକିତ ହୋଇଥିଲେ । କାହିଁକି? ସେ ବାକ୍ୟ ଥିଲେ । ତେବେ ଦେଖନ୍ତୁ ।

76 ଆଉ ତେବେ ଆପଣ କ୍ୟାଥୋଲିକ୍ ଲୋକମାନଙ୍କୁ ଅନାଦର କରିବା ନିମନ୍ତେ ନୁହେଁ ଯେଉଁମାନେକି ମରିୟମଙ୍କୁ ପରମେଶ୍ୱରଙ୍କ ମାତା ବୋଲି କୁହନ୍ତି, ମାତ୍ର ମୋତେ ଏଠାରେ ଆପଣମାନଙ୍କୁ ଗୋଟିଏ ଛୋଟ ତ୍ରୁଟି ଦେଖାଇବାକୁ ଦିଅନ୍ତୁ । ଯଦି ମଣ୍ଡଳୀଟି ମରିୟମଙ୍କ

ଉପରେ ନିର୍ମିତ ହୋଇଥାଏ, ତେବେ ଦେଖନ୍ତୁ କ'ଣ ଘଟିଲା । ତେବେ ସେ ଆସନ୍ତି ଓ ସେ କହନ୍ତି, "ଓଃ, ତୋ'ର ବାପା ଏବଂ ମୁଁ ଅତିଶୟ କାତର ହୋଇ, ତୋତେ ଖୋଜୁଅଛୁ ।" ସେହି ବିବୃତ୍ତିକୁ ଦେଖନ୍ତୁ, ତା'ପରେ ସେ ତାଙ୍କର ନିଜର ସାକ୍ଷ୍ୟକୁ ନିନ୍ଦା କଲେ । ସେ କହିଲେ, "ତୋ'ର ବାପା ଏବଂ ମୁଁ ଅତିଶୟ କାତର ହୋଇ, ତୋତେ ଖୋଜୁଅଛୁ ।"

77 ସେହି ବାକ୍ୟକୁ ଦେଖନ୍ତୁ । ସେ ବାକ୍ୟ ଥିଲେ । ସେ କହିଲେ, "ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ ଏହା କଅଣ ଜାଣି ନ ଥିଲ?" ସେହି ବାକ୍ୟକୁ ସେହି ତ୍ରୁଟି ସଂଶୋଧନ କରୁଥିବାର ଦେଖନ୍ତୁ । ଠିକ୍ ସେହି ଯାଜକମାନଙ୍କ ସମ୍ମୁଖରେ, ସେ ନିଜର ସାକ୍ଷ୍ୟକୁ ନଷ୍ଟ କରିଦେଲେ । ସେ କହିଥିଲେ ଯେ ସେ ପବିତ୍ରଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଥିଲେ, ଆଉ ଏଠାରେ ସେ କହୁଛନ୍ତି ଯେ ଯୋଷେଫ ତାଙ୍କର "ବାପା" ଅଟନ୍ତି । କ'ଣ ସେହି ବାକ୍ୟକୁ ସେହି ଭୁଲଟିକୁ ଶୀଘ୍ର ଧରୁଥିବା ଦେଖିଲେ କି? ସେ ବାକ୍ୟ ଥିଲେ । ତେବେ, ଆପଣ ଜାଣନ୍ତି ଯେ ଜଣେ ବାର-ବର୍ଷର-ବାଳକ ତାହା କରିବ ନାହିଁ । ସେ ବାକ୍ୟ ଥିଲେ । ସେ ସେହି ଯୁଗର କଥିତ ବାକ୍ୟ ଥିଲେ, ଏଣୁକରି ତେବେ ପରମେଶ୍ୱରଙ୍କ ଚିହ୍ନିତ ଗୁଣଚରିତ୍ର ଖ୍ରୀଷ୍ଟଙ୍କଠାରେ ଥିଲା । ସେ ତ୍ରୁଟିଗୁଡ଼ିକୁ ସଂଶୋଧନ କରିଥିଲେ । ସେ କହିଲେ...

ସେମାନେ କହିଲେ, "କାହିଁକି, ଆମେ ତ ମୋଶାଙ୍କର ଶିଷ୍ୟ ଅଟୁ ।" ଦେଖନ୍ତୁ?

78 ସେ କହିଲେ, "ଯଦି ତୁମେ ମୋଶାଙ୍କର ଶିଷ୍ୟ ଥାଆନ୍ତ, ତୁମେ ମୋତେ ଜାଣିଥା'ନ୍ତ । ସେ ମୋ' ବିଷୟରେ ଲେଖିଲେ । ମୋଶା କହିଲେ, 'ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ' ପରି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ ।' ଯଦି ତୁମେ ମୋଶାଙ୍କୁ ଜାଣିଥା'ନ୍ତ ତେବେ ମୋତେ ଜାଣିଥା'ନ୍ତ ।"

79 ଆଉ, ଦେଖନ୍ତୁ, ବାକ୍ୟ ସର୍ବଦା ସେହି ଦିନର ତ୍ରୁଟିକୁ ସଂଶୋଧନ କରିଥାଏ । ମାତ୍ର ଲୋକମାନେ ତାହାକୁ ବିଶ୍ୱାସ କରିବାକୁ ପସନ୍ଦ କରନ୍ତି ନାହିଁ । ସେମାନେ ତ ଠିକ୍ ସେହି ସମାନ ପ୍ରକାରେ, ସେହି ତ୍ରୁଟି ସହିତ କେବଳ ଲାଗି ରହିଥା'ନ୍ତି ।

80 ମାତ୍ର ଯୀଶୁ ତାଙ୍କର ନିଜର ମାତାଙ୍କୁ ସଂଶୋଧନ କଲେ । ଆଉ ତାଙ୍କ ମାଆ ଭୁଲରେ ଥିଲେ, 'କାରଣ ସେ ପୂର୍ବରୁ କହି ସାରିଥଲେ ଯେ ତାଙ୍କ ଗର୍ଭରେ ଥିବା ସନ୍ତାନଟି ପବିତ୍ରଆତ୍ମାଙ୍କ କର୍ତ୍ତୃକ ହୋଇଥିଲେ, ଏବଂ ଏଠାରେ ସେ ନିଜର ସାକ୍ଷ୍ୟଠାରୁ ବୁଲି ପଡ଼ିଲେ ଓ କହିଲେ ଯେ ଯୋଷେଫ ତାଙ୍କର "ବାପା," ଯୀଶୁଙ୍କର—ଙ୍କର ପିତା ଥିଲେ । ତେବେ ଯଦି—ଯଦି ଯୋଷେଫ...

81 ଯଦି ସେ ଯୋଷେଫଙ୍କ ପୁତ୍ର ଥିଲେ, ଯଦି ସେ ତାହାଙ୍କ ପିତାଙ୍କର ବ୍ୟବସାୟରେ ନ୍ୟସ୍ତ ରହିଥା'ନ୍ତେ, ତେବେ ସେ ସେଠାରେ-ତଳେ ବଢ଼େଇର ଦୋକାନରେ ରହିଥା'ନ୍ତେ ।

82 ମାତ୍ର ସେ ତ ସେଠାରେ ଉପରେ ମନ୍ଦିରରେ, ତାହାଙ୍କ ପିତାଙ୍କର ବ୍ୟବସାୟରେ ରହିଥିଲେ, ସେହି ସଂଗଠନଗୁଡ଼ିକୁ ଭର୍ତ୍ସନା କରୁଥିଲେ । ଦେଖନ୍ତୁ? ସେ ତାହାଙ୍କ ପିତାଙ୍କ

ବ୍ୟବସାୟରେ ରହିଥିଲେ, କେବଳ ଜଣେ ବାର-ବର୍ଷର-ବୟସର ବାଳକଟିଏ । "ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ ଏହା କଅଣ ଜାଣି ନ ଥିଲ?"

83 କ'ଣ ଆପଣ ତାହା ଧ୍ୟାନ ଦେଲେ କି ଯେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେଲେ? ତାହାଙ୍କ ଚରିତ୍ର ସେଠାରେ, ଯେତେବେଳେ ସେ ତାହାଙ୍କର ପ୍ରଲୋଭନରେ ପରୀକ୍ଷିତ ହୋଇଥିଲେ, ସେ ଆପଣାକୁ ପରମେଶ୍ୱର ବୋଲି ଚିହ୍ନିତ କରିଥିଲେ, କାରଣ ସେ ବାକ୍ୟ ସହିତରେ ରହିଥିଲେ । ବୁଝିଲେ? "ଏହା ଲେଖାଅଛି," ଶୟତାନ କହିଲା ।

ଯୀଶୁ କହିଲେ, "ଏହା ମଧ୍ୟ ଲେଖାଅଛି," ଠିକ୍ ବାକ୍ୟ ସହିତ ରହିଲେ ।

84 "ପରମେଶ୍ୱର, ବିଭିନ୍ନ ସମୟରେ," ଆମେ ଏଠାରେ ପାଠ କରୁ । "ପରମେଶ୍ୱର, ବିଭିନ୍ନ ସମୟରେ," ତାହା ପୁରୁଣା ସମୟ ଥିଲା, "ବିବିଧ ପ୍ରକାରେ," ଅନେକ ଉପାୟମାନରେ, "ଦର୍ଶନଗୁଡ଼ିକ ଦ୍ୱାରା ଆପଣାକୁ ନିଜର ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟରେ ଚିହ୍ନିତ କରାଇଲେ ।" ତାହା ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ଗୁଣଚରିତ୍ର ଥିଲା, ଯେତେବେଳେ ସେ ବିଷୟଗୁଡ଼ିକର ଭବିଷ୍ୟଦ୍‌ବାଣୀ କରୁଥିଲେ ଆଉ ତାହା ସେପରି ଘଟୁଥିଲା । ତେବେ ତାହା ତାହାଙ୍କର ପରିଚୟର ତାଙ୍କର ଗୁଣଚରିତ୍ର ଥିଲା, ଯେ ପରମେଶ୍ୱର ତାଙ୍କ ସହିତରେ ଥିଲେ । ତେବେ ତାହା ତାହାଙ୍କୁ ସେହି ଦିନ ପାଇଁ ବାକ୍ୟର ବ୍ୟାଖ୍ୟା କରିବା ନିମନ୍ତେ ଅଧିକାରକୁ ଦେଇଥାଏ, କାରଣ, "ପରମେଶ୍ୱରଙ୍କ ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟକୁ ଆସେ," ସେହି ଭବିଷ୍ୟଦ୍‌ବକ୍ତାଙ୍କ ଗୁଣଚରିତ୍ର ଅଟେ, ଯେ ସେ ଭବିଷ୍ୟଦ୍‌ବାଣୀ କରିଥିଲେ ।

85 ବାଇବଲ କହେ, "ଯଦି ଏପରି କେହି ଜଣେ ବ୍ୟକ୍ତି ଅଛନ୍ତି, ଏବଂ ସେ ଯାହା କହନ୍ତି ତାହା ସଫଳ ହୁଏ, ତେବେ ତୁମେ ତାହାଙ୍କର ଶୁଣ; ମାତ୍ର, ଯଦି ତାହା ନ ହୁଏ, ତାଙ୍କୁ ବିଶ୍ୱାସ କର ନାହିଁ, ତାଙ୍କୁ ଭୟ କର ନାହିଁ, ମାତ୍ର ମୋ'ର...ଯଦି—ଯଦି ମୋ'ର ବାକ୍ୟ ତାଙ୍କଠାରେ ନାହିଁ । ମାତ୍ର ଯଦି ତାହା ଘଟେ, ତେବେ ମୋ'ର ବାକ୍ୟ ତାଙ୍କଠାରେ ଅଛି ।" ତାହାହିଁ ତାଙ୍କର ପରିଚୟ ଅଟେ । ତାହାହିଁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ଗୁଣଚରିତ୍ର ଅଟେ ।

86 ତେବେ, ପରମେଶ୍ୱର, ବିଭିନ୍ନ ସମୟରେ, ସେହିପରି ଭାବରେ ହିଁ ସେ ନିଜର ପରିଚୟର ଗୁଣଚରିତ୍ରଗୁଡ଼ିକୁ ମନୁଷ୍ୟଠାରେ ଦେଖାଇଥିଲେ, ଜଣେ ଭବିଷ୍ୟଦ୍‌ବକ୍ତା ବୋଲି କୁହାଯାଉଥିବା ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ କଥା କହିବା ଦ୍ୱାରା । ତେବେ, ବାଇବଲ କହେ ଯେ, "ପରମେଶ୍ୱର, ବିଭିନ୍ନ ସମୟରେ, ବିବିଧ ପ୍ରକାରେ, ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ ପିତୃପୁରୁଷମାନଙ୍କ ସହିତ କଥା କହିଥିଲେ ।"

87 ଆମେ ଦ୍ୱିତୀୟ ପିତରରେ, ମଧ୍ୟ ପାଠ କରୁ, ଯେ ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ବାକ୍ୟ ସେମାନଙ୍କ ଦ୍ୱାରା ଲେଖା ଯାଇଅଛି । "ପୁରାକାଳରେ ବ୍ୟକ୍ତି, ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ, ବାଇବଲ ଲେଖିଥିଲେ ।" ସେମାନେ ଭବିଷ୍ୟଦ୍‌ବକ୍ତା ଥିଲେ । ବାକ୍ୟ ସେମାନଙ୍କ ନିକଟକୁ ଆସିଲା ଏବଂ ସେମାନେ ତାହା ଲେଖିଲେ, ପ୍ରେରଣାର ଅଧୀନରେ ହୋଇ, ତାହା ଲେଖିଥିଲେ । ପ୍ରଥମେ ସେମାନେ ଭବିଷ୍ୟଦ୍‌ବକ୍ତା ଭାବରେ ଚିହ୍ନିତ ହେଲେ, ତା' ପରେ

ସେମାନେ—ସେମାନେ ପ୍ରେରଣାର ବାକ୍ୟ ଲେଖିଥିଲେ, ଏବଂ ସେମାନଙ୍କ ପାଖରେ ଦିବ୍ୟ ପ୍ରକାଶନର ବ୍ୟାଖ୍ୟା ରହିଥିଲା କାରଣ ଏହା ତ ମନୁଷ୍ୟ ଭିତରେ ପରମେଶ୍ୱର ଥିଲେ।

88 ତେବେ ଏହି ପ୍ରକାରେ ହିଁ ସେ ଆପଣାକୁ ତାହାଙ୍କର ପରିଚୟର ଗୁଣଚରିତ୍ରରେ ଦେଖାଇଥିଲେ, ସେମାନଙ୍କର ଦର୍ଶନମାନ ପ୍ରମାଣିତ ହୋଇଥିଲା, ପରମେଶ୍ୱରଙ୍କ ଗୁଣଚରିତ୍ର ସେମାନଙ୍କ ମଧ୍ୟରେ ଥାଇ, ପରମେଶ୍ୱରଙ୍କୁ ଲୋକମାନଙ୍କ ଗହଣରେ ଜଣାଉଥିଲା।

89 ତେବେ, କେବଳ ଠିକ୍ ସେହି ପ୍ରକାରେ ହିଁ ସେ ଖ୍ରୀଷ୍ଟଙ୍କଠାରେ ଥିଲେ। ଜଣେ ଭବିଷ୍ୟଦ୍‌ବକ୍ତା ତ କେବଳ ଏକ ଛୋଟିଆ ଧୂଳିକଣା ମାତ୍ର ଥିଲେ। ଖ୍ରୀଷ୍ଟ ପରମେଶ୍ୱରଙ୍କ ପରିପୂର୍ଣ୍ଣତା ଥିଲେ। ଏବଂ ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥାଇ, ଜଗତକୁ ନିଜ ସହିତ ପୁନର୍ବାର ମିଶାଉ ଥିଲେ। ଆଉ ତାହାଙ୍କର ଗୁଣଚରିତ୍ର ତାହାଙ୍କୁ ଚିହ୍ନିତ କରିଥିଲା, ଯେ ସେ କ'ଣ ଥିଲେ, ଏତେ ଅଧିକ ଭାବରେ ଯେ ସେ କହିଥିଲେ, "ଯଦି ମୁଁ ମୋ'ର ପିତାଙ୍କ କାର୍ଯ୍ୟ କରେ ନାହିଁ, ତେବେ ଏହାକୁ ବିଶ୍ୱାସ କର ନାହିଁ। ଯଦି ମୋ' ପାଖରେ ମୋ'ର ପିତାଙ୍କ ଗୁଣଚରିତ୍ର ନାହିଁ, ତେବେ ମୋତେ ବିଶ୍ୱାସ କର ନାହିଁ, ମୋ'ର ଦାବିଗୁଡ଼ିକୁ ବିଶ୍ୱାସ କର ନାହିଁ। ଯଦି ମୁଁ ମୋ' ଭିତରେ ପିତାଙ୍କର ଗୁଣଚରିତ୍ର ପାଇ ନାହିଁ, ତେବେ ତାହାକୁ ଆଦୌ, ବିଶ୍ୱାସ କରନ୍ତୁ ନାହିଁ।"

90 ତେବେ, ତାହାଙ୍କର ଗୁଣଚରିତ୍ରମାନ କେବେ ବି ପରିବର୍ତ୍ତନ ହୁଏ ନାହିଁ। ପରମେଶ୍ୱର ନିଜର ଗୁଣଚରିତ୍ରକୁ ପରିବର୍ତ୍ତନ କରିପାରନ୍ତି ନାହିଁ, ତାହାଠାରୁ ଅଧିକ—ଅଧିକ ନୁହେଁ ଯେତିକି ଗୋଟିଏ—ଗୋଟିଏ ମେଷଶାବକ ନିଜର ଚରିତ୍ରକୁ ପରିବର୍ତ୍ତନ କରିପାରେ, କିମ୍ୱା ଅନ୍ୟ କୌଣସି ବିଷୟ ନିଜର ଗୁଣଚରିତ୍ରକୁ ପରିବର୍ତ୍ତନ କରିପାରେ। କାରଣ, ଯେପର୍ଯ୍ୟନ୍ତ ଏହା ତା'ର ମୂଳ ସ୍ଥିତିରେ ଅଛି, ଏହା ମୂଳ ହିଁ ଅଟେ। ଆଉ ଯଦି ଆପଣ କିଛି ପରିବର୍ତ୍ତନ କରିପାରନ୍ତି, ତାହାହେଲେ ଆପଣ ତାହାକୁ ତା'ର ମୂଳରୁ ହିଁ ପରିବର୍ତ୍ତନ କରିଛନ୍ତି।

91 ଏହା ଏପରି କିଛି ଅଟେ ଯେ ଆପଣ ଏକ—ଏକ ଘୁଷୁରିକୁ ନେଇପାରନ୍ତି, ଓ ଆପଣ ଏକ ଘୁଷୁରିକୁ ଧୋଇ ସଫା କରିପାରନ୍ତି ଏବଂ—ଏବଂ ତା'ର ପାଦର ନଖଗୁଡ଼ିକରେ ପେଣ୍ଟରଙ୍ଗକୁ ଲଗାଇପାରନ୍ତି, ଯେପରିକି ମହିଳାମାନେ କରିଥା'ନ୍ତି, ଏବଂ ତାହାକୁ ଲିପଷ୍ଟିକ୍ ସହିତରେ ମିଶାନ୍ତି, ଓ ଏକ ସୁନ୍ଦର ପୋଷାକ ପରିଧାନ କରନ୍ତି। ସେହି ପୁରୁଣା ଘୁଷୁରିଟିକୁ ଛାଡ଼ି ଦିଅନ୍ତୁ, ସେ ତ ସିଧା ତା'ର ବାନ୍ତିକୁ ଚାଲିଯାଏ, ଏବଂ ପୁନର୍ବାର ବାନ୍ତିକୁ ଚାଲିଯାଏ। କାହିଁକି? ସେ ତ ଏକ ଘୁଷୁରି ଅଟେ, ତାହାହିଁ ସବୁକିଛି ଅଟେ। ମାତ୍ର, ଏବଂ, ମାତ୍ର, ଆପଣ ଜାଣନ୍ତି, ଆପଣ କରିବେ ନାହିଁ...

92 ଗୋଟିଏ ମେଷଶାବକ ତାହା କରିବ ନାହିଁ। ସେ ତ ସେହି କାଦୁଅ ଭିତରକୁ ସୁଦ୍ଧା ପ୍ରବେଶ କରିବ ନାହିଁ। ସେ ତାହା ସହିତ କିଛି କରିବାକୁ ଚାହେଁ ନାହିଁ। ଏହା ତ ତା'ର ଗୁଣଚରିତ୍ରମାନ ଅଟେ। ବୁଝିଲେ? ଆପଣ ତା'କୁ ସେହି ସମାନ ପ୍ରକାରର ପୋଷାକ ପରିଧାନ କରାଇ ପାରନ୍ତି, ମାତ୍ର ନିଶ୍ଚିତରେ ସେ କରିବ ନାହିଁ, ସେ ନିଶ୍ଚିତରେ ଯିବ ନାହିଁ। ବାହ୍ୟ ବିଷୟ କୌଣସି

ଫରକ୍ ଆଣେ ନାହିଁ; ଏହା ତ ଭିତରେ ଅଟେ। ତେବେ, ପରମେଶ୍ୱର ସମସ୍ତ ଜୀବନର ଉତ୍ସ ହୋଇଥିବା ହେତୁରୁ...

93 ଏହାକୁ ବୁଝିବାରେ ବିଫଳ ହୁଅନ୍ତୁ ନାହିଁ। ମୁଁ ଚେଷ୍ଟା କରୁଛି, ତାହା ସବୁକିଛି ସହିତ ଯାହା ମୋ' ଭିତରେ ଅଛି, ଯେପରିକି ଆପଣମାନଙ୍କୁ କିଛି ଦେଖାଇପାରେ। ଦେଖନ୍ତୁ? ବନ୍ଧୁଗଣ, ଏହା ତ ଆପଣଙ୍କର ଭଲ ପାଇଁ ଅଟେ। ଏହା ଆପଣଙ୍କ ପାଇଁ—ତରଫରୁ ଅଟେ। ବୁଝିଲେ?

94 ମୁଁ ଏଠାରେ କେବଳ ନିଜକୁ ଦେଖାଇ ହେବା ପାଇଁ ଆସେ ନାହିଁ। ମୁଁ ଏଠାକୁ ଏଇଥି ପାଇଁ ଆସେ ନାହିଁ, ଯେ ଯିବାକୁ ଅନ୍ୟ କୌଣସି ସ୍ଥାନ ନ ଥିଲା। ମୁଁ ଏଠାକୁ ଏଇଥି ପାଇଁ ଆସିଛି କାରଣ ମୁଁ ଏଠାକୁ ଆସିବା ପାଇଁ ଅନୁଭବ କଲି। ମୁଁ ଅନୁଭବ କଲି ଯେ ପ୍ରଭୁ ମୋତେ ଦେଇଥିବା ସେହି ସେବାକାର୍ଯ୍ୟଟି ଏଠାରେ ଥିବା ଲୋକମାନଙ୍କ ଗହଣରେ ପ୍ରକଟ କରାଯିବା ଆବଶ୍ୟକ, ଆଉ ମୁଁ ଚେଷ୍ଟା କରୁଛି ଯେ ଆପଣମାନେ ଏହା ଦେଖନ୍ତୁ ଯେ ପରମେଶ୍ୱର ବର୍ତ୍ତମାନ ପ୍ରକୃତରେ କ'ଣ ଅଟନ୍ତି। ସେ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ ଅଟନ୍ତି। ସେ ସର୍ବଦା ବାକ୍ୟ ହିଁ ଅଟନ୍ତି, ଏବଂ ସେ ଆପଣାକୁ ସେହି ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଇଥା'ନ୍ତି ଯାହା ସେ ପ୍ରତିଜ୍ଞା କରିଥିଲେ। ଏକ ନିର୍ଦ୍ଦିଷ୍ଟ ଗୁଣଚରିତ୍ର ଏକ ନିର୍ଦ୍ଦିଷ୍ଟ ସମୟରେ ବୃଦ୍ଧି ପାଇବ, ଯାହାକି ବାକ୍ୟରେ ଥାଏ, ତା' ପରେ ଏହି ବ୍ୟକ୍ତିର ସେହି ଗୁଣଚରିତ୍ର ଯାହାକି ବୃଦ୍ଧି ପାଇଥାଏ ତାହା ଏହା ଚିହ୍ନିତ କରେ ଯେ ସେ ହିଁ ସେହି ବ୍ୟକ୍ତି ଅଟନ୍ତି।

95 ସେହି କାରଣ ଯୋଗୁଁ ହିଁ ଯୀଶୁଙ୍କୁ ତାହା ହେବାକୁ ଥିଲା ଯାହାକି ସେ ଥିଲେ। ସେମାନଙ୍କୁ ତ ତାହା ଦେଖିନେବା ଉଚିତ୍ ଥିଲା। ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ଅନ୍ଧ ଥିଲେ। ସେହି ବିଷୟ...କହିଲା, ଯଦିଓ ସେ ଅନେକ ଚମତ୍କାରମାନ କରିଥିଲେ, ତଥାପି ସେମାନେ ବିଶ୍ୱାସ କରିପାରିଲେ ନାହିଁ, କାରଣ ଯିଶାଇୟ କହିଥିଲେ, "ସେମାନଙ୍କର ଆଖି ଅଛି ମାତ୍ର ଦେଖିପାରନ୍ତି ନାହିଁ, ଏବଂ କାନ ଅଛି ମାତ୍ର ଶୁଣିପାରନ୍ତି ନାହିଁ।" ବୁଝିଲେ? ପ୍ରତ୍ୟେକ ଯୁଗ, କେବଳ ତାଙ୍କ ଯୁଗ ନୁହେଁ; ମାତ୍ର ପ୍ରତ୍ୟେକ ଯୁଗ, କିପରି, "ପରମେଶ୍ୱର, ବିଭିନ୍ନ ସମୟରେ, ବିବିଧ ପ୍ରକାରେ," ତଥାପି ସେମାନେ ତାହାକୁ ବୁଝିପାରିଲେ ନାହିଁ।

96 ତେବେ, ତାହାଙ୍କର ଗୁଣଚରିତ୍ରମାନ କେବେ ବିଫଳ ହୁଏ ନାହିଁ। ଏହା ସଦାସର୍ବଦା ସମାନ ହିଁ ରହେ। ତେବେ, ମନେରଖନ୍ତୁ, ତାହାଙ୍କର ଗୁଣଚରିତ୍ର, ପରମେଶ୍ୱରଙ୍କ ଗୁଣଚରିତ୍ର, ବିଫଳ ହୋଇପାରେ ନାହିଁ। ଯଦି ତାହା ହୁଏ, ତେବେ ପରମେଶ୍ୱର ବିଫଳ ହୋଇଛନ୍ତି। ଏବଂ ବାଇବଲ କହେ, ଏବ୍ରୀ 13:8 ରେ, ଯେ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି।" ଅତଏବ, ସେ ହେଉଛନ୍ତି ଅପରିବର୍ତ୍ତନୀୟ ପରମେଶ୍ୱର। ଯାହାକିଛି ଗୁଣଚରିତ୍ର ସେ ଆଦ୍ୟରେ ଥିଲେ, ସେ ଏବେ ମଧ୍ୟ ସେହି ସମାନ ଗୁଣଚରିତ୍ର ଅଟନ୍ତି। ସେ ସବୁପ୍ରକାରେ ଯାହା କାର୍ଯ୍ୟ କରିଥିଲେ, ସେ ଯେକୌଣସି ସମୟରେ କିଛି କାର୍ଯ୍ୟ କରିଥିଲେ, ସେ ପ୍ରତ୍ୟେକ ଥର ସେହି ସମାନ ଭାବରେ ହିଁ କରିଥା'ନ୍ତି। ଯଦି ସେ କରନ୍ତି ନାହିଁ, ତେବେ ଏହା ତାହାଙ୍କର ଚରିତ୍ର ବଦଳି ଯାଇଅଛି, ଦେଖନ୍ତୁ, ଏବଂ ତାହାଙ୍କର ଗୁଣଚରିତ୍ରମାନ ଏପରି କିଛି ପ୍ରଦର୍ଶନ

କରିବ ଯାହାକି ପରମେଶ୍ୱରଙ୍କର ନୁହେଁ । ବୁଝିଲେ? ଏଣୁ ଆମେ ତାହା ଜାଣିବା ନାହିଁ ଯେ କେଉଁଠାରେ...

97 ଯେପରି ପାଉଲ କହିଲେ, "ଯଦି ସେହି ତୂରୀ ଏକ ଅସ୍ପଷ୍ଟ ଧ୍ୱନି ଦିଏ, ତେବେ ଯୁଦ୍ଧ ନିମନ୍ତେ କିଏ ପ୍ରସ୍ତୁତ ହେବା ପାଇଁ ଜାଣିବ, ଯଦି ସେହି ତୂରୀ ଏକ ଅସ୍ପଷ୍ଟ ଧ୍ୱନି ଦିଏ?" ବର୍ତ୍ତମାନ ଯଦି ସେହି ତୂରୀକୁ ଏହି ଧ୍ୱନି ଦେବାକୁ ଅଛି ଯେ "ପଛକୁ ଘୁଞ୍ଚ," ତେବେ ତାହା ହିଁ ଆମକୁ କରିବାକୁ ଅଛି, ପଛକୁ ଘୁଞ୍ଚିବା । ଯଦି ସେହି ତୂରୀ ଏହା ଧ୍ୱନି ଦିଏ "ଆକ୍ରମଣ," ତାହାହେଲେ ତାହା ହିଁ ଆମକୁ କରିବାକୁ ଅଛି, ଯେ ଆକ୍ରମଣ କର । ମାତ୍ର ତୂରୀ କ'ଣ ଅଟେ? ପରମେଶ୍ୱରଙ୍କ ବାକ୍ୟ । ଏହା ପରମେଶ୍ୱରଙ୍କୁ ଚିହ୍ନିତ କରିଥାଏ, ଯେ ତାହା ଏହା ଅଟେ କି—ତାହା ଏହା ଅଟେ କି ଯଥା "ଉପରକୁ ଯାଅ, ବସି ଯାଅ, ପଛକୁ ଘୁଞ୍ଚ, ଶସ୍ତ୍ର ଥୋଇଦିଅ," ଏହା ଯାହାକିଛି ବି ଅଟେ । ଏହା ତ ପରମେଶ୍ୱରଙ୍କ ତୂରୀ ଧ୍ୱନି ଅଟେ ।

98 ଆଉ ଏକ ଅସ୍ପଷ୍ଟ ଧ୍ୱନି, ଯେତେବେଳେକି ବାଇବଲ କହେ ଯେ ଏକ ନିର୍ଦ୍ଦିଷ୍ଟ ଘଟଣା ହେବାକୁ ଅଛି; କେହି ଜଣେ କୁହେ, "ଓଃ, ତାହା ତ ଅନ୍ୟ ଏକ ଦିନରୁ ଥିଲା, ତାହା ।" ତାହାହେଲେ ସେଠାରେ ଏକ ଅସ୍ପଷ୍ଟ ଧ୍ୱନି ଅଛି । ତା' ପରେ ଆପଣ ଜାଣନ୍ତି ନାହିଁ ଯେ କ'ଣ କରିବାକୁ ଅଛି ।

99 ଯୀଶୁ କହିଲେ, "ମୋ' ପାଖରେ ମୋ'ର ଜୀବନକୁ ଦେଇ ଦେବାର ଏବଂ ପୁଣି ଥରେ ପୁନରୁତ୍‌ଥିତ କରିବାର ଶକ୍ତି ଅଛି ।" ସେଠାରେ କୌଣସି ଅସ୍ପଷ୍ଟ ଧ୍ୱନି ନାହିଁ ।

100 ସେହି ସ୍ତ୍ରୀଲୋକଟି କହିଲା, "ଆମେ ଜାଣୁ ଯେ ମଶୀହ ଆସିବେ; ଆଉ ଯେତେବେଳେ ସେ ଆସିବେ, ସେ ଆମମାନଙ୍କୁ ଠିକ୍ ସେହି ପ୍ରକାରେ ସବୁ ବିଷୟକୁ ଜଣାଇବେ ଯେପରିକି ସେ କହିଲେ ।"

101 ସେ କହିଲେ, "ମୁଁ ହିଁ ସେହି ।" ସେଠାରେ କୌଣସି ଅସ୍ପଷ୍ଟ ଧ୍ୱନି ନ ଥିଲା । "ମୁଁ ସେ ଅଟେ ।" ଓଃ-ହୋ! ଆମେନ୍ ।

ସେମାନେ କହିଲେ, "ଆମମାନଙ୍କର ପିତୃପୁରୁଷମାନେ ପ୍ରାନ୍ତରରେ ମାନ୍ନା ଖାଇଥିଲେ ।"

102 ସେ କହିଲେ, "ସେମାନେ, ପ୍ରତ୍ୟେକ ଜଣ, ମରି ଯାଇଥିଲେ ।" ସେ କହିଲେ, "ମାତ୍ର ମୁଁ ଜୀବନର ରୋଟି ଯାହାକି ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ ହୋଇଅଛି ।" କୌଣସି ଅସ୍ପଷ୍ଟ ଶବ୍ଦ ନ ଥିଲା । "ମୁଁ ଏଦନ ବଗିଚାରୁ, ସେହି ଜୀବନର ବୃକ୍ଷ ଅଟେ ।" ନା, ସେ ବିଷୟରେ କୌଣସି ଅସ୍ପଷ୍ଟ ଶବ୍ଦ ନ ଥିଲା । ନିଶ୍ଚିତରେ ନୁହେଁ । ତାହା ବିଷୟରେ କିଛି ଅସ୍ପଷ୍ଟ ନ ଥିଲା । ସେ ସେହି ସମସ୍ତ କାର୍ଯ୍ୟରେ ଯାହା ସେ କରିଥିଲେ ସ୍ପଷ୍ଟ ଥିଲେ ।

103 ବାଇବଲ ଏକ ଅସ୍ପଷ୍ଟ ଧ୍ୱନି ଦିଏ ନାହିଁ । ଏହା ତ ତାହାର ଧ୍ୱନି ଦେବାରେ ପରମେଶ୍ୱରଙ୍କ ଗୁଣଚରିତ୍ରକୁ ଚିହ୍ନିତ କରିଥାଏ ।

104 ଯୀଶୁ କହିଲେ, ସାଧୁ ଯୋହନ 10:37 ରେ, "ଯଦି ମୁଁ ମୋ'ର ପିତାଙ୍କ କାର୍ଯ୍ୟଗୁଡ଼ିକୁ କରେ ନାହିଁ, କ'ଣ…ଏବଂ ମୋ' ଠାରେ ମୋ'ର ପିତାଙ୍କର ସେହି ଗୁଣଚରିତ୍ର ନାହିଁ, ତେବେ ମୋ' ଠାରେ ବିଶ୍ୱାସ କର ନାହିଁ। ସେମାନେ ହିଁ ତାହା, ସେମାନେ ହିଁ ମୋ' ଭିତରେ ତାହାଙ୍କର ଚରିତ୍ରକୁ, ତାହାଙ୍କର ଗୁଣଚରିତ୍ରଗୁଡ଼ିକୁ ଚିହ୍ନିତ କରାନ୍ତି।"

105 କାରଣ, ପିତା ହେଉଛନ୍ତି ସେହି ବାକ୍ୟ, "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଆଉ ବାକ୍ୟ ପରମେଶ୍ୱର ଥିଲା," ଏବଂ ପରମେଶ୍ୱରଙ୍କ ଗୁଣଚରିତ୍ର ସେହି ଯୁଗ ପାଇଁ ଥିବା ତାହାଙ୍କର ପ୍ରତିଜ୍ଞା ଦ୍ୱାରା ପ୍ରଦର୍ଶିତ ହୋଇଥାଏ।

106 ତେବେ ଯଦି ସେ ମୋଶାଙ୍କ ସମୟରେ ରହୁଥା'ନ୍ତେ, ତାହା କାମ କରି ନ ଥା'ନ୍ତା। ଏବଂ ଯଦି ମୋଶା ତାହାଙ୍କ ସମୟରେ ରହୁଥା'ନ୍ତେ, ତେବେ ମଧ୍ୟ ତାହା କାମ କରି ନ ଥା'ନ୍ତା। ଯଦି ସେ ନୋହଙ୍କ ସମୟରେ ବାସ କରୁଥା'ନ୍ତେ, ତେବେ ତାହା କାମ କରି ନ ଥା'ନ୍ତା, କିମ୍ବା ଯଦି ନୋହ ତାହାଙ୍କ ସମୟରେ ରହୁଥା'ନ୍ତେ। ନୋହ ତ ସେହି ଦିନର ବିଷୟଗୁଡ଼ିକ ନିମନ୍ତେ ଭବିଷ୍ୟତ୍‌ବାଣୀ କରୁଥିଲେ, ଆଉ ତାଙ୍କର ଗୁଣଚରିତ୍ର ଏବଂ ଯାହା ସେ କରିଥିଲେ ତାହା ତାଙ୍କୁ ପରମେଶ୍ୱରଙ୍କ ବାକ୍ୟ ସହିତ ଚିହ୍ନିତ କରିଥିଲା। ମୋଶା ମଧ୍ୟ ସେହି ସମାନ ବିଷୟ କରିଥିଲେ।

107 ଏବଂ ଏଠାରେ ଯୀଶୁ ଆସନ୍ତି, ଏବଂ ସେହି ଯୁଗ ନିମନ୍ତେ ପ୍ରତିଜ୍ଞା କରାଯାଇଥିବା ବାକ୍ୟଟି ଯୀଶୁ ଖ୍ରୀଷ୍ଟଙ୍କଠାରେ ସେହି ବାକ୍ୟର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହୋଇଥିଲା, ଯାହାକି ପରମେଶ୍ୱର ଅଟନ୍ତି। ଆମେନ୍।

108 ଶେଷ ଦିନରେ, ସାଧାରଣ ଲୋକମାନଙ୍କ ଉପରେ, ପବିତ୍ରଆତ୍ମାଙ୍କର ଢ଼ଳାଯିବା, ଲୋକମାନଙ୍କ ସହିତରେ ପରମେଶ୍ୱରଙ୍କ ଗୁଣଚରିତ୍ରକୁ ଚିହ୍ନିତ କରିଅଛି। ସେ ଏହାର ପ୍ରତିଜ୍ଞା କରିଥିଲେ। ଏହା ବାକ୍ୟ ଅଟେ। ସେ ସେ କହିଥିଲେ ଯେ ସେ ଏହା କରିବେ। କେହିହେଲେ ଏହାକୁ ଫେରାଇ ନେଇପାରିବେ ନାହିଁ। ସେ କହିଥିଲେ ଯେ ସେ ଏହା କରିବେ।

109 ଏଣୁ ଏହି ସମସ୍ତ ବିଷୟ ଯାହା ସେ ପ୍ରତିଜ୍ଞା କରିଛନ୍ତି, ତାହାହିଁ ଅଟେ ଯାହା ସେ ସାଧନ କରନ୍ତି। ଏହା ତାହାଙ୍କର ଗୁଣଚରିତ୍ରକୁ ଚିହ୍ନିତ କରେ। ହଁ, ମହାଶୟ। "ଯଦି ମୋ'ର ଗୁଣଚରିତ୍ର ପରମେଶ୍ୱରଙ୍କର ନୁହେଁ, ତେବେ ଏହାକୁ ବିଶ୍ୱାସ କରନ୍ତୁ ନାହିଁ, ମୋ'ର ଦାବିଗୁଡ଼ିକୁ ବିଶ୍ୱାସ କରନ୍ତୁ ନାହିଁ।"

110 ତେବେ ଯୋହନ 14:12 ରେ ଧ୍ୟାନ ଦିଅନ୍ତୁ, "ଯିଏ ମୋ' ଠାରେ ବିଶ୍ୱାସ କରେ," ସେ କହିଲେ, "ତାହାଠାରେ ମୋ'ର ପରିଚୟ ଅଛି, ମୋ'ର ଗୁଣଚରିତ୍ର ଅଛି। ଯିଏ ମୋ' ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ସେ ମଧ୍ୟ କରିବ।" ତାହା ଖ୍ରୀଷ୍ଟଙ୍କର ସେହି ଗୁଣଚରିତ୍ରଗୁଡ଼ିକୁ ପ୍ରଦର୍ଶନ କରି, ନିଜଠାରେ ତାହାଙ୍କର ଗୁଣଚରିତ୍ରକୁ ଚିହ୍ନିତ କରିଥାଏ। ଆମେନ୍।

111 ମୁଁ ବର୍ତ୍ତମାନ ବହୁତ ଧାର୍ମିକ ଅନୁଭବ କରୁଛି, ଯଦି ମୁଁ କର୍କଶ ଶୁଭାଯାଏ । ହଁ, ମହାଶୟ । ଓଃ, ମୋ'ର ପ୍ରଭୁ! ଦେଖନ୍ତୁ, ତାହା ବିଷୟରେ କୌଣସି ଭୁଲ ନାହିଁ! ତାହାଙ୍କର ଜୀବନ! "ଯିଏ ମୋ' ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ସେ ମଧ୍ୟ କରିବ ।" ଦେଖନ୍ତୁ, ତାହା ଗୁଣଚରିତ୍ରକୁ ଚିହ୍ନିତ କରିଥାଏ ।

112 ସେହି ସମାନ କଥା ସେ କହିଲେ: "ଯଦି ମୋ'ର ଗୁଣଚରିତ୍ର ମୋତେ ଚିହ୍ନିତ କରେ ନାହିଁ," ତାହାଙ୍କଠାରେ—ରେ ପରମେଶ୍ୱର, ତେବେ ସେ...ତାହାଙ୍କୁ ବିଶ୍ୱାସ କର ନାହିଁ । ତେବେ, ସେ ଏହା ମଧ୍ୟ କହିଲେ ଯେ ସେ ସେଥିରେ ଚିହ୍ନିତ କରାଯିବେ । ତେବେ, ତାହା, ଯଦି ଏହା ତାହାଙ୍କୁ ଚିହ୍ନିତ କରେ ନାହିଁ, ତାହାହେଲେ ସେ ତାହା ନୁହଁନ୍ତି ଯାହା ସେ କହୁଅଛନ୍ତି ।

113 ଆଉ, ଆଜି, ଯଦି ଖ୍ରୀଷ୍ଟ ଆପଣାକୁ ଚିହ୍ନିତ କରାନ୍ତି ନାହିଁ, ଖ୍ରୀଷ୍ଟଙ୍କ ଗୁଣଚରିତ୍ର ଆମକୁ ଖ୍ରୀଷ୍ଟଙ୍କର ଅଟୁ ବୋଲି ଚିହ୍ନିତ କରେ ନାହିଁ, ବାକ୍ୟକୁ ବିଶ୍ୱାସ କରୁଥିବାର ଚିହ୍ନିତ କରେ ନାହିଁ...ଯେହେତୁ ଯୀଶୁ ବାକ୍ୟ ଥିଲେ, ଏଣୁ ତାହାଙ୍କୁ ବାକ୍ୟକୁ ବିଶ୍ୱାସ କରିବାକୁ ଥିଲା । ଆଉ ତାହାହେଲେ ଆମେମାନେ କିପରି ଭାବରେ କହିପାରୁ ଯେ ଆମେମାନେ ଖ୍ରୀଷ୍ଟଙ୍କର ଅଟୁ, ପୁଣି ସେହି ବାଇବଲର କୌଣସି ବାକ୍ୟକୁ ଅସ୍ୱୀକାର କରୁ? ଖ୍ରୀଷ୍ଟଙ୍କର ପବିତ୍ରଆତ୍ମା ଆପଣମାନଙ୍କ ଭିତରେ ପରମେଶ୍ୱର ଅଟନ୍ତି, ଏବଂ ଏହା ପ୍ରତ୍ୟେକ ପ୍ରତିଜ୍ଞାକୁ ଏକ "ଆମେନ୍" ସହ ବିରାମଚିହ୍ନ ଲଗାଇବ । ବାଇବଲ କହେ, "ବିଶ୍ୱାସୀମାନଙ୍କର ଏହି ଚିହ୍ନଗୁଡ଼ିକ ଅନୁବର୍ତ୍ତୀ ହେବ ।" ପରମେଶ୍ୱରଙ୍କ ଆତ୍ମା କହିଲେ, "ଆମେନ୍ ।" ବୁଝିଲେ?

114 ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ କହିବେ ନାହିଁ, "ନା, ତାହା ତ ଅନ୍ୟ ଏକ ଯୁଗ ପାଇଁ ଥିଲା; ତାହା ତ କେବଳ ଶିଷ୍ୟମାନଙ୍କ ପାଇଁ ଥିଲା ।"

115 "ସମସ୍ତ ଜଗତକୁ ଯାଅ ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର । ସେ, ସମସ୍ତ ଜଗତରେ ଯେକୌଣସିଠାରେ ବି ଥାଆନ୍ତୁ, ଯିଏକି ବିଶ୍ୱାସ କରେ, ଏହି ଚିହ୍ନଗୁଡ଼ିକ ତା'ର ଅନୁବର୍ତ୍ତୀ ହେବ, ସେହି ସମାନ ବିଷୟ ।" "ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟଇ," ସେହି ଗୁଣଚରିତ୍ର ଚିହ୍ନିତ ହେଉଅଛି ।

116 ତାହା ଏବ୍ରୀ 1:1କୁ ଉପସ୍ଥାପିତ କରେ, "ବିଭିନ୍ନ ସମୟର ପରମେଶ୍ୱର, ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷଙ୍କ ସହିତରେ କଥାବାର୍ତ୍ତା କରିଥିଲେ," ଠିକ୍ ସେହି ସମାନ ଗୁଣଚରିତ୍ର ଦ୍ୱାରା ଯାହାକି ସେ ବିଭିନ୍ନ ସମୟରେ କରିଥିଲେ, ଆଜି ଖ୍ରୀଷ୍ଟଙ୍କୁ ଚିହ୍ନିତ କରୁଛନ୍ତି, ଯିଏକି ପୁନରୁତ୍‌ଥିତ ଅଟନ୍ତି । କ'ଣ ଆପଣ ଧ୍ୟାନ ଦେଲେ? ପରମେଶ୍ୱର କଦାପି ତାହାଙ୍କର ମାର୍ଗ ପରିବର୍ତ୍ତନ କରନ୍ତି ନାହିଁ ।

117 ପୁରାତନ ବାଇବଲର ସମୟରେ, ଯେତେବେଳେ ଜଣେ ସ୍ୱପ୍ନଦର୍ଶୀ ସ୍ୱପ୍ନ ଦେଖୁଥିଲେ, ଏବଂ ଏହି ସ୍ୱପ୍ନଟି ଠିକ୍ କି ନୁହେଁ ତାହା ଜାଣିବା ପାଇଁ ଦେଶରେ କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ, ସେମାନଙ୍କ ପାଖରେ ତାହା ଜାଣିବାର ଏକ ଅନ୍ୟ ଉପାୟ ଥିଲା । ସେମାନେ ସେହି ଚରିତ୍ରବିଶିଷ୍ଟକୁ ନେଉଥିଲେ, ଯିଏ ସେହି ସ୍ୱପ୍ନକୁ ଦେଖିଥିଲେ, ତାଙ୍କୁ ମନ୍ଦିରକୁ ନେଇ

ଯାଉଥିଲେ। ସେଠାରେ ଖୁଣ୍ଟରେ ହାରୋଣଙ୍କର, ଯିଏକି ମହାଯାଜକ ଥିଲେ, ତାଙ୍କର ବୁକୁପଟା ଝୁଲି ରହୁଥିଲା। ଆଉ ଏହି ସ୍ୱପ୍ନଦର୍ଶୀ ଏହି ସ୍ୱପ୍ନକୁ କହୁଥିଲେ। ତାହା ଯେତେ ଭଲ ଶୁଭାଯାଉ ନା କାହିଁକି, ତାହା କେତେ ବାସ୍ତବିକ ପରି ଶୁଭାଯାଉ ନା କାହିଁକି; ଯଦି ସେହି ବୁକୁପଟାର ପଥରଗୁଡ଼ିକ ଉପରେ, ଯାହାକୁକି ଊରିମ୍ ଥୁମ୍ମିମ୍ ବୋଲି କୁହାଯାଏ, ଏକ ପରମଅଲୌକିକ ପ୍ରକାଶ ପ୍ରଜ୍ୱଳିତ ନ ହୁଏ (ବାଇବଲ ପାଠକ ତାହା ବୁଝନ୍ତି); ତେବେ, ମୋ'ର ଏଥିରେ କିଛି ଯାଏଆସେ ନାହିଁ ଯେ ଏହା କେତେ ବାସ୍ତବିକ ପରି ଶୁଭା ଯାଉଥିଲା, ଏହା ତାହା ନ ଥିଲା। ପରମେଶ୍ୱରଙ୍କ ଅସ୍ୱାଭାବିକ ବିଷୟକୁ, ପରମେଶ୍ୱରଙ୍କ ଚରିତ୍ରକୁ, ପରମଅଲୌକିକରେ ତାହାଙ୍କର ଗୁଣଚରିତ୍ରଗୁଡ଼ିକୁ ପ୍ରଦର୍ଶନ କରିବାକୁ ଥିଲା, ଏହା ଦେଖାଇବା ହେତୁ ଯେ ସେ ନିଜକୁ ବାର୍ତ୍ତାରେ ଚିହ୍ନିତ କରାଇଛନ୍ତି। ଆମେନ୍।

118 ଆଜିରାତ୍ରି ମୁଁ ସେହି ସମାନ ବିଷୟକୁ କହୁଛି। ସେହି ପୁରୁଣା ଊରିମ୍ ଥୁମ୍ମିମ୍ ଚାଲିଯାଇଛି, କିନ୍ତୁ ସେହି ବାକ୍ୟ ଏବେ ମଧ୍ୟ ସେହି ବିଷୟ ଅଟେ ଯାହାକି ପରମେଶ୍ୱରଙ୍କ ଗୁଣଚରିତ୍ରକୁ ଚିହ୍ନିତ କରିଥାଏ, ତାହା ଏହି ସମୟର ପ୍ରତିଜ୍ଞା ଅଟେ ଯେଉଁ ସମୟରେକି ଆମେମାନେ ବସବାସ କରୁଅଛୁ। ସେଠାରେ ପରମେଶ୍ୱରଙ୍କ ଗୁଣଚରିତ୍ରମାନ ଏହି ସମୟର ପ୍ରତିଜ୍ଞା ଦ୍ୱାରା ଚିହ୍ନିତ ହେଉଅଛି ଯେଉଁସମୟରେକି ଆମେମାନେ ରହୁଅଛୁ।

119 ତାହା ପରମେଶ୍ୱରଙ୍କୁ ସେହି ସମାନ କରି ଗଢ଼ି ତୋଳିଥାଏ ଯାହାକି ସେ ଅଟନ୍ତି। "ବିଭିନ୍ନ ସମୟରେ," ଦେଖନ୍ତୁ, "ବିଭିନ୍ନ ପ୍ରକାରେ, ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷଙ୍କ ସହିତ କଥାବାର୍ତ୍ତା କଲେ।" "ପୁଣି ବ୍ୟବସ୍ଥା ଓ ଭବିଷ୍ୟଦ୍‌ବକ୍ତାମାନ ଯୋହନଙ୍କ ସମୟ ପର୍ଯ୍ୟନ୍ତ ଥିଲେ; ସେହି ସମୟଠାରୁ, ସ୍ୱର୍ଗରାଜ୍ୟ।" ଧ୍ୟାନ ଦିଅନ୍ତୁ, "ମାତ୍ର ଏହି ଶେଷ ଦିନରେ," ଠିକ୍ ସେହି ସମାନ ବିଷୟକୁ କହୁଛନ୍ତି ଯାହାକି ସେ ସେହି ସମୟରେ କହିଥିଲେ, "ତାହାଙ୍କର ପୁତ୍ର ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା।" "ପରମେଶ୍ୱର, ବିଭିନ୍ନ ସମୟରେ, ବିଭିନ୍ନ ପ୍ରକାରେ, ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ; ଏହି ଶେଷ ଦିନରେ," ସେହି ସମାନ ବିଷୟକୁ ସାଧନ କରୁଛନ୍ତି, "ତାହାଙ୍କର ପୁତ୍ର ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଲୋକମାନଙ୍କ (ପିତୃପୁରୁଷମାନଙ୍କ) ସହିତ କଥା ହେଉଛନ୍ତି।" ତାହାଙ୍କୁ ସେ ମୃତ୍ୟୁରୁ ପୁନରୁତ୍‌ଥିତ କରିଛନ୍ତି, ଏବଂ ସେ ଆମମାନଙ୍କ ଭିତରେ ବାସ କରନ୍ତି, ନିଜକୁ ଚିହ୍ନିତ କରାନ୍ତି ଓ ଆମକୁ ଭବିଷ୍ୟତ୍‌ବାଣୀ ବିଷୟ କୁହନ୍ତି, ଯେ ସେ ହୃଦୟର ଚିନ୍ତା ଏବଂ ଭାବର ଏକ ସୂକ୍ଷ୍ମ ବିଚାରକ ଅଟନ୍ତି। ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି! "ପରମେଶ୍ୱର, ବିଭିନ୍ନ ସମୟରେ, ବିଭିନ୍ନ ପ୍ରକାରେ, ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ, ମାତ୍ର ଏହି ଶେଷ ଦିନରେ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା କଥା ହେଲେ।" ଶାସ୍ତ୍ର ସହିତ କୌଣସି ଅନାଧିକୃତ ହସ୍ତକ୍ଷେପ କରାଯାଇପାରେ ନାହିଁ। ଏହା ଠିକ୍ ଅଟେ।

120 ମୁଁ ଯେପରି ପୂର୍ବରୁ କହିଅଛି, ଏହି ବାକ୍ୟକୁ ବ୍ୟାଖ୍ୟା କରିବା ନିମନ୍ତେ ପରମେଶ୍ୱର କାହାରିକୁ ଆବଶ୍ୟକ କରନ୍ତି ନାହିଁ। ସେ ତାହାଙ୍କର ବାକ୍ୟର ବ୍ୟାଖ୍ୟା ନିଜେ କରନ୍ତି।

ଯେତେବେଳେ ସେ କିଛି କୁହନ୍ତି, ତାହା ଘଟିତ ହୋଇଥାଏ, ତାହାହିଁ ହେଉଛି ସେହି ବ୍ୟାଖ୍ୟା । ବୁଝିଲେ? ସେ କାହାରିକୁ ଆବଶ୍ୟକ କରନ୍ତି ନାହିଁ ଯେ କେହି କହିବ ଯଥା, "ତେବେ, ମୁଁ ବିଶ୍ୱାସ କରେ ଯେ ତାହାର ଅର୍ଥ *ଏହା* ଅଟେ ।" ପରମେଶ୍ୱର ଏହାକୁ ନିଜର ବ୍ୟାଖ୍ୟା ଦ୍ୱାରା ଚିହ୍ନିତ କରନ୍ତି ।

121 ତାହା ହେଲା, ଯଦି ପ୍ରତିଜ୍ଞାଟି ସେହି ଦିନ ପାଇଁ ଅଟେ, ତେବେ ଆମେ ଲୁଥରଙ୍କର—ର—ର ପ୍ରକାଶରେ ରହିପାରିବା ନାହିଁ, ଆମେ ୱେସଲିଙ୍କ ପ୍ରକାଶରେ ରହିପାରିବା ନାହିଁ, ଆମେ ସେଗୁଡ଼ିକ ମଧ୍ୟରୁ କାହାରି ପ୍ରକାଶରେ ରହିପାରିବା ନାହିଁ । ଆମକୁ ତ ଏହି ଦିନ ପାଇଁ ପ୍ରତିଜ୍ଞା କରାଯାଇଥିବା ପ୍ରକାଶରେ ରହିବାକୁ ଅଛି ।

122 ତେବେ କ'ଣ ହୋଇଥା'ନ୍ତା ଯଦି ମୋଶା ମିସରକୁ ଯାଇଥା'ନ୍ତେ, ଓ କହିଥା'ନ୍ତେ, "ଠିକ୍ ଅଛି, ଆମେ ଏକ ବଡ଼ ଜାହାଜ ନିର୍ମାଣ କରିବାକୁ ଯାଉଅଛୁ । ଆମେ ଏହି ଦେଶରୁ ଭାସି ଭାସି ବାହାରି ଯିବାକୁ ଯାଉଅଛୁ । ନୀଳ ନଦୀ ଉପରକୁ ଆସିବାକୁ ଯାଉଛି"? ସେମାନେ ପୁସ୍ତକରେ ତାହାକୁ ଖୋଜି ଦେଖନ୍ତେ; ସେପ୍ରକାର କୌଣସି ପ୍ରତିଜ୍ଞା ହିଁ ନାହିଁ । ତାହା ଠିକ୍ । ମାତ୍ର, ଆପଣ ଦେଖନ୍ତୁ, ସେ ନିଜକୁ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ବୋଲି ଚିହ୍ନିତ କରାଇଲେ, କାରଣ ସେ ଯାହା କହିଲେ ତାହା ଘଟିଥିଲା, ତା' ପରେ ସେମାନେ ଜାଣିଲେ ଯେ ତାହାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଅଛି । ଫାରୋଙ୍କ ପାଖରେ ବର୍ଚ୍ଛା ଥିଲା, ମାତ୍ର ମୋଶାଙ୍କ ପାଖରେ ବାକ୍ୟ ଥିଲା । ଏଣୁ ସେମାନେ ଯେତେବେଳେ ସମୁଦ୍ର ନିକଟରେ ପହଞ୍ଚିଲେ, ସେହି ବର୍ଚ୍ଛାସବୁ ସମୁଦ୍ର ତଳେ ବୁଡ଼ିଗଲା; ଆଉ ମୋଶା ଇସ୍ରାଏଲକୁ ସମୁଦ୍ର ପାର କରାଇ, ଶୁଷ୍କ ଭୂମିକୁ ନେଇଗଲେ, କାରଣ ତାହାଙ୍କ ପାଖରେ ବାକ୍ୟ ଥିଲା, ଏବଂ ସେ ସେହି ସମୟର ବାକ୍ୟ ଥିଲେ । ମୋଶା ସେହି ସମୟ ପାଇଁ ପ୍ରକଟିତ ବାକ୍ୟ ଥିଲେ ।

ଏଲୀୟ ସେହି ସମୟ ପାଇଁ ପ୍ରକଟିତ ବାକ୍ୟ ଥିଲେ ।

123 ଖ୍ରୀଷ୍ଟ ହେଉଛନ୍ତି ପ୍ରକଟିତ ବାକ୍ୟ, ଏବଂ ସେହି ପ୍ରତିଜ୍ଞାମାନ ଯାହା ସେ କରିଥିଲେ । "ଆଉ ଅଳ୍ପ ସମୟ ପୁଣି ଜଗତ ମୋତେ ଆଉ ଦେଖିବ ନାହିଁ; କିନ୍ତୁ ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ଥିବି, ଏପରିକି ତୁମ ଅନ୍ତରରେ ଥିବି, ଜଗତର ଶେଷ ପର୍ଯ୍ୟନ୍ତ । ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ତୁମେ ମଧ୍ୟ ତାହା କରିବ ।" ସେ ଏହିସବୁ ବିଷୟର ପ୍ରତିଜ୍ଞା କରିଥିଲେ । ଏହା କ'ଣ ଅଟେ? ଏହା ତ ପରମେଶ୍ୱରଙ୍କ ସେହି ଗୁଣଚରିତ୍ର ଅଟେ ଯାହାକି ତାହାଙ୍କର ବାକ୍ୟକୁ ପ୍ରଦର୍ଶନ କରୁଅଛି, ଯେପରିକି ସେ ସମସ୍ତ ଯୁଗମାନରେ କରିଥିଲେ ।

124 ମଲାଖି 4, ସେ କହିଲେ, "ପ୍ରଭୁଙ୍କର ମହତ୍ ଓ ଭୟଙ୍କର ଦିନର ଆଗମନ ପୂର୍ବେ, ଦେଖ, ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା; ଏବଂ ସେ ସନ୍ତାନଗଣର ବିଶ୍ୱାସକୁ ପୁନର୍ବାର ପିତୃଗଣ ପ୍ରତି ଫେରାଇବେ ଏହାପୂର୍ବେ କି ସେହି ଦିନ ଆସେ ।" ସେ ଏହାର ପ୍ରତିଜ୍ଞା କରିଥିଲେ ।

125 ସାଧୁ ଲୂକଙ୍କର 17ତମ ପର୍ବରେ, ଯୀଶୁ କହିଲେ, "ସଦୋମଙ୍କ ସମୟରେ ଯେପରି ଘଟିଥିଲା, ମନୁଷ୍ୟପୁତ୍ରଙ୍କ ଆଗମନ ସମୟରେ ସେହିପ୍ରକାର ଘଟିବ, ଯେତେବେଳେ ମନୁଷ୍ୟପୁତ୍ର ପ୍ରକଟିତ ହେବେ।" ଯେତେବେଳେ ପ୍ରକାଶନ ନିଜେ ଉନ୍ମୋଚିତ ହେଉଥାଏ, ଠିକ୍ ସେହି ଦିନମାନଙ୍କରେ ଯେତେବେଳେକି ଜଗତ ସଦୋମ ପରି ହୋଇଯିବ, ତାହା କ'ଣ ହେବ? ସେହି ଶାସ୍ତ୍ରର ଗୁଣଚରିତ୍ର ତାହା ସଫଳ ହେଉଥାଏ। ପରମେଶ୍ୱର ଆପଣାକୁ ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଉଛନ୍ତି, ସେହି ଗୁଣଚରିତ୍ରମାନ ଯାହାକି ସେ ସର୍ବଦା ରହି ଆସିଛନ୍ତି। ସେ ତାହା ଛାଡ଼ିପାରନ୍ତି ନାହିଁ।

126 ଶେଷ ଦିନମାନଙ୍କରେ, ସେ ନିଜ ପୁତ୍ରଙ୍କ ଦ୍ୱାରା ଚିହ୍ନିତ ହେଲେ। ଧ୍ୟାନ ଦିଅନ୍ତୁ ଯେ ପରମେଶ୍ୱର କିପରି ଭାବରେ ସର୍ବଦା ଏହା କରିଥା'ନ୍ତି ସେତେବେଳେ...ଯେତେବେଳେ ସେ ସର୍ବ-...ସେ କଦାପି ତାହାଙ୍କର ମାର୍ଗ ବଦଳାନ୍ତି ନାହିଁ।

127 ସଦୋମଙ୍କ ସମୟରେ, ଅବ୍ରହାମଙ୍କ ସହିତ ଏହି ତିନୋଟି ପୁରୁଷ ଯିଏକି କଥା ହୋଇଥିଲେ, ଯାହା ବିଷୟରେ ଆମେ ଠିକ୍ ସେଠାରେ କଥାବାର୍ତ୍ତା କରିଥିଲୁ।

128 ଅବ୍ରହାମ ଜଣେ ଏପରି ବ୍ୟକ୍ତି ଥିଲେ ଯିଏକି ପରମେଶ୍ୱରଙ୍କୁ ବିଶ୍ୱାସ କରୁଥିଲେ। ସେ ପରମେଶ୍ୱରଙ୍କୁ ତାହାଙ୍କର ପ୍ରତିଜ୍ଞା ଅନୁସାରେ ଗ୍ରହଣ କରିଥିଲେ। ସାରା, ତାଙ୍କ ପତ୍ନୀଙ୍କୁ, ପଇଁ-ଷାଠିଏ ବର୍ଷ ବୟସ ହୋଇଥିଲା, ଅବ୍ରହାମ ପଞ୍ଚ-ସତୁରି ବର୍ଷ ବୟସର ଥିଲେ, ଯେତେବେଳେ ପରମେଶ୍ୱର ତାଙ୍କୁ ଡାକିଥିଲେ। ସେ କହିଥିଲେ ଯେ ସେମାନଙ୍କର ଏକ—ଏକ ସନ୍ତାନ ହେବାକୁ ଯାଉଅଛି; ସାରାଙ୍କ ଦ୍ୱାରା ଅବ୍ରହାମଙ୍କର ଏକ ସନ୍ତାନ ହେବ। ଏହା ଟିକିଏ ହାସ୍ୟାସ୍ପଦ ଲାଗିପାରେ, ମାତ୍ର ମୁଁ କଳ୍ପନା କରୁଛି ଯେ ସାରା ସେସବୁ ରଖିଥିଲେ—ସାନ ଶିଶୁମାନଙ୍କର ଛୋଟ ଛୋଟ ବସ୍ତ୍ରମାନ ଏବଂ ପିନଗୁଡ଼ିକ, ଏବଂ ସବୁକିଛି, ପ୍ରସ୍ତୁତ ରଖିଥିଲେ, କାରଣ ସେମାନେ ଏହି ଶିଶୁକୁ ପ୍ରାପ୍ତ କରିବାକୁ ଯାଉଥିଲେ।

129 ପ୍ରଥମ ଅଠେ-ଇଶ ଦିନ ପରେ, କାହିଁକି, ଅବ୍ରହାମ ବୋଧହୁଏ ସାରାଙ୍କୁ କହିଥିବେ, "ପ୍ରିୟେ, ତୁମକୁ କିପରି ଅନୁଭବ ହେଉଛି?"

"କିଛି ଭିନ୍ନ ନୁହେଁ।"

"ପରମେଶ୍ୱରଙ୍କ ମହିମା ହେଉ, ଯାହା ବି ହେଉ, ଆମର ତାହା ହେବାକୁ ଯାଉଅଛି।"

"ତୁମେ କିପରି ଜାଣିଲ?"

"ପରମେଶ୍ୱର ତାହା କହିଛନ୍ତି।"

ଗୋଟିଏ ବର୍ଷ ବିତିଗଲା। "ପ୍ରିୟେ, ତୁମକୁ କିପରି ଅନୁଭବ ହେଉଛି?"

"କିଛି ଅଲଗା ନୁହେଁ।"

"ଯାହା ବି ହେଉ, ଆମର ତାହା ହେବାକୁ ଯାଉଅଛି। ପରମେଶ୍ୱର ତାହା କହିଛନ୍ତି।"

ପାଞ୍ଚ ବର୍ଷ ବିତିଗଲା। "ପ୍ରିୟେ, ତୁମକୁ ବର୍ତ୍ତମାନ କିପରି ଅନୁଭବ ହେଉଛି?"

"କିଛି ଭିନ୍ନ ନୁହେଁ।"

"ଯାହା ବି ହେଉ, ଆମର ତାହା ହେବାକୁ ଯାଉଅଛି। ପରମେଶ୍ୱର ତାହା କହିଛନ୍ତି।"

130 ଏହା କ'ଣ ଥିଲା? ତାହାଙ୍କଠାରେ ପରମେଶ୍ୱରଙ୍କ ପ୍ରତିଜ୍ଞା ଥିଲା। ସେ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ସେ ପରମେଶ୍ୱରଙ୍କ ପରି କାର୍ଯ୍ୟ କଲେ: ସେ ପ୍ରତିଜ୍ଞା କରାଯାଇଥିବା ବାକ୍ୟକୁ ଧରି ରଖିଲେ। ତାହା...

131 ପଚି-ଶ ବର୍ଷ ବିତିଗଲା। ସାନ ଶିଶୁର ସେହି ଛୋଟ ବସ୍ତ୍ରମାନ ହଳଦିଆ ହୋଇଗଲା, କିନ୍ତୁ ସେ ତଥାପି ସେମାନଙ୍କୁ ଧରି ରଖିଥିଲେ। ବର୍ତ୍ତମାନ ସେ ବୃଦ୍ଧ ଅଟନ୍ତି, ଓ ପିଠି ବଙ୍କା ହୋଇଯାଇଛି, ଆଉ ସେ ଅତି ଭୟଙ୍କର ରୂପରେ ଅଛନ୍ତି; ପୁଣି ସାରାଙ୍କ ଗର୍ଭ ମୃତପ୍ରାୟଃ ଅଟେ, ଏବଂ ସେ ବନ୍ଧ୍ୟା ଅଟନ୍ତି। ଆଉ ସେମାନଙ୍କର କି ଏକ ଅବସ୍ଥା ଅଛି!

132 "ହେ ଜାତିର ପିତା, ଅବ୍ରହାମ, ତୁମେ କିପରି ଅନୁଭବ କରୁଛ?" ତାଙ୍କର କୃତ୍ରିମ-ବିଶ୍ୱାସୀ ବନ୍ଧୁମାନେ ତାଙ୍କୁ କହିଥା'ନ୍ତି।

133 "ତେବେ, ପରମେଶ୍ୱରଙ୍କ ମହିମା ହେଉ, ମୁଁ ଉତ୍ତମ ଅନୁଭବ କରୁଛି। ଯାହା ବି ହେଉ, ଆମର ସେହି ସନ୍ତାନ ହେବାକୁ ଯାଉଅଛି।" କାରଣ ସେ ପରମେଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ; ବରଂ ପରମେଶ୍ୱର ଯାହା କହିଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ ଜାଣି ତାହାଙ୍କୁ ଗୌରବ ଦେଇ, ବିଶ୍ୱାସରେ ବଳବାନ୍ ହେଲେ। ଆମେନ୍। ତାହାହିଁ ଜଣେ ବିଶ୍ୱାସୀର ଗୁଣଚରିତ୍ର ଅଟେ।

134 ଆପଣଙ୍କ ବିଷୟରେ କ'ଣ? ବୁଝିଲେ? ଅବ୍ରହାମଙ୍କ ସନ୍ତାନ ଯେ ଆମେମାନେ, ଆମ ବିଷୟରେ କ'ଣ? କ'ଣ ଆମେ ପରମେଶ୍ୱରଙ୍କ ବାକ୍ୟ ସହିତ, ଏକ ପ୍ରତିଜ୍ଞା ଭାବରେ ଚିହ୍ନିତ ଅଟୁ କି, ଆଉ କ'ଣ ଆମର ଗୁଣଚରିତ୍ର ଆମକୁ ଚିହ୍ନିତ କରେ କି, ଯେ ଆମେ ପ୍ରକୃତରେ ବିଶ୍ୱାସ କରୁ? କିଅବା, ଆମେ କେବଳ ହୋ-ହାଲ୍ଲା କରିଥାଉ, *ଏଠାରୁ* ଡିଆଁ ମାରିଥାଉ, ଏବଂ *ଏଠାକୁ* ଡିଆଁ ମାରିଥାଉ, ପୁଣି *ଏଠାରେ* ତଳେ ଡିଆଁ ମାରିଥାଉ, ଓ ଅନୁମାନ କରିଥାଉ, ଏବଂ ତାହା ବିଷୟରେ, ହୋ-ହାଲ୍ଲା କରିଥାଉ? ତେବେ, ଆମେମାନେ ଖ୍ରୀଷ୍ଟିଆନ ନୋହୁଁ, ଆମେ ତ କେବଳ ବିଶ୍ୱାସ କରିବାର ଢଙ୍ଗ କରୁଥାଉ।

135 ମାତ୍ର, ଯେତେବେଳେ ଆମେ ପ୍ରକୃତରେ ସେହି ପ୍ରତିଜ୍ଞା ପାଇଁ ଛିଡ଼ା ହେଉ, ଠିକ୍ ସେହିଠାରେ ପାଦକୁ ଦୃଢ଼ ଭାବେ ସ୍ଥାପିତ କରୁ ଏବଂ ତାହା ସହିତ ଲାଗି ରହୁ! ଅବ୍ରହାମ ତାହାହିଁ କରିଥିଲେ।

136 ତେବେ ଆମେମାନେ ପାଉ, ଦିନେ ସେ ଦେଖିଲେ ଯେ ତିନିଜଣ ବ୍ୟକ୍ତି, ଚାଲି ଚାଲି ଆସୁଛନ୍ତି। ବାଇବଲ ଏଠାରେ କହେ, "ଏହା ଦିନକର ଖରାବେଳେ," ନିଶ୍ଚିତ ମଧ୍ୟାହ୍ନ ପ୍ରାୟଃ ସମୟ ହୋଇଥିବ। ଏହି ବ୍ୟକ୍ତିମାନେ ଚାଲି ଚାଲି ଆସିଲେ ଏବଂ ତାଙ୍କ ସହିତ କଥାବାର୍ତ୍ତା କଲେ। ଆମେମାନେ ବୁଝିଛୁ ଯେ ସେମାନଙ୍କ ମଧ୍ୟରୁ ଦୁଇଜଣ ସଦୋମକୁ ଗଲେ। ମୁଁ ବିଶ୍ୱାସ

କରେ ଯେ ଅନ୍ୟ ରାତ୍ରିରେ ଆମେ ତାହା ଉପରେ କଥା ହୋଇଥିଲୁ । ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ସହିତ ରହି ଯାଇଥିଲେ ।

137 ଏହି ବ୍ୟକ୍ତିଙ୍କୁ ଦେଖନ୍ତୁ ଯେ ସେ ଡାକିଲେ...ଯିଏକି ତାଙ୍କ ସହିତ ରହି ଯାଇଥିଲେ, ଯେ ଏହି ବ୍ୟକ୍ତି କ'ଣ କଲେ । ସେହି ଜଣକା ତାହାଙ୍କର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହୋଇଥିଲେ, ଯେ ସେ ଏଲୋହିମ୍ ଥିଲେ ।

138 ଏଲୋହିମ୍, ବାଇବଲର ଠିକ୍ ସେହି ପ୍ରଥମ ଶବ୍ଦଟି, "ଆଦ୍ୟରେ ପରମେଶ୍ୱର..." ତେବେ, ଆପଣ ଶାସ୍ତ୍ରଜ୍ଞମାନଙ୍କ ମଧ୍ୟରୁ କେହି ବି ଏହା ଜାଣନ୍ତି ଯେ ସେଠାରେ ସେହି ଶବ୍ଦ *ପରମେଶ୍ୱର*ର ଅର୍ଥ, ଏବ୍ରୀ ଭାଷାରେ ହେଉଛି, "ଏଲୋହିମ୍," ଯାହାର ଅର୍ଥ ହେଉଛି, "ସର୍ବଶକ୍ତିମାନ, ସର୍ବ-ସାମର୍ଥୀ, ସ୍ୱୟଂ-ଭୂ," କାହାରିଠାରୁ କୌଣସି ସାହାଯ୍ୟ ଆବଶ୍ୟକ କରନ୍ତି ନାହିଁ, କାହାରି ବ୍ୟାଖ୍ୟା ଆବଶ୍ୟକ କରନ୍ତି ନାହିଁ; ତାହାଙ୍କର ନିଜର ବ୍ୟାଖ୍ୟା କରନ୍ତି । ସେ ସର୍ବ-ସାମର୍ଥୀ ପରମେଶ୍ୱର ଅଟନ୍ତି, ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବଶକ୍ତିମାନ । ସେ ପରମେଶ୍ୱର ଅଟନ୍ତି ।

139 ସେଠାରେ ସେ ରହିଥିଲେ । ଆଉ ବର୍ତ୍ତମାନ ଅବ୍ରହାମ, ଏହି ପିତୃପୁରୁଷ ଯିଏକି ବାକ୍ୟକୁ ଧରି ରହିଥିଲେ, ଏହି ବ୍ୟକ୍ତିଙ୍କୁ ଦେଖିଲେ । ଏବଂ ଯେତେବେଳେ ଏହି ବ୍ୟକ୍ତି ନିଜର ପିଠିକୁ ସେହି ତମ୍ବୁ ଆଡ଼କୁ କରିଥିଲେ, ସେ କହିଲେ, "ତୁମ୍ଭର ଭାର୍ଯ୍ୟା ସାରା, କେଉଁଠାରେ?"

ଉତ୍ତର ଦେଲେ, "ସେ ଆପଣଙ୍କ ପଛରେ, ତମ୍ବୁରେ ଅଛନ୍ତି ।"

140 କହିଲେ, "ଜୀବନର ଋତୁ ଅନୁସାରେ ମୁଁ ତୁମକୁ ଦେଖା କରିବାକୁ ଯାଉଛି, ଏବଂ ତୁମର ଏହି ଶିଶୁଟି ଜନ୍ମ ହେବ ଯାହା ମୁଁ ତୁମକୁ ପ୍ରତିଜ୍ଞା କରିଅଛି ।"

141 ଆଉ ସାରା ତାହା ବିଷୟରେ ହସିଲେ । ଆଉ ଏହି ଜଣକା ଯିଏକି ତାଙ୍କ ସହିତ କଥାବାର୍ତ୍ତା ହେଉଥିଲେ, ତାଙ୍କୁ ସେସବୁ ବିଷୟ କହିଲେ ଯାହାକିଛି ସାରା ତାହାଙ୍କ ପଛରେ, ତମ୍ବୁରେ ଥାଇ କହିଥିଲେ ।

142 ତେବେ, ଆଦିପୁସ୍ତକରେ, ଆପଣ ତାହା ପାଠ କରିବେ । ତା' ପରେ ଆମେମାନେ ପାଉ ଯେ, ଏହି ବ୍ୟକ୍ତି ନିଜକୁ ଚିହ୍ନିତ କରିସାରିବା ପରେ, ଅବ୍ରହାମ...

143 ତାହା କ'ଣ ଥିଲା? ଏବ୍ରୀ, 4ର୍ଥ ପର୍ବ, ତା'ର 12ଶ ପଦ, କହେ, "ପରମେଶ୍ୱରଙ୍କ ବାକ୍ୟ ତୀକ୍ଷ୍ଣତର, ଦ୍ୱି-ଧାର ଖଡ୍‌ଗଠାରୁ ଅଧିକ ଶକ୍ତିଶାଳୀ, ହୃଦୟର ଚିନ୍ତା ଓ ଭାବର ଏକ ସୁକ୍ଷ୍ମ ବିଚାରକ ଅଟେ ।"

144 ସେ ଜାଣିଥିଲେ ଯେ ଏହାହିଁ ସେହି ବ୍ୟକ୍ତି ଅଟନ୍ତି । ସେ ଜାଣିଥିଲେ ଯେ ଏହି ଦେଶରେ ତାଙ୍କ ବ୍ୟତୀତ ଆଉ କେହି ଭବିଷ୍ୟଦ୍‌ବକ୍ତା ନାହାଁନ୍ତି, ଆଉ ତେଣୁକରି ପ୍ରଭୁଙ୍କର ବାକ୍ୟ ତାଙ୍କ ନିକଟକୁ ଆସିଥିଲା । ଆଉ ସେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ଏଠାରେ ସେହି ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସୁଛି ।

145 ବାପ୍ତିଜକ ଯୋହନଙ୍କ ସହିତ ମଧ୍ୟ ସେହି ସମାନ ବିଷୟ ଥିଲା । ଚାରି ଶହ ବର୍ଷ ଧରି କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ । ମୋ'ର ମନେଅଛି...

146 ବୋଧହୁଏ ପୁରୁଣା ଡାକ୍ତର ଡେଭିସ୍ ଆଜିରାତ୍ରି, ଏଠାରେ ବସିଛନ୍ତି, ସେହି ପୁରୁଣା ମିଶନାରୀ ବାପ୍‌ଟିଷ୍ଟ ପ୍ରଚାରକ ଯିଏକି ମୋତେ ବିଶ୍ୱାସରେ ବାପ୍ତିସ୍ମ ଦେଇଥିଲେ । ସେ ମୋ' ସହିତ ଯୁକ୍ତିତର୍କ ଲାଗିଥା'ନ୍ତି । ସେ କହିଥିଲେ, "ବିଲି, ତେବେ ତୁମେ ତ କେବଳ ଏକ ଶିଶୁ ଅଟ । ତୁମେ ମୋ' କଥା ଶୁଣିବା ଉଚିତ୍ ।

ମୁଁ କହିଲି, "ଠିକ୍ ଅଛି, ଭାଇ ଡେଭିସ୍, ମୁଁ ଶୁଣୁଛି ।"

147 ସେ କହିଲେ, "ତୁମେ ଦେଖ, ଯୋହନ ବାପ୍ତିଜିତ ହୋଇ ନ ଥିଲେ । ଏଣୁ ସେ ବାପ୍ତିସ୍ମ ଦେଉଥିଲେ, ମାତ୍ର ବାପ୍ତିଜିତ ହୋଇ ନ ଥିଲେ; ତାଙ୍କୁ ବାପ୍ତିସ୍ମ ଦେବାକୁ କେହି ହେଲେ ଯୋଗ୍ୟ ନ ଥିଲେ ।" ତାହା ଖୁବ୍ ଭଲ ବାପ୍‌ଟିଷ୍ଟ ଧର୍ମଶାସ୍ତ୍ରୀୟ ଜ୍ଞାନ ଥିଲା "ଆଉ ଏଠାରେ ଯୀଶୁ ଆସିଲେ, ଏବଂ ତା' ପରେ କହିଲେ...ଯୋହନ କହିଲେ, 'ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ; ଆଉ ଆପଣ ମୋ' ନିକଟକୁ ଆସୁଛନ୍ତି?' ଏବଂ ଯୀଶୁ କହିଲେ, 'ଏବେ ସମ୍ମତ ହୁଅ ।'" ଡାକ୍ତର ଡେଭିସ୍ କହିଲେ, "ଆଉ ତା'ପରେ ଯେତେବେଳେ ଯୀଶୁ ତାଙ୍କୁ 'ସମ୍ମତ' କରାଇ ସାରିଲେ," କହିଲେ, "ତୁମେ ଦେଖ, ତା' ପରେ ଯୀଶୁ ଯୋହନଙ୍କୁ ବାପ୍ତିସ୍ମ ଦେଲେ । ଆଉ ଯେତେବେଳେ ସେ ଜଳରୁ ଉଠି ଆସିଲେ, ସେତେବେଳେ ଆକାଶ ଉନ୍ମୁକ୍ତ ହେଲା ଓ ସେ ପରମେଶ୍ୱରଙ୍କୁ ଏକ କପୋତ ରୂପରେ ଦେଖିଲେ, ତାହା ଅବତରଣ କଲେ, ଏବଂ ଯୀଶୁଙ୍କ ଉପରକୁ ଆସିଲେ, କହିଲେ, 'ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ବାସ କରିବା ଆମ୍ଭର ପରମ ସନ୍ତୋଷ ।'" ମାତ୍ର, ନା, ଡାକ୍ତର ଡେଭିସ୍ ସହିତ ଅସହମତ ହେବା ପାଇଁ ନୁହେଁ, କିନ୍ତୁ ସେ ଭୁଲ୍ ଥିଲେ ।

148 ଦେଖନ୍ତୁ, ଯୋହନ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ବାକ୍ୟ ସଦାସର୍ବଦା ଭବିଷ୍ୟଦ୍‌ବକ୍ତାଙ୍କ ପାଖକୁ ଆସିଥାଏ । ଅତଏବ ଯଦି ବାକ୍ୟ ଦେହବନ୍ତ ହୁଏ, ତେବେ ତାହାକୁ ଯେକୌଣସି ପ୍ରକାରେ ବି, ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ହିଁ ଆସିବାକୁ ପଡ଼ିଥାଏ; 'କାରଣ, ସେ ବାକ୍ୟ ବିଷୟରେ ସାକ୍ଷ୍ୟ ଦେଉଥିଲେ, ଆଉ ତାଙ୍କର ଠିକ୍ ସେହି ଗୁଣଚରିତ୍ର ହିଁ ତାଙ୍କୁ ଚିହ୍ନିତ କରିଥିଲା । ତେବେ ଏଠାରେ ବାକ୍ୟ ଆସିଲା, କ'ଣ ଘଟିତ ହେଲା? ଠିକ୍ ଯେତେବେଳେ ସେ ଯୀଶୁଙ୍କ ସମ୍ମୁଖକୁ ଗଲେ, ଯୋହନ କହିଲେ, "ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ; ଆଉ ଆପଣ ମୋ' ନିକଟକୁ ଆସୁଛନ୍ତି?"

149 ଯୀଶୁ କହିଲେ, "ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ (ଆମ୍ଭମାନଙ୍କର କର୍ତ୍ତବ୍ୟ) ।" ଯୋହନ ଭବିଷ୍ୟଦ୍‌ବକ୍ତା ହୋଇଥିବା ହେତୁରୁ; ସେ ବାକ୍ୟ ହୋଇଥିବା ହେତୁରୁ । ଯୀଶୁ ସେହି ବଳିଦାନ ଥିଲେ, ଏବଂ ସେ ତାହାଙ୍କର ପାର୍ଥିବ ସେବାକାର୍ଯ୍ୟରେ ପ୍ରବେଶ କରିବାକୁ ଯାଉଥିଲେ, ଏବଂ ସେହି ବଳିଦାନଟିକୁ ଉତ୍ସର୍ଗ କରାଯିବା ପୂର୍ବରୁ ଧୁଆଯିବାକୁ ଥିଲା । ଆଉ ଯୋହନ ତାହାଙ୍କୁ ବାପ୍ତିସ୍ମ

ଦେଲେ, କାରଣ ସେ ଜାଣିଥିଲେ । “ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ ।” ବଳିଦାନଟି ଉପସ୍ଥାପନା କରାଯିବା ପୂର୍ବରୁ ଧୁଆଯିବାକୁ ଥିଲା, ଏଣୁ ଯୋହନ ତାଙ୍କୁ ବାପ୍ତିସ୍ମ ଦେଲେ । ଏହା ଯୀଶୁ ଯୋହନଙ୍କୁ ବାପ୍ତିସ୍ମ ଦେଉ ନ ଥିଲେ । ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ । “ଏବେ ସମ୍ମତ ହୁଅ ।”

150 ଧ୍ୟାନ ଦିଅନ୍ତୁ, ଏଠାରେ ଅବ୍ରହାମ ଥିଲେ, ଏବଂ ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଥିଲା । ପ୍ରଭୁଙ୍କ ବାକ୍ୟ ତାଙ୍କ ନିକଟକୁ ଆସିଥିଲା । ସେ ଭବିଷ୍ୟଦ୍‌ବକ୍ତା ଥିଲେ । ଏବଂ ବର୍ତ୍ତମାନ ଏଠାରେ ବାକ୍ୟ ଆସେ । ସେ ତାଙ୍କୁ ଡାକିଲେ, “ଅବ୍ରହାମ,” *ଅବ୍ରାମ* ନୁହେଁ ।

151 ଏହାର କିଛି ଦିନ ପୂର୍ବରୁ, ତାଙ୍କ ନାମ ଅବ୍ରାମ ଥିଲା—ଅବ୍ରାମ ଥିଲା, ବର୍ତ୍ତମାନ ଏହା ଅବ୍ରହାମ ଅଟେ । ତାଙ୍କ ପତ୍ନୀ ସାରୀ ଥିଲେ, ବର୍ତ୍ତମାନ ଏହା “ସାରା,” ଅଟେ ସା-ରୀ ନୁହେଁ; ସା-ରା । (ଅ-ବ୍ର-ହା-ମ) ଅ-ବ୍ରା-ମ ନୁହେଁ, ମାତ୍ର ଅ-ବ୍ର-ହା-ମ, ଅବ୍ରହାମ ଅଟେ ।

152 ଏବଂ ଏହି ବ୍ୟକ୍ତି ନିଜକୁ ଚିହ୍ନିତତ କରାଇଲେ, ଯେତେବେଳେ ସେ କହିଲେ, “ଅବ୍ରହାମ!” ଓଃ, ମୋର ପ୍ରଭୁ!

ଅବ୍ରହାମ କହିଲେ, “ଏଲୋହିମ୍!”

153 ସେଠାରେ ବାକ୍ୟ ଏବଂ ଭବିଷ୍ୟଦ୍‌ବକ୍ତା ଅଛନ୍ତି, ଏକାଠି, ଉଭୟ ଚରିତ୍ରଗୁଡ଼ିକ ଚିହ୍ନିତ କରାଯାଇଥିବା ଅବସ୍ଥାରେ ।

154 ଏଲୋହିମ୍, ସେ କହିଲେ, “ତୁମ୍ଭର ଭାର୍ଯ୍ୟା ସାରା, କେଉଁଠାରେ?”

155 ଉତ୍ତର ଦେଲେ, “ସେ ଆପଣଙ୍କ ପଛରେ, ତମ୍ବୁରେ ଅଛନ୍ତି ।” ଏବଂ ସେହି…ତା'ପରେ ସେହି ଆଶ୍ଚର୍ଯ୍ୟକର୍ମ ସାଧନ ହେଲା । ଏଲୋହିମ୍! ଅବ୍ରହାମ ତାହାଙ୍କୁ ଡାକିଲେ, “ସର୍ବ-ସାମର୍ଥୀ, ପରାକ୍ରମୀ, ସର୍ବଶକ୍ତିମାନ ପରମେଶ୍ୱର ।”

156 ଯୀଶୁ କହିଲେ, ଯେତେବେଳେ ସେ ପୃଥିବୀରେ ଥିଲେ, ସେ ଠିକ୍ ସେହି କାର୍ଯ୍ୟ କରିଥିଲେ ଯାହାକି ଏଲୋହିମ୍ କରିଥିଲେ । ତାହା ତାହାଙ୍କର ଗୁଣଚରିତ୍ରକୁ ପରମେଶ୍ୱର ଭାବରେ ଚିହ୍ନିତ କଲା ।

157 ଆଉ ସେ ପୂର୍ବରୁ, କହିଥିଲେ, “ଶେଷ ଦିନରେ, ଠିକ୍ ମନୁଷ୍ୟପୁତ୍ରଙ୍କ ଆଗମନ ସମୟରେ, ଯେତେବେଳେ ସେ ପ୍ରକଟିତ ହେବେ, ଏହି ଅବସ୍ଥା ପୁନର୍ବାର ଉପସ୍ଥାପିତ ହେବ, ଯେପରିକି ତାହା ସଦୋମରେ ଥିଲା ।” ଏଲୋହିମ୍, ସେହି ସର୍ବଶକ୍ତିମାନ ପରମେଶ୍ୱର ଆପଣାର ଲୋକମାନଙ୍କ ମଧ୍ୟରେ! ତାହାହିଁ ଅଟେ ଯାହାକି ଶାସ୍ତ୍ର କହେ । ଲୋକମାନଙ୍କ ମଧ୍ୟରେ ଏଲୋହିମ୍!

158 ଚାଳିଶ ବର୍ଷ ହେଲାଣି ସେ ଆମକୁ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ କରି ଆସୁଛନ୍ତି, ଏଲୋହିମ, ପରମେଶ୍ୱର! ଆଉ ମଣ୍ଡଳୀଟି…

159 ଦେଖନ୍ତୁ, ଅବ୍ରହାମ ଗୋଟିଏ ଚିହ୍ନ ଦେଖିଲେ, ଆଉ ଏକ ଆହ୍ୱାନ; ଏକ ଚିହ୍ନ, ଏକ ଆହ୍ୱାନ; ଏକ ଆହ୍ୱାନ, ଏକ ଚିହ୍ନ; ସେହି ପ୍ରତିଜ୍ଞାତ ପୁତ୍ରର ଅପେକ୍ଷା କରୁଥିଲେ। ମାତ୍ର ସେହି ଶେଷ ଚିହ୍ନ ଯାହା ସେ ଦେଖିଲେ, ସେହି ଶେଷ ପ୍ରକଟିକରଣ, ପରମେଶ୍ୱରଙ୍କ ସେହି ଶେଷ ପରିଦର୍ଶନ ଏହା ପୂର୍ବେକି ସେହି ପ୍ରତିଜ୍ଞାତ ପୁତ୍ର ଦୃଶ୍ୟରେ ଆଗମନ କରନ୍ତେ, ତାହା ଥିଲା ମାନବୀୟ ଶରୀରରେ ଏଲୋହିମ୍। ତା' ପରେ ସେହି ପ୍ରତିଜ୍ଞାତ ପୁତ୍ର ଆସିଲେ।

160 ଆଉ ଅବ୍ରହାମଙ୍କ ବଂଶ ସେହି ପ୍ରତିଜ୍ଞାତ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କର ଅପେକ୍ଷା କରୁଅଛି। ଏବଂ ସେମାନେ ଚିହ୍ନଗୁଡ଼ିକ ଦେଖିଛନ୍ତି, ପବିତ୍ରଆତ୍ମାଙ୍କ ଢଳାଯିବା, ପରଭାଷାରେ କଥା କହିବା, ଦିବ୍ୟ ସୁସ୍ଥୀକରଣ, ଓ ଇତ୍ୟାଦି ଦେଖିଛନ୍ତି। ମାତ୍ର ଯେତେବେଳେ ମନୁଷ୍ୟପୁତ୍ର ପ୍ରକଟିତ ହେବେ, ଏଲୋହିମ୍ ଅବ୍ରହାମଙ୍କ ରାଜକୀୟ ବଂଶ ନିକଟକୁ ଫେରି ଆସିବେ ଓ ସେହି ସମାନ ବିଷୟକୁ ଦେଖାଇବେ ଯାହାକି ସେ ସେହି ଦିନ ଦେଖାଇଥିଲେ, ଆମେନ୍, ଏଲୋହିମ୍, ଯେପରିକି ତାହା ଥିଲା! କାହିଁକି? ଏହା ତ ପରମେଶ୍ୱରଙ୍କ ସେହି ଗୁଣଚରିତ୍ର ହେବ।

161 ତେବେ, ଯଦି ଖ୍ରୀଷ୍ଟ ପରମେଶ୍ୱର ଥିଲେ, "ଆଉ ଅଳ୍ପ ସମୟ ଏବଂ ଜଗତ ମୋତେ ଆଉ ଦେଖିବ ନାହିଁ; ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ତୁମ ଅନ୍ତରରେ ରହିବି, ଯୁଗାନ୍ତ ପର୍ଯ୍ୟନ୍ତ, ସେହି ଶେଷ ପର୍ଯ୍ୟନ୍ତ। ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ତୁମେମାନେ ମଧ୍ୟ ତାହା କରିବ।"

162 ଯୀଶୁ ତାହା ଲୂକରେ—ରେ, ତା'ର 17ତମ ପର୍ବରେ କହିଥିଲେ। ଠିକ୍ ଅଛି, ଯେତେବେଳେ ଆମେ ବିଶ୍ୱାସ କରୁ ଏବଂ ଏହି ଶେଷ ଦିନଗୁଡ଼ିକୁ ଦେଖୁ, ଏହି ସ୍ଥିତିଗୁଡ଼ିକୁ ପୁନର୍ବାର ସଂଘଟିତ ହେବାକୁ ହେବ।

163 ଅତଏବ, ଏବ୍ରୀ 1:1, "ପରମେଶ୍ୱର, ବିଭିନ୍ନ ସମୟରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ନିଜକୁ ଚିହ୍ନିତ କରାଇଲେ, ଏହି ଶେଷ ଦିନରେ ତାହାଙ୍କର ପୁତ୍ରଙ୍କର ମୃତ୍ୟୁରୁ ପୁନରୁତ୍‌ଥାନ ହୋଇଥିବାକୁ ଚିହ୍ନିତ କରିଅଛନ୍ତି," ମଣ୍ଡଳୀକୁ ସେହି ସମାନ ଗୁଣଚରିତ୍ର ପ୍ରଦାନ କରିବା ଦ୍ୱାରା ଯାହାକି ତାହାଙ୍କର ରହିଥିଲା, ଯଦ୍ୱାରା ଏବ୍ରୀ 13:8କୁ ଅବିକଳ ଭାବେ ଠିକ୍ ବୋଲି ଉପସ୍ଥାପିତ କରିଥା'ନ୍ତି।

164 ସେଥିରୁ କୌଣସି ପର ଟଣା ଯାଇପାରିବ ନାହିଁ।ତାହା ତ ଉତ୍କ୍ରୋଶ ପକ୍ଷୀର ପର ଅଟେ। ସେମାନେ ଟାଣ ଭାବେ ବନ୍ଧା ହୋଇଥା'ନ୍ତି, କାରଣ ସେମାନେ ସ୍ୱର୍ଗୀୟ ପକ୍ଷୀ ଅଟନ୍ତି। [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ।]...ସେମାନେ ତାହାଙ୍କର ଉତ୍କ୍ରୋଶ ପକ୍ଷୀର ଖାଦ୍ୟ ଭୋଜନ କରନ୍ତି।

165 ତେବେ ଆମେମାନେ ଲକ୍ଷ୍ୟ କରୁ ଯେ, "ବିଭିନ୍ନ ସମୟରେ, ବିଭିନ୍ନ ପ୍ରକାରେ, ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ, ଏହି ଶେଷ ଦିନରେ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା କଥା ହେଲେ, ଯାହାଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲେ।" ଏବଂ ଏଠାରେ ଦୁଇ ହଜାର ବର୍ଷ ପରେ, ସେହି ସମାନ ଯୀଶୁ, ସେ ଆମମାନଙ୍କ

ମଧ୍ୟରେ ଅଛନ୍ତି, ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ କେହି ଜଣେ ନୁହେଁ; ଯୀଶୁ, ହାଲ୍ଲେଲୁୟା, ସେହି ପୁନରୁତ୍‌ଥିତ ପରମେଶ୍ୱରଙ୍କ ପୁତ୍ର!

166 ଯୀଶୁ କହିଲେ, ଗୋଟିଏ ଦିନ, ସେ କହିଲେ, "ଏକ ଦୁଷ୍ଟ ଏବଂ ବ୍ୟଭିଚାରୀ ବଂଶ ଏକ ଚିହ୍ନ ଖୋଜିଥାଏ, ଆଉ ସେମାନେ ଏକ ଚିହ୍ନ ପାଇବେ।" ଏକ ଦୁଷ୍ଟ ଓ ବ୍ୟଭିଚାରୀ ବଂଶ। କେବେ ଏହି ଜଗତ ଏତେ ଅଧିକ ଦୁଷ୍ଟ, କିମ୍ବା ବ୍ୟଭିଚାର ଓ ବିକୃତ ଥିଲା କି, ଯେତିକି ସେ ବର୍ତ୍ତମାନ ଅଛି?

167 "ଯେପରି ଯୁନସଙ୍କ ସମୟରେ ହୋଇଥିଲା, ଯେ ଯୁନସ ତିନି ଦିନ ଓ ରାତ୍ରି ତିମି ମାଛର ପେଟ ଭିତରେ ରହିଥିଲେ, ଠିକ୍ ସେହିପରି ଭାବରେ ମନୁଷ୍ୟପୁତ୍ରଙ୍କୁ ତିନି ଦିନ ଓ ରାତ୍ରି ପୃଥିବୀର ଗର୍ଭ ଭିତରେ ରହିବାକୁ ଅଛି।"

168 ତେବେ, "ଏକ ଦୁଷ୍ଟ ଓ ବ୍ୟଭିଚାରୀ ବଂଶକୁ" ଏକ ଚିହ୍ନ ପାଇବାକୁ ଥିଲା। କି ପ୍ରକାରର ଏକ ଚିହ୍ନ? ପୁନରୁତ୍‌ଥାନର ଏକ ଚିହ୍ନ। ଆଉ ତାହା ଆଜି ଆମ ପାଖରେ ରହିଛି, ଦୁଇ ହଜାର ବର୍ଷ ପରେ, ସେ ଏବେ ମଧ୍ୟ ଜୀବିତ ଅଛନ୍ତି। ସେ ଆଜିରାତ୍ରି, ଆମମାନଙ୍କ ମଧ୍ୟରେ ଅଛନ୍ତି, ସେହି ସମାନ ଗତକାଲି, ଆଜି, ଏବଂ ଚିରଦିନ, ଆପଣାକୁ ପରମେଶ୍ୱରଙ୍କ ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଉ ଅଛନ୍ତି, ଏହି ଦିନରେ ବାକ୍ୟକୁ ପ୍ରକଟ କରୁଅଛନ୍ତି ଯାହା ସେ କରିବା ପାଇଁ ପ୍ରତିଜ୍ଞା କରିଥିଲେ। ଆମେନ୍।

169 ବାକ୍ୟ ସେଠାରେ ଅଛି। କ'ଣ ଆପଣ ବର୍ତ୍ତମାନ ସେହି ଚିହ୍ନକୁ ବିଶ୍ୱାସ କରିବେ କି? ତାହାହିଁ ପରବର୍ତ୍ତୀ ବିଷୟ ଅଟେ, ଶେଷ ଦିନରେ, ତାହାଙ୍କ ପୁତ୍ରଙ୍କ ଦ୍ୱାରା ତାହାଙ୍କୁ ଚିହ୍ନାଯିବା। ଧ୍ୟାନ ଦିଅନ୍ତୁ।

170 ପରମେଶ୍ୱର ବିଭିନ୍ନ ସମୟରେ ମୋଶାଙ୍କ ସହିତ କଥାବାର୍ତ୍ତା କଲେ। ଦ୍ୱିତୀୟ ବିବରଣ 18:15 ରେ, କହିଲେ, "ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ମୋ' ସଦୃଶ ଏକ ଭବିଷ୍ୟଦ୍‌ବକ୍ତାକୁ ଉଠାଇବେ।" ତେବେ ଦେଖନ୍ତୁ। ତାହା ହେଉଛି ବାକ୍ୟ। ତାହା ବାକ୍ୟ ଅଟେ। ତାହା ପରମେଶ୍ୱର ଅଟନ୍ତି। ତାହା ମୋଶା ନ ଥିଲେ। ମୋଶା ତାହା କିପରି ଭାବରେ ଜାଣିବେ? ସେ ତ ଜଣେ ମନୁଷ୍ୟ ଥିଲେ। ମାତ୍ର ପରମେଶ୍ୱର, ମୋଶାଙ୍କ ଦ୍ୱାରା କଥା କହୁଥାଇ, ଏହା କହିଥଲେ। କ'ଣ ଆପଣ ତାହା ବିଶ୍ୱାସ କରନ୍ତି କି? ଠିକ୍ ଅଛି।

171 ତେବେ ଯୀଶୁଙ୍କୁ ଲକ୍ଷ୍ୟ କରନ୍ତୁ, ଦେଖନ୍ତୁ ଯେ କିପରି ତାହାଙ୍କର—ତାହାଙ୍କର ଗୁଣଚରିତ୍ରମାନ ଏହି ପ୍ରତିଜ୍ଞାତ ବାକ୍ୟକୁ ସତ୍ୟ ବୋଲି ଚିହ୍ନିତ କରାଇଥିଲା। ସେ ନିଶ୍ଚିତରେ କରିଥିଲେ। ସେ ଏହି ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାଯାଇଥିଲେ ଯାହାକି ସେ ହେବେ ବୋଲି ମୋଶା କହିଥିଲେ।

172 ସେମାନଙ୍କ ମଧ୍ୟରୁ ଅନେକେ, ଆଜିର ଦିନ ପରି, ସେମାନେ କୌଣସି ଏକ ମହାନ ନେତାଙ୍କୁ ଦେଖିବାକୁ ଇଚ୍ଛା କରନ୍ତି। "ଓଃ, ଏହା ହେଉଛନ୍ତି ଡାକ୍ତର ପି.ଏଚ୍ *ଅମୁକ-ଓ-ଅମୁକ।* ସେ ହାର୍ଟଫୋର୍ଡ ବିଶ୍ୱବିଦ୍ୟାଳୟରୁ ଆସିଛନ୍ତି।" କିମ୍ବା, "ସେ ସେହିପରି କୌଣସି ଏକ ବୃହତ

ବଡ଼ ସ୍ଥାନରୁ ଆସିଛନ୍ତି।” ତାହା ପରମେଶ୍ୱରଙ୍କର କୌଣସି ପରିଚୟ ନୁହେଁ। ନା, ନା। ଏହା ବିଷୟରେ କିଛି ହେଲେ ନୁହେଁ। ବାକ୍ୟ ହିଁ ଅଟେ ଯାହାକି ପରମେଶ୍ୱରଙ୍କୁ ଚିହ୍ନିତ କରେ। ବୁଝିଲେ?

173 ଯୀଶୁ ଜଣେ ପଣ୍ଡିତ ନ ଥିଲେ, କିମ୍ବା ସେ ଏକ ଯାଜକ ମଧ୍ୟ ନ ଥିଲେ, କିଅବା ସେ ଜଗତ ପାଇଁ, କୌଣସି ରାବବୀ ନ ଥିଲେ। ସେ ତ ଜଗତ ନିମନ୍ତେ, ଜଣେ ସ୍ୱଧର୍ମତ୍ୟାଗୀ ଥିଲେ।

174 ମାତ୍ର ପରମେଶ୍ୱର ନିଜର ବାକ୍ୟକୁ ତାହାଙ୍କ ଦ୍ୱାରା ନିଶ୍ଚିତ କରୁଥିଲେ, ଯାହାକି ତାଙ୍କୁ ଇମ୍ମାନୁଏଲ୍ କରିଥିଲା। ତାହା ଥିଲା ତାହାଙ୍କର ପରିଚୟ। ତେବେ, ଏଠାରେ, ଯୀଶୁ ଅବିକଳ ଭାବେ ଠିକ୍ ଏହି ବିଷୟକୁ ସଫଳ କରିଥିଲେ ଯାହାକି ପରମେଶ୍ୱର ବିଭିନ୍ନ ସମୟରେ, ମୋଶାଙ୍କ ଦ୍ୱାରା ସେ କରିବେ ବୋଲି କହିଥିଲେ, ଯେ ସେ କ'ଣ କରିବେ।

175 ତେବେ ଦେଖନ୍ତୁ ଯେତେବେଳେ ସେ ପିତରଙ୍କୁ ଭେଟିଲେ, ଯେପରିକି ଆମେ ଏହାକୁ ଅନ୍ୟ ରାତ୍ରିରେ ନାଟ୍ୟ ଆକାରେ ଦେଖିଥିଲୁ, ଯେତେବେଳେ ସେ ପିତରଙ୍କୁ ଭେଟିଲେ ଏବଂ ପିତରଙ୍କୁ କହିଲେ ଯେ ତାଙ୍କ ନାମ କ'ଣ। ପିତରଙ୍କ ପାଇଁ, ଏହି ଚିହ୍ନ ତାହାଙ୍କର ଖ୍ରୀଷ୍ଟ ହୋଇଥିବା ଦାବିକୁ ଚିହ୍ନିତ କରିଥିଲା, କାରଣ ବାକ୍ୟ କହିଥିଲା, “ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ।”

176 ଆଉ ପିତର ଆସିଲେ, ଯିଏକି ସେତେବେଳେ ଶିମୋନ ଥିଲେ, ସେଠାକୁ ଆସିଲେ ଯେଉଁଠାରେକି ପ୍ରଭୁ ଥିଲେ। ଯୀଶୁ ତାହାଙ୍କୁ ଅନାଇ, କହିଲେ, “ତୁମ୍ଭର ନାମ ଶିମୋନ, ଏବଂ ତୁମେ ଯୁନସଙ୍କ ପୁତ୍ର।” ଏହା ଖ୍ରୀଷ୍ଟଙ୍କର ସେହି ଗୁଣଚରିତ୍ରକୁ ଚିହ୍ନିତ କରିଥିଲା ଯେ ସେ ବାକ୍ୟ ଥିଲେ ଯାହା ମୋଶା ପ୍ରତିଜ୍ଞା କରିଥିଲେ। ପିତର ଏହା ହୃଦୟଙ୍ଗମ କଲେ ଯେ ସେହି ଚିହ୍ନ ଯୀଶୁଙ୍କୁ ମଶୀହ ରୂପେ ଚିହ୍ନିତ କରିଥିଲା। “ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥିଲେ,” ଏହାହିଁ ସେହି ଅଭିଷେକ ଯାହାକି ଶେଷ ଦିନ ପାଇଁ ଅଟେ। ନିଥନିୟେଲଙ୍କୁ…ମନେରଖନ୍ତୁ, ସେ ଶିମୋନଙ୍କୁ ତାଙ୍କ ନାମ କହିଥିଲେ।

177 ତେବେ, ଦେଖନ୍ତୁ, ନିଥନିୟେଲଙ୍କୁ ସେ ତାହା ସବୁକିଛି କହିଥିଲେ ଯାହା ସେ କରିଥିଲେ। “ଯେତେବେଳେ ତୁମେ ଗଛ ତଳେ ଥିଲ ସେତେବେଳେ ମୁଁ ତୁମକୁ ଦେଖିଥିଲି।” ଏହା ତାହାଙ୍କୁ ଖ୍ରୀଷ୍ଟ ବୋଲି ଚିହ୍ନିତ କରିଥିଲା।

178 କହିଲେ, “ଆପଣ ପରମେଶ୍ୱରଙ୍କ ପୁତ୍ର। ଆପଣ ଇସ୍ରାଏଲର ରାଜା।” ସେ ସେହି ପ୍ରତିଜ୍ଞାତ ବାକ୍ୟର ଗୁଣଚରିତ୍ର ଦ୍ୱାରା ଚିହ୍ନିତ ହୋଇଥିଲେ ଯେ ତାହାଙ୍କୁ ସେହି ଖ୍ରୀଷ୍ଟ ହେବାକୁ ଥିଲା। “ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ।”

179 କୂଅ ପାଖରେ ଥିବା ସେହି ଛୋଟ ସ୍ତ୍ରୀଲୋକଟି, ପ୍ରଭୁ ତାକୁ କହିଲେ ଯେ ସେ କ'ଣ ଥିଲା, ଏବଂ ଏହା ତାହାଙ୍କୁ ଏହି ପ୍ରତିଜ୍ଞାତ ମଶୀହ ରୂପେ ଚିହ୍ନିତ କରିଥିଲା। ବୁଝିଲେ?

180 ତାହାଙ୍କର ଚରିତ୍ର, ତାହାଙ୍କର ଗୁଣଚରିତ୍ରମାନ, ହିଁ ସେହି ବାକ୍ୟ ଥିଲା ଯାହାକି ଚିହ୍ନିତ କରାଯାଇଥିଲା। ତାହାଙ୍କର ଗୁଣଚରିତ୍ରମାନ ଏହା ଦର୍ଶାଉଥିଲା ଯେ ବାକ୍ୟ ପରମେଶ୍ୱର

ଥିଲେ, ଏଣୁ ତାହା ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଚିହ୍ନିତ ହେଉଥିଲେ । ତେବେ ଏହାକୁ ଦେଖନ୍ତୁ । ଧ୍ୟାନ ଦିଅନ୍ତୁ ।

181 ପିତରଙ୍କ ପାଇଁ, ତାଙ୍କ ନାମ ଧରି ଡାକିବା ଦ୍ୱାରା ସେ ପିତରଙ୍କଠାରେ ଚିହ୍ନିତ ହୋଇଥିଲେ । ନିଥନିୟେଲ କ'ଣ କରିଛନ୍ତି ତାହା ଜଣାଇବା ଦ୍ୱାରା ସେ ତାଙ୍କଠାରେ ଚିହ୍ନିତ ହୋଇଥିଲେ । ସେହି ସ୍ତ୍ରୀ କ'ଣ କରିଥିଲା, ତାହା କହିବା ଦ୍ୱାରା ସେ ତାଙ୍କ ଦ୍ୱାରା ଚିହ୍ନିତ ହୋଇଥିଲେ । ସେ କ'ଣ… *ସେ* କିଏ ଅଟନ୍ତି; *ସେ* କ'ଣ କରିଛନ୍ତି; ଓ *ସେ* କ'ଣ ଥିଲେ । ସେ ତାହାଙ୍କର ଖ୍ରୀଷ୍ଟୀୟ ଗୁଣଚରିତ୍ରକୁ ଚିହ୍ନିଥିଲେ, ଯାହାକି ମଶୀହଙ୍କର ଗୁଣଚରିତ୍ର ହେବାକୁ ଥିଲା ।

182 ସେହି ଛୋଟ ସ୍ତ୍ରୀଲୋକକୁ ଦେଖନ୍ତୁ ଯିଏକି ସେହି ସମାନ କଥା କହିଥିଲେ । "ମହାଶୟ, ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଏହା ମୁଁ ଜାଣିପାରୁଛି । ଶହ ଶହ ବର୍ଷ ହେଲାଣି ଆମର କୌଣସି ଭବିଷ୍ୟଦ୍‌ବକ୍ତା ହୋଇନାହାଁନ୍ତି । ଆମମାନଙ୍କ ପାଖରେ ପ୍ରଚୁର ସଂଖ୍ୟାରେ ମଣ୍ଡଳୀ ରହିଛି, ପ୍ରଚୁର ମାତ୍ରାରେ ଝଗଡ଼ାମାନ ଏବଂ ସଂସ୍ଥାଗତ ପାର୍ଥକ୍ୟ ରହିଛି, ମାତ୍ର ଶହ ଶହ ବର୍ଷ ହେଲାଣି ଆମର କୌଣସି ଭବିଷ୍ୟଦ୍‌ବକ୍ତା ହୋଇନାହାଁନ୍ତି । ଆମେ ଜାଣୁ ଯେ ଯେତେବେଳେ ମଶୀହ ଆସିବେ, ଏହା ହିଁ ତାହା ଅଟେ ଯାହାକି ତାହାଙ୍କୁ ଚିହ୍ନିତ କରିବ ।"

183 ସେ କହିଲେ, "ତୁମ୍ଭ ସହିତ କଥା କହୁଅଛି ଯେ ମୁଁ, ମୁଁ ସେହି ଅଟେ ।" ଏହା ବିଷୟରେ କୌଣସି ଅନିଶ୍ଚିତତା ନାହିଁ, "ମୁଁ ସେହି ଅଟେ ।" ତାହା ତାହାଙ୍କୁ ଚିହ୍ନିତ କଲା ।

184 ପ୍ରସ୍ତରାଘାତ ସମସ୍ୟା ଥିବା ସେହି ସ୍ତ୍ରୀଜଣକ, ତାହାଙ୍କୁ ବାକ୍ୟ ବୋଲି ଚିହ୍ନିତ କଲା । କିପରି? ପ୍ରଭୁଙ୍କର ତାହା କରିବା ଦ୍ୱାରା ଯେତେବେଳେ ସେହି ସ୍ତ୍ରୀର ବିଶ୍ୱାସ ତାହାଙ୍କୁ ସ୍ପର୍ଶ କରିଥିଲା । ସେ ବୁଲି ପଡ଼ିଲେ ଓ କହିଲେ, "କିଏ ମୋତେ ସ୍ପର୍ଶ କଲା?" ସେ ଜାଣିଥିଲେ ଯେ କିଛି ଗୋଟାଏ ଘଟିତ ହେଲା । ତାହା ଯୀଶୁଙ୍କୁ ମଶୀହ ରୂପେ ଚିହ୍ନିତ କରିଥିଲା ।

185 ସେ ତାହା ବିଶ୍ୱାସ କଲା, ଏବଂ ସେ କହିଲା, "ଯଦି ମୁଁ ତାହାଙ୍କର ବସ୍ତ୍ରକୁ ସ୍ପର୍ଶ କରିପାରିବି, ତେବେ ମୁଁ ଭଲ ହୋଇଯିବି ।"

186 ଏଣୁ ସେ ଠିକ୍ ସ୍ପର୍ଶ କରିବା ମାତ୍ରେ, ପ୍ରଭୁ ବୁଲି ପଡ଼ିଲେ, କହିଲେ, "ତେବେ କିଏ ମୋତେ ସ୍ପର୍ଶ କଲା?" ଆଉ ସେମାନେ ସମସ୍ତେ ତାହା ନାସ୍ତି କଲେ । ମାତ୍ର ତାହାଙ୍କର ଖ୍ରୀଷ୍ଟିୟ ଗୁଣଚରିତ୍ର…

187 ଆମେନ୍! ମୁଁ ଆଶା କରେ ଯେ ମଣ୍ଡଳୀ, ଆପଣ ତାହା ଦେଖିପାରୁଛନ୍ତି । ଶୁଣନ୍ତୁ, ଯେତେବେଳେ ଆମେମାନେ ସମାପ୍ତ କରୁଅଛୁ ।

188 ସେଠାରେ ସେ ତାହାଙ୍କୁ ସ୍ପର୍ଶ କଲେ । ହୋଇପାରେ ସେଠାରେ ଶହ ଶହ ଲୋକ ଥିଲେ, ବୋଧହୁଏ, ତାହାଙ୍କୁ ସ୍ପର୍ଶ କରିବାକୁ ଚେଷ୍ଟା କରୁଥିଲେ । ଏପରିକି ପିତର ତାହାଙ୍କୁ ଭର୍ତ୍ସନା କରି, କହିଥିଲେ, "ତେବେ, ସମସ୍ତେ ତ ଆପଣଙ୍କୁ ସ୍ପର୍ଶ କରୁଛନ୍ତି ।"

189 ସେ କହିଲେ, "ହଁ, ମାତ୍ର କେହି ଜଣେ ମୋତେ ଭିନ୍ନ ପ୍ରକାରେ ସ୍ପର୍ଶ କଲା ।" ତାହା ସେତିକି ଭିନ୍ନ ଥିଲା, ସେହି ବିଶ୍ୱାସର ସ୍ପର୍ଶ । ବୁଝିଲେ? କହିଲେ, "କେହି ଜଣେ ମୋତେ ସ୍ପର୍ଶ କଲା । ଏହା ଏକ ଭିନ୍ନ ସ୍ପର୍ଶ ଥିଲା । ମୁଁ ଦୁର୍ବଳ ହୋଇ ପଡ଼ିଲି । ମୋ' ପାଖରୁ ସାମର୍ଥ ବାହାରି ଗଲା । ସଦଗୁଣ ମୋ' ଠାରୁ ଚାଲିଗଲା ।" ତେବେ, ସେ ସେଠାରେ ଛିଡ଼ା ହୋଇଥିଲେ ।

190 ତେବେ, ଏପରିକି ତାହାଙ୍କର ନିଜର ଶିଷ୍ୟ ମଧ୍ୟ କହିଲେ, ଅନ୍ୟ ଶବ୍ଦରେ, "ଆପଣ ତ ଏପରି କହୁଛନ୍ତି—କହୁଛନ୍ତି ଯେପରିକି ଆପଣ ଜଣେ ଅପରାଧୀ ବ୍ୟକ୍ତି ଅଟନ୍ତି । କାହିଁକି, ଲୋକମାନେ ତ, ସମସ୍ତେ ଆପଣଙ୍କୁ ସ୍ପର୍ଶ କରୁଛନ୍ତି ।"

191 ତାହାଙ୍କର ଦେଖନ୍ତୁ, ତେବେ ତାହାଙ୍କର ଚିହ୍ନାଯିବା ବିଷୟକୁ ଦେଖନ୍ତୁ । ସେ ବୁଲିପଡ଼ିଲେ, ଭିଡ଼ ଭିତରକୁ ଚାହିଁଲେ । ସେ ସେହି ସ୍ତ୍ରୀଲୋକକୁ ଅଲଗା କରି ଚିହ୍ନଟ କଲେ । ସେ ଆଉ ଅଧିକ ନିଜକୁ ଲୁଚାଇ ପାରିଲା ନାହିଁ । ସେ ସେହି ସ୍ତ୍ରୀକୁ ତା'ର ଅବସ୍ଥା ବିଷୟ ଜଣାଇଲେ, ଏବଂ କହିଲେ, "ତା'ର ବିଶ୍ୱାସ ତା'କୁ ସୁସ୍ଥ କଲା ।"

192 ସେହି ସ୍ତ୍ରୀ, ଏହା ଦ୍ୱାରା, ସେହି ଏବ୍ରୀ 4:12କୁ, ଜାଣିଲା ଯେ, "ସେହି ବାକ୍ୟ ହୃଦୟର ଚିନ୍ତା, ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।" ତାହାଙ୍କର ଗୁଣଚରିତ୍ର ହିଁ ତାହାଙ୍କୁ ଏହିରୂପେ ଚିହ୍ନିତ କଲା ଯେ "ପରମେଶ୍ୱରଙ୍କ ବାକ୍ୟ ଦେହବନ୍ତ ହେଲେ ଓ ଆମ ମଧ୍ୟରେ ବାସ କଲେ ।" ଆମେନ୍ ।

193 ମୁଁ ଭାବୁଛି ଯେ ଆଜିରାତ୍ରି ସେହି ସମାନ ବିଷୟ ତାହାଙ୍କୁ ଚିହ୍ନିତ କରିଥାଏ, ସେହି ପୁନରୁତ୍‌ଥିତ ଯୀଶୁ ଖ୍ରୀଷ୍ଟଙ୍କୁ ଆଜିରାତ୍ରି ଆମମାନଙ୍କ ମଧ୍ୟରେ, ଗତକାଲି, ଆଜି, ଏବଂ ଚିରକାଳ ସେହି ସମାନ ଭାବରେ ବାସ କରୁଥିବା ରୂପେ । ତେବେ, ଯେହେତୁ ଏବ୍ରୀ 13:8 ସତ୍ୟ ଅଟେ, ତାହାଙ୍କର ଚରିତ୍ର ଆଜି ତାହାଙ୍କୁ ଚିହ୍ନିତ କରିବ, ଯେପରିକି ଏହା ସେଦିନ କରିଥିଲା, ଠିକ୍ ସେହି ସମାନ ଭାବରେ ।

194 ପୁନରୁତ୍‌ଥାନ ପରେ, କ୍ଲିଓପାସ୍ ଏବଂ ସେମାନଙ୍କୁ ଦେଖନ୍ତୁ । ଯୀଶୁ ଆପଣାକୁ ଠିକ୍ ସେହି ବିଷୟରେ ଚିହ୍ନିତ କରାଇଲେ ଯେଉଁପ୍ରକାରେ ସେ ସେହି ରୁଟିକୁ ଭାଙ୍ଗିଥିଲେ, ସେ ତା'କୁ ଠିକ୍ ସେହି ପ୍ରକାରେ କଲେ ଯେପରିକି ସେ କ୍ରୁଶାର୍ପଣ ହେବା ପୂର୍ବରୁ ତାହା କରୁଥିଲେ । ଆଉ ସେମାନେ...ତାହା ତାହାଙ୍କର ଗୁଣଚରିତ୍ରକୁ ଚିହ୍ନିତ କରିଥିଲା, କାରଣ ସେହି ପ୍ରକାରେ ହିଁ ସେ ତାହା କରୁଥିଲେ ।

195 ତେବେ ଯଦି ସେ ଆଜିରାତ୍ରି ଏଠାରେ ଥାଆନ୍ତେ, ତେବେ ସେ ନିଜକୁ କିପରି ଭାବରେ ଚିହ୍ନିତ କରାନ୍ତେ? ଠିକ୍ ଯେପରି ସେ ଗତକାଲି କରିଥିଲେ, କାରଣ ସେ ଆଜି, ଏବଂ ଚିରକାଳ ସମାନ ହିଁ ରହିବେ । ଏହା ହେଉଛି ଚିହ୍ନାଯିବା ବିଷୟ । ଏବ୍ରୀ 4, ଚୌ-...14 ଏବଂ 15, "ସେ ବର୍ତ୍ତମାନ ହେଉଛନ୍ତି..." କୁହେ, "ସେ ହେଉଛନ୍ତି ଆମର ମହାଯାଜକ ଯାହାଙ୍କୁ ଆମମାନଙ୍କର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରା ଯାଇପାରେ ।" ସେ ବର୍ତ୍ତମାନ ଆମର ମହାଯାଜକ ଅଟନ୍ତି । ତାହାଙ୍କର ପୁନରୁତ୍‌ଥାନ ପରେ, ତାହାଙ୍କର ମୃତ୍ୟୁ ପରେ, ତାହାଙ୍କର ସମାଧି ପରେ, ତାହାଙ୍କର ପୁନରୁତ୍‌ଥାନ ପରେ, ତାହାଙ୍କର ଆରୋହଣ ପରେ, ଆମେନ୍, ସେ ଏବେ ମଧ୍ୟ

ଗତକାଲି, ଆଜି, ଏବଂ ଚିରକାଳ, ସମାନ ରହିଛନ୍ତି, ଏପରି ଜଣେ ମହାଯାଜକ ଭାବରେ ଯାହାଙ୍କୁ ଆମମାନଙ୍କର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରା ଯାଇପାରେ । ଆମେନ୍ । ସେ ଠିକ୍ ବର୍ତ୍ତମାନ, ତାହାହିଁ ଅଟନ୍ତି, ଏଠାରେ ଥିବା ପ୍ରତ୍ୟେକ ପୁରୁଷ ଏବଂ ମହିଳାଙ୍କ ପାଇଁ ଯିଏକି ଏହାକୁ ବିଶ୍ୱାସ କରିବେ । ସେ ଆମମାନଙ୍କର ମହାଯାଜକ, ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।

196 ସେ ସଦାକାଳ ରହନ୍ତି । କ'ଣ ଆପଣ ତାହା ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ତାହାଙ୍କର ଗୁଣଚରିତ୍ରମାନ ନିରନ୍ତର ତାହାଙ୍କୁ ସେହି ସମାନ ଭାବରେ ଚିହ୍ନିତ କରିଥାଏ ଠିକ୍ ଯେପରିକି ସେ ସେତେବେଳେ ଥିଲେ ଯେତେବେଳେ ସେ ପୃଥିବୀରେ ବାସ କରିଥିଲେ । ସେ ଏବେ ମଧ୍ୟ, ଆଜି ରାତ୍ରି, ଏଠାରେ ପବିତ୍ରଆତ୍ମା ରୂପରେ ବାସ କରୁଛନ୍ତି । ସେ ସଦାକାଳ ରହନ୍ତି । ପୁଣି ତାହାଙ୍କର ଗୁଣଚରିତ୍ରମାନ ତାହାଙ୍କୁ ଅନୁସରଣ କରିଥାଏ, ଠିକ୍ ଯେପରିକି ତାହା ସର୍ବଦା କରିଥିଲା, ଯଦି ସେ ଆଜି ମଧ୍ୟ ଜୀବିତ ଅଟନ୍ତି ।

197 ମୁଁ ଆଜିରାତ୍ରି, କୃତଜ୍ଞ ଅଟେ, ଯେ, "ପରମେଶ୍ୱର, ବିଭିନ୍ନ ସମୟରେ ଏବଂ ବିବିଧ ପ୍ରକାରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କ ସହିତ କଥା କହିଥିଲେ, ଏହି ଶେଷ ଦିନରେ ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା କଥା କହିଲେ ।"

198 ମୋ'ର ପ୍ରଭୁ, ମୁଁ ଜାଣି ନ ଥିଲି ଯେ ମୁଁ ସେତେ ଅଧିକ କଥା କହିଦେଲି । ମୁଁ ତାହା ସେହିପରି ଅଟେ ବୋଲି ଭୁଲି ଯାଇଥିଲି । ମୁଁ ଦୁଃଖିତ ଅଟେ । ମୁଁ କେବଳ...ମୁଁ ବନ୍ଦ କରିଦେବି ।

ଆସନ୍ତୁ ପ୍ରାର୍ଥନା କରିବା ।

199 ସ୍ୱର୍ଗୀୟ ପିତା, ମହାନ ଦୟାଳୁ ପରମେଶ୍ୱର! ପ୍ରଭୁ, ମୁଁ—ମୁଁ...ବୋଧହୁଏ ମୁଁ ବହୁତ କଥାବାର୍ତ୍ତା କରେ । ମୁଁ ପ୍ରାର୍ଥନା କରେ, ପରମେଶ୍ୱର, ଯଦି ମୁଁ ତାହା କରିଥାଏ, ତୁମେ ମୋତେ କ୍ଷମା କରିଦେବ । ମାତ୍ର, ପ୍ରଭୁ, ମୁଁ ଯାହା କହିଅଛି ସେଥିପାଇଁ ମୁଁ କ୍ଷମା ମାଗିପାରେ ନାହିଁ । ମୁଁ ତ ତାହା କହିଲି ଯାହା ତୁମେ ତୁମର ବାକ୍ୟରେ ଏଠାରେ କହିଅଛ ।

200 ତେବେ ତୁମଠାରୁ କେବଳ ଗୋଟିଏ ବା ଦୁଇଟି ଶବ୍ଦ, ପ୍ରଭୁ, ବୋଧହୁଏ ଏଠାରେ ଆଜିରାତ୍ରି ସମସ୍ତେ ତାହା ଦେଖିବେ । ସେହି ଛୋଟ, ଅସୁସ୍ଥ ଲୋକମାନେ ସୁସ୍ଥ ହେବେ ଯେତେବେଳେ ସେମାନେ ଦେଖିବେ ଯେ ତୁମେ ଏବେ ମଧ୍ୟ ଆମର ମହାନ ମହାଯାଜକ ଅଟ । ମୁଁ ପ୍ରାର୍ଥନା କରୁଛି, ପ୍ରଭୁ, ପରବର୍ତ୍ତୀ ଏହି କେତୋଟି ମିନିଟରେ, ଯେ ତୁମେ ଏହି ସନ୍ଦେଶକୁ ପୁନର୍ବାର ବାସ୍ତବରେ ଜୀବନ୍ତ କରିଦେବ । ବାକ୍ୟ ଦ୍ୱାରା ମୁଁ ଯାହା କହିଅଛି, ଏହା ହେଉ ଯେ ତୁମର ଗୁଣଚରିତ୍ର ଆଜିରାତ୍ରି, ଆମମାନଙ୍କ ମଧ୍ୟରେ ତୁମକୁ ଚିହ୍ନିତ କରୁ, ଯେ ତୁମେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟ, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

201 ତେବେ କେବଳ ଗୋଟିଏ ମୁହୂର୍ତ୍ତ ରହିଯା'ନ୍ତୁ । ଆମେ, ମୁଁ—ମୁଁ ଟିକିଏ ବିଳମ୍ବ କରିଦେଇଛି, ମାତ୍ର କ'ଣ ଆପଣମାନେ ସମସ୍ତେ ପନ୍ଦର, କୋଡ଼ିଏ ମିନିଟ୍ ପାଇଁ ଟିକିଏ କଷ୍ଟ

କରିବେ କି ଯେ ଆମେମାନେ ଏକ ପ୍ରାର୍ଥନା ଧାଡ଼ି ପାଇପାରିବା? ଯଦି ଆପଣମାନେ ଚାହାଁନ୍ତି, ତେବେ ନିଜର ହାତକୁ ଉପରକୁ ଉଠାନ୍ତୁ, କୁହନ୍ତୁ, "ଆମେ..." ଠିକ୍ ଅଛି, ଧନ୍ୟବାଦ—ଆପଣମାନଙ୍କର ଧନ୍ୟବାଦ ହେଉ। ମୁଁ ଆପଣମାନଙ୍କୁ ସାଢ଼େ-ନଅଟାରେ ଛାଡ଼ିବାକୁ ପ୍ରତିଜ୍ଞା କରିଥିଲି। ଏହା ବର୍ତ୍ତମାନ ସେହି ସମୟ ହେଲାଣି; ଏବେ ମଧ୍ୟ ଏହା କୋଡ଼ିଏ ମିନିଟ୍ ଅଛି। ଏଣୁ ଯଦି ଆପଣମାନେ ମୋତେ ପ୍ରାୟଃ ଦଶ ମିନିଟ୍ ଦେବେ, ତେବେ ମୁଁ ଶୀଘ୍ର କରିବି।

202 ଆସନ୍ତୁ ଦେଖିବା, ସେମାନେ ଆଜି କେଉଁ ପ୍ରାର୍ଥନା କାର୍ଡ ଦେଇଛନ୍ତି? [ଜଣେ ଭାଇ କୁହନ୍ତି, "ଓ।"—ଅନୁ।] ଓ? କ'ଣ, ଆମେମାନେ ଅନ୍ୟ ରାତ୍ରିରେ କେଉଁଠାରୁ ଆରମ୍ଭ କରିଥିଲୁ, ଏକ, ଏକ? ["ମୁଁ ଭାବୁଛି ତାହା ଏକ ଥିଲା।"] ହଁ, ଉ-ହୁ।

203 ଆଉ ତା'ପରେ ଆମେ, ଗତରାତ୍ରି, ଆମେ କେବଳ...ସେହି ପବିତ୍ରଆତ୍ମା...ମୁଁ ଆଜି ଶୁଣୁଥିଲି, ଏବଂ ଯାହା କୁହାଯାଇଥିଲା ତାହାକୁ ପୁନରାବୃତ୍ତି କରୁଥିଲି। ସେମାନଙ୍କ ମଧ୍ୟରୁ କେତେକ ଫରାସୀ ନାମଗୁଡ଼ିକ ଥିଲା, ମୁଁ ଥିଲି...ସେହି ପବିତ୍ରଆତ୍ମା; କେବଳ ଗୋଟିଏ ଉପାୟରେ ମୁଁ ତାହା କରିପାରିଥା'ନ୍ତି, କେବଳ ଅପେକ୍ଷା କରନ୍ତି ଓ ଦେଖନ୍ତି।

204 ଦେଖନ୍ତୁ, ବେଳେବେଳେ ଯେତେବେଳେ ଆପଣ ଏକ ଦର୍ଶନ ଦେଖନ୍ତି, ଏହାକୁ ଟିକେ ଘୂରାଇବାକୁ ପଡ଼ିଥାଏ ଓ ଅନୁବାଦ କରିବାକୁ ପଡ଼ିଥାଏ। ଏହାର ବ୍ୟାଖ୍ୟା କରାଯାଇଥାଏ। ଗୋଟିଏ ଦର୍ଶନ, ଯେପରିକି ଆପଣ—ଆପଣ ଦେଖନ୍ତି ଯେ ଗୋଟିଏ—ଗୋଟିଏ ମେଣ୍ଢା, ତାହାର ଅର୍ଥ ପଶମ ହୋଇପାରେ। ଦେଖନ୍ତୁ, ଆପଣଙ୍କୁ ତ ତାହାର ଅନୁବାଦ ମଧ୍ୟ ଜାଣିବାକୁ ଥାଏ, ଦେଖନ୍ତୁ, ଏବଂ ସେହି ଦର୍ଶନକୁ ଘୂରାଇ ତାହାର ଅନୁବାଦ କରିବାକୁ ଥାଏ।

205 ଆଉ ଗତରାତ୍ରି ମୁଁ ଲକ୍ଷ୍ୟ କଲି, ମୁଁ—ମୁଁ ସେହି ଫରାସୀ ନାମଗୁଡିକ ଉଚ୍ଚାରଣ କରିପାରୁ ନଥିଲି, ମୋତେ ତାହା ବନାନ କରିବାକୁ ପଡ଼ିଥିଲା।

206 ଆଫ୍ରିକାରେ ଏବଂ ସେହି ହଟ୍ଟେନ୍ଟଟସ୍ ଆଦିବାସୀ ଓ ପ୍ରତିମାପୂଜକମାନଙ୍କରେ, ପୁଣି ସେହି ବିଷୟଗୁଡ଼ିକର ଆଖପାଖରେ, ଏହା ତ ସେମାନଙ୍କର ନାମକୁ ଠିକ୍ ଭାବରେ ଏକ ବନାନ କରିବା ଆବଶ୍ୟକ କରେ, ସେମାନଙ୍କୁ କହିବା ଆବଶ୍ୟକ କରେ ଯେ ସେମାନେ କିଏ ଅଟନ୍ତି, ଏହାକୁ ସେମାନଙ୍କର ଭାଷାରେ ବନାନ କରିବାକୁ ଆବଶ୍ୟକ କରିଥାଏ। ଆପଣ ଏହାକୁ ବନାନ କରିବା ମାତ୍ରେ, ସେମାନେ, ସେମାନେ ଜାଣିଯାଆନ୍ତି ଯେ ତାହା କ'ଣ ଥିଲା। ମାତ୍ର, ଦେଖନ୍ତୁ, କିନ୍ତୁ ସେ ତ ସମସ୍ତ ଭାଷା ଜାଣନ୍ତି। ସେ ଅନନ୍ତ ପରମେଶ୍ୱର ଅଟନ୍ତି।

207 ତେବେ ଆସନ୍ତୁ ଆଜିରାତ୍ରି ସେଠାରୁ ଆରମ୍ଭ କରିବା, ଯେପରିକି କହିବା, ଓ ରେ, ପଞ୍ଚ-ସ୍ତୁରିରୁ ନେଇ, ଶହେ ପର୍ଯ୍ୟନ୍ତ। କ'ଣ ତାହା ଓ ଅଟେ, କ'ଣ ଏହାହିଁ ତାହା ଅଟେ ଯାହା ସେ କହିଲେ? ମୁଁ...[ଜଣେ ଭାଇ କୁହନ୍ତି, "ହଁ। ଓ ଅଟେ।"—ଅନୁ।] ଓ, ଓ। ହଁ। ଠିକ୍ ଅଛି। କିଏ ପଞ୍ଚସ୍ତୁରି ସଂଖ୍ୟା ପ୍ରାର୍ଥନା କାର୍ଡ ପାଇଛନ୍ତି, ଆସନ୍ତୁ ଦେଖିବା? ଓ ରେ, ପ୍ରାର୍ଥନା କାର୍ଡ ଓ ରେ, ପଞ୍ଚ-ସ୍ତୁରି, ନିଜର ହାତ ଉଠାନ୍ତୁ, ଯାହା ପାଖରେ ବି ତାହା ଅଛି। ଓ' ମାନେ ଯେତିକି ଅଛନ୍ତି। ଠିକ୍ ଅଛି। ଠିକ୍ *ଏଠାକୁ* ଆସିଯାଆନ୍ତୁ। ପଞ୍ଚ-ସ୍ତୁରି, ଅଶୀ, ପଞ୍ଚା-ଅଶୀ, ନବେ, ପଞ୍ଚା-ନବେ,

ଏକ ଶହ, ଯଦି ଆପଣମାନେ ଚାହାଁନ୍ତି ତେବେ *ଏହି* ପଟରୁ ଆସନ୍ତୁ। ଠିକ୍ ଅଛି, ଏହା ତ, ଠିକ୍ ଏହିଠାରେ ଧାଡ଼ି ବାନ୍ଧନ୍ତୁ, ଅତି ଶୀଘ୍ର କରନ୍ତୁ, କାରଣ ଆମ ପାଖରେ ସମୟ ନାହିଁ। ମୁଁ ତ କେବଳ ବିଶ୍ୱାସ କରିବାକୁ ଯାଉଛି ଯେ ଆପଣ ତାହା କରିନେବେ।

208 ନିଜର ପ୍ରାର୍ଥନା କାର୍ଡକୁ ଦେଖନ୍ତୁ। ନିଜର ପଡ଼ୋଶୀଙ୍କ ପ୍ରାର୍ଥନା କାର୍ଡକୁ ଦେଖନ୍ତୁ। କ'ଣ ଏକ...ଆଉ ଯଦି କେହି ଅପଙ୍ଗ ଥାଆନ୍ତି, ତାଙ୍କୁ ପ୍ରାର୍ଥନା ଧାଡ଼ିରେ ଉପରକୁ ପଠାଇ ଦିଅନ୍ତୁ। ତେଣୁ ଯଦି ସେମାନଙ୍କ ପାଖରେ ଓ ଅଛି, ଯେପରିକି କେବଳ ଓ, ସତୁରି-...

209 ପଞ୍ଚ-ସ୍ତୁରିରୁ ନେଇ ଶହେ ପର୍ଯ୍ୟନ୍ତ, ଯଦି ଆପଣମାନେ ଚାହାଁନ୍ତି, ତେବେ ଠିକ୍ *ଏହିଠାରେ* ଧାଡ଼ି ବାନ୍ଧନ୍ତୁ। ଆପଣ ଯେଉଁଠାରେ ବି ଅଛନ୍ତି, ବାଲକୋନୀରେ, ପୁଣି ଯେଉଁଠାରେ ବି, ଠିକ୍ ତଳକୁ ଆସିଯାଆନ୍ତୁ, ଏବଂ ଯଥା ସମ୍ଭବ ଶୀଘ୍ର ଧାଡ଼ିରେ ଛିଡ଼ା ହୋଇଯା'ନ୍ତୁ, ଯଦି ଆପଣମାନେ ଚାହାଁନ୍ତି, ଯେଣୁ ସମୟ ରକ୍ଷା କରିବା ହେତୁ।

210 ବର୍ତ୍ତମାନ ଅବଶିଷ୍ଟ ଆପଣମାନେ ଏଠାରେ, ଯାହାଙ୍କ ପାଖରେ ପ୍ରାର୍ଥନା କାର୍ଡ ନାହିଁ, କ'ଣ ଆପଣମାନେ ନିଜର ହାତ ଉଠାଇ ଏହା କହିବେ କି, "ଭାଇ ବ୍ରାନ୍‌ହାମ୍, ମୋ' ପାଖରେ ପ୍ରାର୍ଥନା କାର୍ଡ ନାହିଁ, ମାତ୍ର ମୁଁ ବିଶ୍ୱାସ କରେ"? ନିଜର ହାତ ଉଠାନ୍ତୁ।

211 ତେବେ ମନେରଖନ୍ତୁ, ମୁଁ ଆପଣମାନଙ୍କୁ ମହାଯାଜକ ବିଷୟରେ କଥା କହିବାକୁ ଯାଉଅଛି। "ସେ ଏପରି ଜଣେ ମହାଯାଜକ ଅଟନ୍ତି ଯାହାକୁ ଆମ୍ଭମାନଙ୍କର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରାଯାଇପାରେ।" ସେ ହେଉଛନ୍ତି *ଯିହୋବା-ଜିରି,* "ପ୍ରଭୁଙ୍କର ଯୋଗାଇଥିବା ବଳିଦାନ।" ସେ ହେଉଛନ୍ତି *ଯିହୋବା-ରାଫା,* "ସଦାପ୍ରଭୁ ଯିଏକି ତୁମ୍ଭର ସମସ୍ତ ରୋଗକୁ ସୁସ୍ଥ କରନ୍ତି।" କ'ଣ ଆପଣ ଏହା ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ସେ ହେଉଛନ୍ତି *ଯିହୋବା-ମନଃଶି*। ଏକ *ଫଳକ*, ଏକ *ଢ଼ାଲ*, ଆମର *ଶାନ୍ତି*, ସେ ଏବେ ମଧ୍ୟ ଅଛନ୍ତି। ତେବେ, କେତେ ଜଣ ଏହା ବିଶ୍ୱାସ କରନ୍ତି ଯେ ଯିହୋବାଙ୍କର ସେସମସ୍ତ ମୁକ୍ତିର ନାମଗୁଡ଼ିକ ଯୀଶୁଙ୍କଠାରେ ପ୍ରୟୋଗ କରାଯାଇଥିଲା? ["ଆମେନ୍।"] ନିଶ୍ଚିତରେ, ତାହାଙ୍କୁ ହେବାକୁ ଥିଲା। ଯଦି ସେ—ଯଦି ସେ...କାହିଁକି, ସେମାନେ ଅବିଚ୍ଛେଦ୍ୟ, ଏଣୁ ତାହାଙ୍କୁ ସେସମସ୍ତ କିଛି ହେବାକୁ ଥିଲା। ଆଉ ଯଦି ସେ ଏବେ ମଧ୍ୟ ଯିହୋବା-ଜିରି ଅଟନ୍ତି, ତେବେ ସେ ଯିହୋବା-ରାଫା ଅଟନ୍ତି। ଯଦି ସେ ଯିହୋବା-ଜିରି ଅଟନ୍ତି...ସେ *ଯିହୋବା-ଜିରି,* "ପରିତ୍ରାଣ ନିମନ୍ତେ ପ୍ରଭୁଙ୍କର ଯୋଗାଇଥିବା ବଳିଦାନ," ତେବେ ସେ *ଯିହୋବା-ରାଫା* ଅଟନ୍ତି ଯିଏକି "ଆମର ସମସ୍ତ ରୋଗଗୁଡ଼ିକୁ ସୁସ୍ଥ କରନ୍ତି।" ଆମେନ୍। ସୁସ୍ଥୀକରଣ କେବଳ ପରମେଶ୍ୱରଙ୍କ ଦ୍ୱାରା ଆସିପାରେ।

212 ଠିକ୍ ଅଛି, ଯେତେବେଳେ ଲୋକମାନେ ଧାଡ଼ି ବାନ୍ଧନ୍ତି; ମୋ' ପାଖରେ ତାହା ଦେଖିବା ପାଇଁ ସମୟ ନାହିଁ ଯେ ସେମାନେ କିଏ ଅଟନ୍ତି ଓ ସେମାନେ କ'ଣ ଅଟନ୍ତି। ମାତ୍ର ବର୍ତ୍ତମାନ, ସେଠାରେ ଥିବା ସମସ୍ତେ ଯେଉଁମାନେକି ଏହା ଜାଣନ୍ତି ଯେ ମୁଁ ଆପଣମାନଙ୍କୁ ଜାଣେ ନାହିଁ, ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୋତେ ପରମେଶ୍ୱରଙ୍କର ପ୍ରୟୋଜନ ଅଛି। ମାତ୍ର ଭାଇ

ବ୍ରାନ୍‌ହାମ୍, ଆପଣ ମୋତେ ଜାଣନ୍ତି ନାହିଁ, ମାତ୍ର ମୋତେ ପରମେଶ୍ୱରଙ୍କର ପ୍ରୟୋଜନ ଅଛି। ମୁଁ କେବଳ ମୋ'ର ହାତକୁ ଉଠାଇବାକୁ ଯାଉଅଛି।"

213 ବର୍ତ୍ତମାନ ଯଦି ଆପଣ କେବଳ କିଛି ମିନିଟ୍ ପାଇଁ ଧୀର ସ୍ଥିର ରହିବେ, ଦେଖନ୍ତୁ, ସତର୍କ ରହିବେ, ଶାନ୍ତ ରହିବେ। ତେବେ ମୋ'ର କହିବାର ଅର୍ଥ ଏହା ନୁହେଁ ଯେ, ଯେତେବେଳେ ମୁଁ କହେ, "ଶାନ୍ତ ରହିବେ,"...ଯଦି ପ୍ରଭୁ ଏପରି କିଛି କରନ୍ତି, ଆପଣ ପ୍ରଭୁଙ୍କୁ ପ୍ରଶଂସା କରିବାକୁ ଚାହିଁବେ; ତାହା ତ ହେଉଛି ଉପାସନା। ମାତ୍ର ମୋ'ର ଯାହା କହିବାର ଅର୍ଥ, "କେବଳ ଏଆଡ଼େ ସେଆଡ଼େ ଦୌଡ଼ିବା, ଉଠିବା," ଆପଣ ଜାଣନ୍ତି, ତାହା ଅସମ୍ମାନ ଅଟେ। ଦେଖନ୍ତୁ? ଆଉ ପବିତ୍ରଆତ୍ମା ଅତ୍ୟନ୍ତ ସଙ୍କୋଚଶୀଳ, ଅତି ସଙ୍କୋଚ କରନ୍ତି। ବୁଝିଲେ? ଠିକ୍ ସେହିପରି କିଛି ବିଷୟ ହୁଏ, ତାହା ମୋତେ ଛାଡ଼ି ଚାଲିଯାଏ, ଆଉ ତା' ପରେ ମୋତେ ପୁଣିଥରେ, ସେହି ସଂଘର୍ଷ କରିବାକୁ ପଡ଼େ, ଦେଖନ୍ତୁ। ମାତ୍ର ଯଦି ଆପଣ ଶୁଣିବେ!

214 କ'ଣ ଆପଣଙ୍କୁ ତାହାଙ୍କର ପ୍ରଥମ ପ୍ରତିଜ୍ଞା ମନେ ଅଛି କି? "ଲୋକମାନଙ୍କୁ ତୁମଠାରେ ବିଶ୍ୱାସ କରିବା ପାଇଁ ପ୍ରବର୍ତ୍ତାଅ, ଏବଂ ତା' ପରେ ସତ୍ୟନିଷ୍ଠ ରୁହ, ତାହାହେଲେ ପ୍ରାର୍ଥନା ଆଗରେ କିଛି ହେଲେ ଛିଡ଼ା ହେବ ନାହିଁ।" କ'ଣ ଆପଣମାନଙ୍କର ତାହା ମନେ ଅଛି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ତାହା ଠିକ୍ ଅଟେ। ଆଉ ତାହା ହେଉଛି...ମୁଁ ଏପର୍ଯ୍ୟନ୍ତ ତାହାକୁ ବିଫଳ ହେବାର ଦେଖି ନାହିଁ, ଏବଂ ତାହା ବିଫଳ ହେବ ବି ନାହିଁ। ଏହା ତ ପରମେଶ୍ୱର ଅଟନ୍ତି।

215 ତେବେ ଆମେ ପ୍ରାର୍ଥନା ପଂକ୍ତି ସହିତ ଶୀଘ୍ର କରିବା, ଯେପରିକି ଆମେ ଯଥା ସମ୍ଭବ ଅଧିକ ଲୋକମାନଙ୍କୁ ନେଇପାରିବା, ଲୋକମାନଙ୍କ ସଂଖ୍ୟାକୁ ଦେଖି। ମାତ୍ର ଆପଣମାନେ ଯେଉଁମାନେକି ପ୍ରାର୍ଥନା କାର୍ଡ ପାଇଛନ୍ତି ଓ ଯାହାଙ୍କୁ ଆଜି ରାତ୍ରି ଡକାଯାଏ ନାହିଁ, ନିଜର କାର୍ଡକୁ ଧରି ରଖିଥା'ନ୍ତୁ, ଆମେମାନେ ଆପଣମାନଙ୍କୁ ନେବାକୁ ଯାଉଅଛୁ। ଠିକ୍ ଅଛି।

216 ତେବେ ଆପଣମାନେ ଯେଉଁମାନେକି ସେଠାରେ ବିନା ପ୍ରାର୍ଥନା କାର୍ଡରେ ଅଛନ୍ତି, ମନେ ରଖିଥା'ନ୍ତୁ। କିମ୍ବା, ଆପଣମାନେ ଯେଉଁମାନେକି ସେଠାରେ ଅଛନ୍ତି, ଆପଣମାନଙ୍କ ପାଖରେ ପ୍ରାର୍ଥନା କାର୍ଡ ଥାଉ କି ନ ଥାଉ, କେବଳ ବିଶ୍ୱାସ କରନ୍ତୁ ଯେ ସେ ଏଠାରେ ଏବ୍ରୀ ତା'ର 4ର୍ଥ ପର୍ବ ପରି ଅଟନ୍ତି। "ସେ ଏପରି ଜଣେ ମହାଯାଜକ ଯାହାଙ୍କୁ ଆମର ଦୁର୍ବଳତାର ଅନୁଭବ ଦ୍ୱାରା ସ୍ପର୍ଶ କରାଯାଇପାରେ।" ଦେଖନ୍ତୁ ଯେ ସେ ରହନ୍ତି କି...ଦେଖନ୍ତୁ ଯେ ଯିହୋବା ଆପଣାକୁ ଲୋକମାନଙ୍କ ମଧ୍ୟରେ ପ୍ରତିନିଧିତ୍ୱ କରିଛନ୍ତି କି ନାହିଁ, ଠିକ୍ ଯେପରି ସେ ସଦୋମର ସମୟରେ କରିଥିଲେ। ଠିକ୍ ଅଛି।

217 ଠିକ୍ ଅଛି, ମହାଶୟ। ତେବେ ଆସନ୍ତୁ ପ୍ରାର୍ଥନା କରିବା, ବର୍ତ୍ତମାନ, ପ୍ରକୃତ ଆଦର ସହକାରେ ଥାଆନ୍ତୁ। ବର୍ତ୍ତମାନ ମନେରଖନ୍ତୁ, ପରମେଶ୍ୱରଙ୍କଠାରୁ ଗୋଟିଏ ବାକ୍ୟ ସେସବୁ ବିଷୟଠାରୁ ଅଧିକ ଅଟେ ଯାହାକି ଅନ୍ୟ କେହି କହିପାରେ। ତେବେ, ଏହି ବ୍ୟକ୍ତି ଏଠାରେ, ମୁଁ—ମୁଁ ତାଙ୍କୁ ଜାଣେ ନାହିଁ। ଏବଂ ମୁଁ ଅନୁମାନ କରେ ଯେ ସେ...ଆପଣ ମୋ' ପାଇଁ

ଅପରିଚିତ ଅଟନ୍ତି, କ'ଣ ଆପଣ ଅଟନ୍ତି, ମହାଶୟ? [ଭାଇ କୁହନ୍ତି, "ହଁ।"—ଅନୁ।] ଆପଣ ଜଣେ ଅପରିଚିତ ବ୍ୟକ୍ତି। ଆମେ ଗୋଟିଏ କଥା ଜାଣୁ, ଯେ ଆମ ଦୁହିଁଙ୍କୁ ଗୋଟିଏ ଦିନ ପରମେଶ୍ୱରଙ୍କ ଉପସ୍ଥିତିରେ ଛିଡ଼ା ହେବାକୁ ପଡ଼ିବ; ମଣିଷ ଭାବରେ, ଆମକୁ ସେଠାରେ ସାକ୍ଷାତ କରିବାକୁ ପଡ଼ିବ। ଏହା ଆମର ପ୍ରଥମ ଥର ସାକ୍ଷାତ ଅଟେ।

218 ତେବେ ଯଦି ଆପଣ ଏଠାକୁ ଆସିବେ, ଯଦି ଆପଣ ଅସୁସ୍ଥ ଅଛନ୍ତି, ମୁଁ ଜାଣେ ନାହିଁ; ହୋଇପାରେ ଏହା ଅନ୍ୟ କିଛି ହୋଇଥିବ, ଦେଖନ୍ତୁ। ମାତ୍ର ଯଦି ମୁଁ—ଯଦି ମୁଁ ଆପଣଙ୍କ ଉପରେ ହାତ ରଖେ, କୁହେ, "ପ୍ରଭୁଙ୍କ ପ୍ରସଂଶା ହେଉ! ଯାଅ, ଭଲ ହୋଇଯାଅ।" ତାହା ଠିକ୍ ଅଛି। ଆପଣ ତାହା ବିଶ୍ୱାସ କରିପାରିବେ। ମାତ୍ର ସେତେବେଳେ କ'ଣ ହେବ ଯଦି ସେ ଆପଣଙ୍କୁ କୁହନ୍ତି ଯେ ଆପଣଙ୍କର କ'ଣ ସମସ୍ୟା ରହିଛି? ତେବେ, ଦେଖନ୍ତୁ, ତାହା ଭିନ୍ନ ଅଟେ, ତେବେ ଆପଣ ଜାଣିବେ ଯେ ତାହା ତାହାଙ୍କର ଗୁଣଚରିତ୍ରକୁ ଚିହ୍ନିତ କରିଥାଏ। ଦେଖନ୍ତୁ, ତାହା ମୋ'ର ଗୁଣଚରିତ୍ର ହେବ ନାହିଁ। ମୁଁ ତ ଜଣେ ମଣିଷ; ମୁଁ ତାଙ୍କ ବିଷୟରେ କିଛି ହେଲେ ଜାଣିବି ନାହିଁ। ମୁଁ ତାଙ୍କୁ କେବଳ କହିଲି, "ମୁଁ ଆପଣଙ୍କୁ ଜାଣେ ନାହିଁ।" ସେ ମୋତେ ଜାଣନ୍ତି ନାହିଁ। ମାତ୍ର ତାହା କ'ଣ କରିବ? ତାହା ତ ଯୀଶୁ ଖ୍ରୀଷ୍ଟଙ୍କ ଗୁଣଚରିତ୍ରକୁ ଗତକାଲି, ଆଜି, ଏବଂ ଚିରକାଳ ସମାନ ବୋଲି ଚିହ୍ନିତ କରିବ। ଏହା ଜାଣି ଯେ ତାହା ମୁଁ ହୋଇପାରେ ନାହିଁ, ମୁଁ ହୋଇପାରିବି ନାହିଁ, କାରଣ ମୁଁ ସେହି ବ୍ୟକ୍ତିଙ୍କୁ ଜାଣେ ନାହିଁ। ମୁଁ ମୋ'ର ହାତକୁ ଉଠାଇବି; *ଏଠାରେ* ବାକ୍ୟ ଅଛି। ବୁଝିଲେ? ମୁଁ ତାଙ୍କୁ ଜାଣେ ନାହିଁ। ସେ ମୋତେ ଜାଣନ୍ତି ନାହିଁ। ମାତ୍ର ଯୀଶୁ ଖ୍ରୀଷ୍ଟଙ୍କର ସେହି ଗୁଣଚରିତ୍ର...

219 ଯଦି ଯୀଶୁ ଏଠାରେ ଛିଡ଼ା ହୋଇଥା'ନ୍ତେ, ଏବଂ ସେ, ଅସୁସ୍ଥ ଥାଆନ୍ତେ, ଯଦି ସେ କୁହନ୍ତେ, "ପ୍ରଭୁ ଯୀଶୁ, ମୋତେ ସୁସ୍ଥ କର," ଯୀଶୁ ତାହାଙ୍କୁ କ'ଣ କୁହନ୍ତେ? "ମୁଁ ତ ତାହା ପୂର୍ବରୁ କରିସାରିଛି।" କ'ଣ ତାହା ଠିକ୍ ଅଟେ? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।]

220 "ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ; ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ।" ସମସ୍ତ କିଛି ମୁକ୍ତିର ବିଷୟ ଯାହାକି ଆମେମାନେ କେବେ ପାଇପାରୁ ତାହା କାଲବରୀରେ ସମାଧାନ କରି ଦିଆଗଲା। ସେଠାରୁ ନେଇକି, ସେହି ସମାପ୍ତ କାର୍ଯ୍ୟକୁ ବିଶ୍ୱାସ କରିବା ପାଇଁ, ତାହା ବିଶ୍ୱାସ ଅଟେ। କ'ଣ ତାହା ଠିକ୍? [ମଣ୍ଡଳୀ କୁହନ୍ତି, "ଆମେନ୍।"—ଅନୁ।] ଠିକ୍ ଅଛି।

221 ତେବେ, ବର୍ତ୍ତମାନ ଯଦି ଯୀଶୁ ଜୀବିତ ଅଛନ୍ତି, ଆଉ ମୁଁ ତାହାଙ୍କ ବାକ୍ୟ ବିଷୟରେ କହିଅଛି...ତାହାହେଲେ ଆପଣ ସେଠାରେ ଅଛନ୍ତି, ତାହାଙ୍କର ବାକ୍ୟକୁ ବିଶ୍ୱାସ କରି, ସେହି ସରଳତା ଏବଂ ବିଶ୍ୱାସକୁ ଫେରୁଛନ୍ତି। ଯେତେବେଳେ ସେ ମୋତେ ସେହି ରାତ୍ରିରେ ଭେଟିଲେ, ସେ କହିଲେ, "ତୁମଠାରେ ଏପରି ହେବ ଯେ ଏପରିକି ତୁମେ ସେମାନଙ୍କର ହୃଦୟର ଗୁପ୍ତ ବିଚାରଗୁଡ଼ିକ ସୁଦ୍ଧା ଜାଣି ପକାଇବ। ସେମାନେ ଯଦି ସେହି ହାତର ପ୍ରଥମ ଚିହ୍ନକୁ ବିଶ୍ୱାସ କରିବେ ନାହିଁ, ସେମାନଙ୍କୁ ଏହି ଗୋଟିକକୁ ବିଶ୍ୱାସ କରିବାକୁ ପଡ଼ିବ।"

ବୁଝିଲେ? "ଯଦି ସେମାନେ ତାହା କରିବେ ନାହିଁ, ତେବେ ରକ୍ତ ପୃଥିବୀକୁ ଅଭିଶପ୍ତ କରିଦେବ।"

222 ଠିକ୍ ଯେପରି ତାହା ମୋଶାଙ୍କ ସମୟରେ ହୋଇଥିଲା। କହିଲେ, "ଯଦି ସେମାନେ ସେହି ଦୁଇଟି ଚିହ୍ନକୁ ବିଶ୍ୱାସ କରିବେ ନାହିଁ, ତେବେ ପୃଥିବୀ ଉପରେ ରକ୍ତକୁ ଢ଼ାଳି ଦେବ," ଦେଖନ୍ତୁ, "ପୃଥିବୀ ଉପରେ ଜଳକୁ ଢ଼ାଳିଲେ, ତାହା ରକ୍ତ ହୋଇଯିବ।"

223 ତେବେ କେବଳ ଏହା ଜାଣିବା ପାଇଁ, ଯଦି ମୁଁ ଏହା ଦେଖିପାରେ ଯେ ଆପଣଙ୍କର ସମସ୍ୟାଟି କ'ଣ ଅଟେ, ତାହା ଆପଣଙ୍କୁ ସନ୍ତୁଷ୍ଟ କରିବ ଏବଂ ଆପଣଙ୍କୁ ବିଶ୍ୱାସ କରିବା ହେତୁ ପ୍ରବର୍ତ୍ତାଇବ, କ'ଣ ତାହା ନୁହେଁ କି? [ସେହି ଭାଇ କୁହନ୍ତି, "ନିଶ୍ଚିତରେ।"—ଅନୁ।] ଆପଣ ଜାଣନ୍ତି ଯେ ଏହାକୁ ତ ସେହି ବ୍ୟକ୍ତି, ଯୀଶୁ ଖ୍ରୀଷ୍ଟଙ୍କର ଗୁଣଚରିତ୍ର ହିଁ ହେବାକୁ ପଡ଼ିବ ଯାହା ବିଷୟରେ ମୁଁ କହୁଅଛି।

224 ସେହି ବ୍ୟକ୍ତି, ଠିକ୍ ଯେପରି ମୁଁ ତାଙ୍କୁ ଚାହିଁଲି, ପଛକୁ ଘୁଞ୍ଚିଗଲେ। ତାଙ୍କ ଉପରେ ଛାୟା ଅଛି। ଏପରି କୌଣସି ବିଷୟ ନାହିଁ ଯେ ଔଷଧ ସେହି ବ୍ୟକ୍ତିଙ୍କୁ କେବେ ସାହାଯ୍ୟ କରିଦେବ। ସେ ତ ମୃତ୍ୟୁବରଣ କରିବାର ଏକ ଅବସ୍ଥାରେ ଅଛନ୍ତି। ତାହା ଠିକ୍ ଅଟେ। ତାଙ୍କର ଏକ ଅସ୍ତ୍ରୋପଚାର ହୋଇଛି, ଏବଂ ସେହି ଅସ୍ତ୍ରୋପଚାରଟି ପୁରଃସ୍ଥ ଗ୍ରନ୍ଥିର ଏକ ଅସ୍ତ୍ରୋପଚାର ଥିଲା। ଆଉ ଏହା କର୍କଟ ଅଟେ, ଏବଂ ସେହି କର୍କଟ ଆପଣଙ୍କ ସମଗ୍ର ଶରୀରରେ ବ୍ୟାପୀ ଯାଇଛି। ଯଦି ତାହା ଠିକ୍ ଅଟେ, ତେବେ ନିଜର ହାତ ଉଠାନ୍ତୁ। କେବଳ ପରମେଶ୍ୱର ହିଁ ତାଙ୍କୁ ସୁସ୍ଥ କରିପାରନ୍ତି। [ସେହି ଭାଇ କୁହନ୍ତି, "ହାଲ୍ଲେଲୁୟା! ହାଲ୍ଲେଲୁୟା! ହାଲ୍ଲେଲୁୟା!"—ଅନୁ।] ମାତ୍ର, ଦେଖନ୍ତୁ, ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ, ମହାଶୟ। ସେହି ଶୟତାନ ହୁଏତ ଡାକ୍ତରଙ୍କ ଛୁରୀରୁ ଲୁଚି ଯାଇ ଥାଇପାରେ, ମାତ୍ର ସେ ପରମେଶ୍ୱରଙ୍କଠାରୁ ଲୁଚିପାରେ ନାହିଁ। କ'ଣ ଆପଣ ତାହା ବିଶ୍ୱାସ କରନ୍ତି? କ'ଣ ଆପଣ ଏହାକୁ ବିଶ୍ୱାସ କରନ୍ତି? ["ଓଃ! ଓଃ!"] ତେବେ ମୁଁ ପ୍ରାର୍ଥନା କରେ, ଯେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ଜିନିଷଟି ତାଙ୍କୁ ଛାଡ଼ି ଦେଉ, ସେହି ବ୍ୟକ୍ତି ବଞ୍ଚନ୍ତୁ। କିଛି ନୁହେଁ; ଠିକ୍ ଦୁର୍ବଳ ହୋଇଗଲା। ଠିକ୍ ଅଛି।

225 ଆପଣ ଓ ମୁଁ ପରସ୍ପର ଅପରିଚିତ ଅଟୁ, ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀଲୋକ ସାକ୍ଷାତ କରନ୍ତି। ତେବେ, ଜଣେ ପୁରୁଷ ଭାବରେ, ମୁଁ ଆପଣଙ୍କୁ ଜାଣେ ନାହିଁ। ଆଉ ବୋଧହୁଏ, ଜଣେ ସ୍ତ୍ରୀଲୋକ ଭାବରେ, ଆପଣ ମୋତେ ଜାଣନ୍ତି ନାହିଁ; କେବଳ ମୋ'ର ନାମ ବର୍ତ୍ତମାନ ଦେଖିଛନ୍ତି, କିମ୍ବା ଚିତ୍ର, କିଅବା ସେପରି କିଛି ଦେଖିଛନ୍ତି ତାହାଠୁ ଅଧିକ କିଛି ନୁହେଁ। ମାତ୍ର ଆମେ ପରସ୍ପରକୁ ଜାଣି ନାହୁଁ। ତାହା ଆମର ଚରିତ୍ରମାନ ଅଟେ। ଆମେ ପରସ୍ପରର ଚରିତ୍ର ଜାଣି ନାହୁଁ। ମାତ୍ର ଖ୍ରୀଷ୍ଟଙ୍କର ଗୁଣଚରିତ୍ର ହେଲା, ସେ ହେଉଛନ୍ତି ବାକ୍ୟ, ଏବଂ ଏହି ଦିନ ନିମନ୍ତେ ବାକ୍ୟ ପ୍ରତିଜ୍ଞା କରାଯାଇଅଛି। ଆପଣ ମୋତେ ତାହା ବିଷୟରେ କହିବାର ଶୁଣିଛନ୍ତି। ତାହହେଲେ ତାହାଙ୍କର ଗୁଣଚରିତ୍ରମାନ ତାହାଙ୍କୁ ଏଠାରେ ଚିହ୍ନିତ କରିବ। ମୁଁ ତାଙ୍କୁ ଚିହ୍ନିତ କରିବି ନାହିଁ। ମୁଁ ତ ଆପଣଙ୍କୁ ଜାଣେ ନାହିଁ। ଆପଣ ବୁଝିଲେ। କ'ଣ ଆମ—

ଆମ ମଣ୍ଡଳୀ ତାହା ବୁଝିଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ବୁଝିଲେ? ମୁଁ—ମୁଁ ଜଣେ ମଣିଷ ଅଟେ । ମୁଁ ତ କେବଳ ଆପଣଙ୍କର ଭାଇ ଅଟେ ।

226 କୂଅ ପାଖରେ ଥିବା ସେହି ସ୍ତ୍ରୀଲୋକ ପରି, ତାହା କହିଦେବା ଯାହାକିଛି ବିଷୟ ଭୁଲ ଅଛି, ଆପଣଙ୍କ ସହିତ କିଛି ସମସ୍ୟା ଅଛି, କିମ୍ବା ଆପଣ ଯାହାକିଛି ଚାହାଁନ୍ତି, କିଅବା ଆପଣ ଏଠାରେ ଯେଉଁ ବିଷୟ ପାଇଁ ଅଛନ୍ତି । ପରମେଶ୍ୱର ତାହାର ବିଚାରକର୍ତ୍ତା ହୁଅନ୍ତୁ । ଆପଣ ରକ୍ତହୀନତାରେ ପୀଡ଼ିତ ଅଛନ୍ତି । ତାହା ଠିକ୍ ଅଟେ, କ'ଣ ନୁହେଁ କି? [ସେହି ଭଉଣୀ କୁହନ୍ତି, "ହଁ ।"—ଅନୁ ।]

227 ମୁଁ—ମୁଁ ନିରନ୍ତର ତାହାକୁ ସଠିକ୍ ହିଁ କହିଥାଏ, କେହି ଭାବୁଛନ୍ତି ଯେ ମୁଁ ତାହା ଅନୁମାନ କଲି । ମୁଁ ତାହା ଅନୁମାନ କରେ ନାହିଁ । ନା । ପ୍ରତ୍ୟେକ ମୁହୂର୍ତ୍ତରେ ଥରେ, ମୁଁ ତାହା ଅନୁଭବ କରେ ଯେ, କେହି ଜଣେ । ତେବେ ଆପଣ ନିଜର ବିଚାରଗୁଡ଼ିକୁ ଲୁଚାଇପାରନ୍ତି ନାହିଁ । ବର୍ତ୍ତମାନ, ମୁଁ ଜାଣେ, ଏଠାରେ ପ୍ରାୟଃ ଦୁଇଜଣ ପ୍ରକୃତରେ ଅତିଶୟ ସନ୍ଦେହୀ ଅବିଶ୍ୱାସୀ ଲୋକ ବସିଛନ୍ତି । ବୁଝିଲେ? ଏଣୁ ତେବେ ମନେ ରଖିଥା'ନ୍ତୁ ଯେ, ମୁଁ ଆପଣମାନଙ୍କର ନାମକୁ ମଧ୍ୟ ଡାକିପାରେ, ପରମେଶ୍ୱର ତାହା ଡାକିପାରନ୍ତି, ଏଣୁ ଆପଣ ତାହା ଚିନ୍ତା କରିବା ଛାଡ଼ି ଦିଅନ୍ତୁ । ମୋତେ ଆପଣମାନଙ୍କୁ ଦେଖାଇବାକୁ ଦିଅନ୍ତୁ ।

228 ମହିଳା, ଏଠାକୁ ଅନାନ୍ତୁ । ମୋତେ ଦେଖନ୍ତୁ । ମୁଁ ଜାଣେ ନାହିଁ ଯେ ସେ ଆପଣଙ୍କୁ କ'ଣ କହିଲେ, ମାତ୍ର ମୁଁ—ମୁଁ ଜାଣେ ସେ କ'ଣ ଅଟନ୍ତି? ଆଉ ତାହାହିଁ ହେଉଛି ତାହାଙ୍କର ଗୁଣଚରିତ୍ର ଚିହ୍ନିତ କରାଯିବା । ହଁ, ଏହା ରକ୍ତହୀନତା ଅବସ୍ଥା ଅଟେ, ସେହି ରକ୍ତ, ଜଳ ।

229 ତେବେ, ଏଠାରେ, ଏଠାରେ କିଛି ଅଛି । ଦେଖନ୍ତୁ ଯଦି ସେମାନେ ଏହାକୁ ଅନୁମାନ କରୁଥିବା ବୋଲି ଭାବନ୍ତି । ଗୋଟିଏ ଶିଶୁ ଅଛି ଯାହା ନିମନ୍ତେ ଆପଣ ଏଠାରେ, ପ୍ରାର୍ଥନା ପାଇଁ ଆସିଛନ୍ତି । [ସେହି ଭଉଣୀ କୁହନ୍ତି, "ହଁ ।"—ଅନୁ ।] ତାହା ଠିକ୍ । ତାହାର ଅଛି, ତାହାର ଗଳାରେ କିଛି ଅଛି, ["ହଁ ।"], ଟନସିଲ୍, ଆଡେନଏଡ୍ । ଏହାକୁ ଏକ ଅସ୍ତ୍ରୋପଚାର କରାଯିବାକୁ ଅଛି । କ'ଣ ଏହା ଠିକ୍ ନୁହେଁ କି? ["ହଁ ।"] ସେହି ରୁମାଲଟି ନିଅନ୍ତୁ ଏବଂ ତାହା ଉପରେ ଥୋଇ ଦିଅନ୍ତୁ, ଆଉ ବିଶ୍ୱାସ କରନ୍ତୁ । ["ହଁ ।"] ସନ୍ଦେହ କରନ୍ତୁ ନାହିଁ । ତାହା ଏକ ଅସ୍ତ୍ରୋପଚାରକୁ ଆବଶ୍ୟକ କରିବ ନାହିଁ । ତେବେ ଆପଣ। ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ ।

230 ଆପଣ କେମିତି ଅଛନ୍ତି? କଥାଟି ହେଉଛି, ଏହି ସ୍ତ୍ରୀଲୋକ ପାଇଁ ଏଠାରେ, ଯେ ଆପଣ କୌଣସି ବିଷୟରେ ଭୟଭୀତ ଅଟନ୍ତି । ଆପଣ ଭୟ କରୁଛନ୍ତି ଯେ ଏକ ଜନ୍ମଚିହ୍ନ କର୍କଟ ରୋଗରେ ପରିଣତ ହୋଇଛି । ଉଃ-ହୁ, ଉଃ-ହୁ । ତେବେ ଯାଆନ୍ତୁ, ବିଶ୍ୱାସ କରନ୍ତୁ, ଏବଂ ତାହା ଆଉ ସେହିପରି ରହିବ ନାହିଁ । କେବଳ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରି, ଚାଲିଯାଆନ୍ତୁ । ଗୁଣଚରିତ୍ରମାନ, ମୋ'ର ନୁହେଁ; ତାହାଙ୍କର!

231 କ'ଣ ଆପଣମାନେ ବର୍ତ୍ତମାନ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ତାହା ସମସ୍ତଙ୍କୁ ବିଶ୍ୱାସ କରାଇ ଦେବା ଉଚିତ୍ ଅଟେ । ["ଆମେନ୍!"]

232 ତେବେ, ମୁଁ ଆପଣଙ୍କୁ ଜାଣେ ନାହିଁ । ମୁଁ ଆପଣଙ୍କ ପାଇଁ ଅପରିଚିତ ଅଟେ । ପରମେଶ୍ୱର ଆପଣଙ୍କୁ ଜାଣନ୍ତି । କ'ଣ ଆପଣ ତାହା ବିଶ୍ୱାସ କରନ୍ତି…? ଆପଣ ଜାଣନ୍ତି ଯେ ମୁଁ ଆପଣଙ୍କୁ ଜାଣେ ନାହିଁ, ଏବଂ ଆପଣ ଏହା ମଧ୍ୟ ଜାଣନ୍ତି ଯେ ଆପଣ ମୋତେ ଜାଣନ୍ତି ନାହଁ, ଅତଏବ କ'ଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ଏହି ଆତ୍ମା ଯିଏକି କଥା କହୁଅଛନ୍ତି ତାହା ମୋ'ର ଆତ୍ମା ହୋଇପାରେ ନାହିଁ? କାରଣ, ମୁଁ, ଜଣେ ମଣିଷ ଭାବରେ, ମୁଁ ଆପଣଙ୍କୁ ଜାଣେ ନାହିଁ । ମାତ୍ର ପ୍ରତିଜ୍ଞା କରାଯାଇଥିବା ବାକ୍ୟର ଗୁଣଚରିତ୍ର ହେଉଛି ସେହି ବାକ୍ୟ ଯାହାକି ଦ୍ୱି-ଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଏବଂ ହୃଦୟର ଚିନ୍ତାଧାରା ଏବଂ ଭାବର ସୂକ୍ଷ୍ମ ବିଚାରକ ଅଟେ ।

233 ଆପଣ ବହୁତ ଅସୁସ୍ଥ ଅଟନ୍ତି । ଆପଣଙ୍କର ସ୍ତ୍ରୀଜନିତ ସମସ୍ୟା ଥିଲା, ଯାହାକି ଏକ ଗର୍ଭ ଥିଲା, ଏବଂ ସେହି ଗର୍ଭରେ କର୍କଟ ରୋଗ ହୋଇଥିଲା । ଆଉ ଆପଣ ଗଲେ ଏବଂ କିଛି ଗୋଟିଏ ପ୍ରକାର ଚିକିତ୍ସା ନେଲେ, ତାହା ଏକ ରେଡିୟମ୍ ଚିକିତ୍ସା ଥିଲା, ଓ ତାହା କେବଳ ଗୋଟିଏ ବିଷୟ କଲା ଯେ ଏହା ତାହାକୁ ସମଗ୍ର ଶରୀରରେ ବ୍ୟାପୀ ଦେଲା । ଆଉ ଆପଣ—ଆପଣ ମରିଯିବେ ଯଦି ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ ନାହିଁ । ତାହା ସତ ଅଟେ । କ'ଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କୁ ସୁସ୍ଥ କରିବେ? [ସେହି ଭଉଣୀ କୁହନ୍ତି, "ହଁ ।"—ଅନୁ ।] ଏହା ହେଉ ଯେ ସ୍ୱର୍ଗର ପରମେଶ୍ୱର ସେହି ଶୟତାନକୁ ଭର୍ତ୍ସନା କରନ୍ତୁ ଯାହାକି ଡାକ୍ତରଙ୍କଠାରୁ ଲୁଚି ରହିଥିଲା । ["ଓଃ!"] ସେ ହୁଏତ ରେଡିୟମଠାରୁ ଲୁଚି ରହି ଥାଇପାରେ, କିନ୍ତୁ ପବିତ୍ରଆତ୍ମାଙ୍କଠାରୁ ନୁହେଁ । ଭଉଣୀ, ତେବେ, ଯାଆନ୍ତୁ, ତାହାଙ୍କୁ ବିଶ୍ୱାସ କରନ୍ତୁ । ଆଦୌ ସନ୍ଦେହ କରନ୍ତୁ ନାହିଁ, ମାତ୍ର ବିଶ୍ୱାସ କରନ୍ତୁ ।

234 କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ସେହି ଶ୍ୱାସରୋଗର ଅବସ୍ଥାକୁ ସୁସ୍ଥ କରିପାରନ୍ତି, ଏବଂ ଆପଣଙ୍କୁ ଭଲ କରିପାରନ୍ତି? [ସେହି ଭାଇ କୁହନ୍ତି,"ହଁ ।"—ଅନୁ ।] କ'ଣ ଆପଣ ତାହା ବିଶ୍ୱାସ କରନ୍ତି? ତେବେ ଏହା କହି ନିଜ ରାସ୍ତାରେ, ଆନନ୍ଦ କରି, ଚାଲିଯାଆନ୍ତୁ, "ପ୍ରଭୁ, ତୁମର ଧନ୍ୟବାଦ ହେଉ । ମୁଁ ବିଶ୍ୱାସ କରେ ଯେ ମୋ'ର ଶ୍ୱାସରୋଗ ଭଲ ହୋଇଯାଇଛି ।"

235 ଆପଣ କେମିତି ଅଛନ୍ତି? ଆପଣ ଅଧୀର ଅଟନ୍ତି । ଆପଣ ଦୀର୍ଘ ସମୟ ଧରି ଅଧୀର ରହି ଆସିଛନ୍ତି । ସେଠାରେ, ଏହା ଆପଣଙ୍କ ପାକସ୍ଥଳୀରେ ଗୋଟିଏ ପେଟର ଘାଆ କରିଦେଇଛି, ଯାହାକି ଆପଣଙ୍କୁ—ଆପଣଙ୍କର ପେଟର ସମସ୍ୟାର କାରଣ ଅଟେ । ଆଉ ଆପଣ ଚାହାଁନ୍ତି…କ'ଣ ଆପଣ ନିଜର ଭୋଜନ ଖାଇବାକୁ ଚାହାଁନ୍ତି? କ'ଣ ଆପଣ ତାହା କରିବେ ଯାହା ମୁଁ ଆପଣଙ୍କୁ କରିବା ପାଇଁ କହିବି? ଯାଆନ୍ତୁ, ପ୍ରଭୁ ଯୀଶୁଙ୍କ ନାମରେ, ଭୋଜନ ଖାଆନ୍ତୁ ।

236 କ'ଣ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତି କି? [ସେହି ଭଉଣୀ କୁହନ୍ତି, "ମୁଁ କରେ ।"—ଅନୁ ।] ଆପଣ ତ ଜଣେ ଖୁବ୍ ଉତ୍ତମ ଯୁବା ମହିଳା ଅଟନ୍ତି, ଅଥଚ

ସେହିପରି ଦେଖାଯାଆନ୍ତି। କ'ଣ ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି? ["ଆମେନ୍ ।"] କ'ଣ ଆପଣ ବିଶ୍ୱାସ କରନ୍ତି ଯେ ତାହାଙ୍କର ଗୁଣଚରିତ୍ର ଏଠାରେ ଥାଇପାରେ, ଯେପରିକି...ସେହି ବାକ୍ୟ, ସ୍ୱୟଂ ନିଜେ, ଏବଂ ଏହି ଦିନର ସେହି ପ୍ରତିଜ୍ଞା, "ମୁଁ ଯେଉଁ କାର୍ଯ୍ୟଗୁଡ଼ିକୁ କରେ ତୁମେ ମଧ୍ୟ ତାହା କରିବ"? ["ଆମେନ୍ ।"] ମୁଁ ସୁସ୍ଥ କରିପାରେ ନାହିଁ। ସେ ତ ତାହା ପୂର୍ବରୁ କରିସାରିଛନ୍ତି; ମାତ୍ର ତାହାଙ୍କର ଗୁଣଚରିତ୍ର ତାହାଙ୍କୁ ପ୍ରଦର୍ଶିତ କରିଥାଏ, ଏହା କହିପାରେ ଯେ ଆପଣଙ୍କଠାରେ କ'ଣ ସମସ୍ୟା ରହିଛି। ଆପଣଙ୍କର ଏକ ସ୍ତ୍ରୀଜନିତ ସମସ୍ୟା, ନାରୀ ସମସ୍ୟା ରହିଛି। ["ହଁ, ମହାଶୟ।"] କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଏହାକୁ ବର୍ତ୍ତମାନ ହିଁ ସୁସ୍ଥ କରିପାରନ୍ତି? ["ହଁ। ଆମେନ୍ ।"] ନିଜର ମାର୍ଗରେ ଯାଆନ୍ତୁ, ଏହା ଆପଣଙ୍କୁ ଆଉ କଷ୍ଟ ଦେବ ନାହିଁ। ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ।

237 କ'ଣ ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି? [ସେହି ଭଉଣୀ କୁହନ୍ତି, "ହଁ ମହାଶୟ।"—ଅନୁ।] ଯଦି ପରମେଶ୍ୱର ମୋତେ କହିବେ ଯେ ଆପଣଙ୍କର ସମସ୍ୟାଟି କ'ଣ, ତାହାହେଲେ କ'ଣ ଆପଣ ଏହା ବିଶ୍ୱାସ କରିବେ କି ଯେ ତାହା ଯୀଶୁ ଖ୍ରୀଷ୍ଟଙ୍କର ଗୁଣଚରିତ୍ର ଅଟେ? ଏହା ଆପଣଙ୍କ ପିଠିରେ ଅଛି। ଏହା ଆଉ ଅଧିକ ସେଠି ନାହିଁ। ଯାଆନ୍ତୁ, ଆପଣ। ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ। ବିଶ୍ୱାସ କରନ୍ତୁ।

238 ହେ ମହିଳା, ଆସନ୍ତୁ। ଆପଣଙ୍କର ମଧ୍ୟ ପେଟର ସମସ୍ୟା ରହିଛି। ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ, ଏବଂ ଯାଆନ୍ତୁ ନିଜର ଭୋଜନ ଖାଆନ୍ତୁ। ତାହା ବିଷୟରେ ଭୁଲି ଯାଆନ୍ତୁ। ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରିଛନ୍ତି।

239 ଆସନ୍ତୁ। ଆପଣଙ୍କର ସମସ୍ୟା ହେଉଛି ଆପଣଙ୍କର ରକ୍ତ। ଆପଣ ମଧୁମେହରେ ପୀଡ଼ିତ ଅଟନ୍ତି। କ'ଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ଭଲ କରିଦେବେ ଏବଂ ଆପଣଙ୍କୁ ସେଥିରୁ ସୁସ୍ଥ କରିଦେବେ? ନିଜ ମାର୍ଗରେ ଯାଆନ୍ତୁ, ଏବଂ କୁହନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ," ତାହା ଆପଣଙ୍କୁ ଭଲ କରିଦେବ। ଯାଆନ୍ତୁ, ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ।

240 ଆସନ୍ତୁ। ଆପଣଙ୍କର ପିଠି, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ପିଠିକୁ ସୁସ୍ଥ କରିବେ ଓ ଆପଣଙ୍କୁ ଭଲ କରିଦେବେ? ନିଜ ମାର୍ଗରେ ଯାଆନ୍ତୁ, ଆନନ୍ଦ କରନ୍ତୁ, ଏବଂ କୁହନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ।"

241 ଆପଣଙ୍କର ମଧ୍ୟ ନିଜର ପିଠିରେ କିଛି ସମସ୍ୟା ରହିଥିଲା। କେବଳ ଚାଲୁଥା'ନ୍ତୁ, କୁହନ୍ତୁ, "ହେ ପ୍ରଭୁ, ତୁମର ଧନ୍ୟବାଦ। ମୁଁ ସୁସ୍ଥ ହୋଇଯାଇଛି।" ଏହାକୁ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ।

242 ଆପଣଙ୍କର ମଧ୍ୟ ପିଠିର ସମସ୍ୟା ରହିଥିଲା। ଆପଣ ତାହା ବିଷୟରେ କ'ଣ ଜାଣନ୍ତି? ତେବେ ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ, ଏବଂ ନିଜର ମାର୍ଗରେ ଚାଲିଯାଆନ୍ତୁ ଏବଂ

ସୁସ୍ଥ ହୁଅନ୍ତୁ । ବିଶ୍ୱାସ କରନ୍ତୁ ଯେ ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି । "ଯଦି ଆପଣ ବିଶ୍ୱାସ କରିପାରିବେ, ସମସ୍ତ ବିଷୟ ସମ୍ଭବ ଅଟେ ।" ଠିକ୍ ଅଛି ।

243 କ'ଣ ହେବ ଯଦି ମୁଁ ଆପଣଙ୍କୁ କିଛି ନ କୁହେ, କେବଳ ସେଠାରୁ ଚାଲିଯାଏ ଓ ତାଙ୍କ ଉପରେ ହାତ ରଖିଦିଏ, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଭଲ ହୋଇଯିବେ? ସେମାନେ ଦେଖନ୍ତି ଯେ କ'ଣ ଭୁଲ୍ ଅଟେ । କ'ଣ ଆପଣ ବିଶ୍ୱାସ କରନ୍ତି ଯେ ସେ ହୋଇଯିବେ? ଏଠାକୁ ଆସନ୍ତୁ । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଶୟତାନକୁ ଧମକ ଦିଏ । ପରମେଶ୍ୱରଙ୍କ ସାମର୍ଥ ସେହି ପିଲାକୁ ସୁସ୍ଥ କରୁ । ଆମେନ୍ । ସନ୍ଦେହ କରନ୍ତୁ ନାହିଁ, ଆଦୌ ସନ୍ଦେହ କରନ୍ତୁ ନାହିଁ, ଏବଂ ସେ ଭଲ ହୋଇଯିବ । ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ ।

244 ଯଦି ପରମେଶ୍ୱର ଆପଣଙ୍କୁ ସୁସ୍ଥ ନ କରନ୍ତି, ତେବେ ଆପଣ କୌଣସି ଏକ ଦିନେ ବାତ ରୋଗରେ ପୀଡ଼ିତ, ଏକ ଆଶାବାଡ଼ିରେ ରହିଥିବେ । ମାତ୍ର କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ବାତ ରୋଗକୁ ସୁସ୍ଥ କରନ୍ତି? ତାହାହେଲେ ଯାଆନ୍ତୁ, କୁହନ୍ତୁ, "ହେ ପ୍ରଭୁ, ତୁମର ଧନ୍ୟବାଦ । ମୁଁ ତୁମକୁ ବିଶ୍ୱାସ କରିବି, ଏବଂ ତୁମେ ମୋତେ ସୁସ୍ଥ କର ।" ଠିକ୍ ଅଛି ।

245 ବର୍ତ୍ତମାନ ଆସନ୍ତୁ । ଏହା ପ୍ରକୃତରେ ଆପଣଙ୍କର ବୟସ ଅଟେ । ଆପଣ ପ୍ରକୃତରେ ଅଧୀର ଅଟନ୍ତି। ପ୍ରକୃତରେ ଅଧୀର ହୋଇଯାଆନ୍ତି, ଅନତି ସନ୍ଧ୍ୟାର ବିଳମ୍ବରେ। ଯେତେବେଳେ ଆପଣ କାମ କରନ୍ତି ଏବଂ ସବୁକିଛି କରନ୍ତି, ଆପଣ ପ୍ରକୃତରେ ଅଧୀର ହୋଇଯା'ନ୍ତି । କ'ଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି? ତେବେ ଏହା ଆପଣଙ୍କୁ ଆଉ କଷ୍ଟ ଦେବ ନାହିଁ । ନିଜ ମାର୍ଗରେ ଯାଆନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ ହେଉ ।"

246 ମହାଶୟ, ଆସନ୍ତୁ । କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ହୃଦାଘାତକୁ ସୁସ୍ଥ କରନ୍ତି? [ସେହି ଭାଇ କୁହନ୍ତି, "ହଁ ।"—ଅନୁ ।] ଆପଣଙ୍କର ହୃଦୟକୁ ସୁସ୍ଥ କରିବେ କି? କେବଳ ଆଗକୁ ବଢ଼ି ଚାଲନ୍ତୁ, କୁହନ୍ତୁ, "ହେ ପ୍ରଭୁ, ତୁମର ଧନ୍ୟବାଦ ହେଉ । ମୁଁ ମୋ'ର ସମସ୍ତ ହୃଦୟ ସହିତ ବିଶ୍ୱାସ କରେ ।"

247 ପରମେଶ୍ୱର ଯକ୍ଷ୍ମାରୋଗକୁ ସୁସ୍ଥ କରନ୍ତି, ଏବଂ ଭଲ, ମଧ୍ୟ କରନ୍ତି । ମହାଶୟ, କ'ଣ ଆପଣ ନିଜର ସମସ୍ତ ହୃଦୟ ସହିତରେ, ତାହା ବିଶ୍ୱାସ କରନ୍ତି କି? [ସେହି ଭାଇ କୁହନ୍ତି, "ମୁଁ ଏହାକୁ ବିଶ୍ୱାସ କରେ ।"—ଅନୁ ।] ଠିକ୍ ଅଛି । ନିଜ ମାର୍ଗରେ ଚାଲିଯାଆନ୍ତୁ ଏବଂ ଆନନ୍ଦ କରନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ ହେଉ ।"

248 ଆପଣମାନେ ଯେଉଁମାନେ ସେଠାରେ ଅଛନ୍ତି ଆପଣମାନଙ୍କର କ'ଣ, ଆପଣମାନେ କ'ଣ ବିଶ୍ୱାସ କରନ୍ତି? ଦର୍ଶକବୃନ୍ଦଙ୍କ ବିଷୟରେ କ'ଣ? ଦର୍ଶକବୃନ୍ଦଙ୍କ ମଧ୍ୟରୁ ଆପଣମାନେ କେତେକ ବର୍ତ୍ତମାନ ବିଶ୍ୱାସ କରନ୍ତି ।

249 ଏଠାରେ ବସିଥିବା ଠିକ୍ ଏହି ବ୍ୟକ୍ତିଜଣକ, ବ୍ରୋଙ୍କାଇଟିସ୍ ରୋଗରେ ପୀଡ଼ିତ ଅଟନ୍ତି, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ସେହି ବ୍ରୋଙ୍କିଆଲ୍ ସମସ୍ୟାକୁ ସୁସ୍ଥ

କରିଦେବେ? ଠିକ୍ ଅଛି, ତେବେ, ଆପଣ ଯାହା ମାଗିଛନ୍ତି ଆପଣ ତାହା ପାଇପାରନ୍ତି। ଆମେନ୍।

250 ଉଚ୍ଚ ରକ୍ତଚାପ, ଠିକ୍ ସେଠାରେ ତାଙ୍କ ପଛରେ ବସିଛନ୍ତି। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ଉଚ୍ଚ ରକ୍ତଚାପକୁ ସୁସ୍ଥ କରିଦେବେ? ମହାଶୟ, ତାହା ଆପଣଙ୍କୁ ଛାଡ଼ି ଦେଇଗଲା। ମୁଁ ତାଙ୍କୁ ଜାଣେ ନାହିଁ, ମୋ' ଜୀବନରେ ତାଙ୍କୁ କେବେ ବି ଦେଖିନାହିଁ।

251 କୁହନ୍ତୁ, ମହାଶୟ, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣଙ୍କ ମାଂସପେଶୀରେ ସେହି ମୋଡ଼ି ହେବା ବିଷୟ, ମାଂସପେଶୀର ସ୍ନାୟୁତନ୍ତ୍ର ମୋଡ଼ି ହେବା, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଏହାକୁ ସୁସ୍ଥ କରିବେ? କ'ଣ ଆପଣ କରନ୍ତି? ଯଦି ଆପଣ ବିଶ୍ୱାସ କରନ୍ତି ତେବେ ନିଜର ହାତ ଉଠାନ୍ତୁ। ଠିକ୍ ଅଛି।

252 ଆପଣଙ୍କର ପତ୍ନୀ ସେଠାରେ ବସିଛନ୍ତି, ସେ ଶିରାନାଳ ସମସ୍ୟାରେ ପୀଡ଼ିତ ଅଟନ୍ତି। ଭଉଣୀ, କ'ଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ଏହା ଆପଣଙ୍କୁ, ମଧ୍ୟ, ଛାଡ଼ି ଚାଲିଯିବ?

253 ସେଠାରେ ଆମ ପଛରେ ବସିଥିବା ସେହି ମହିଳାଙ୍କର ନ୍ୟୁରାଇଟିସ୍ ସ୍ନାୟୁଜନିତ ସମସ୍ୟା ଅଛି। ମହିଳା, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ନ୍ୟୁରାଇଟିସକୁ ସୁସ୍ଥ କରିଦେବେ?

254 ଏଠାରେ ଏକ ଛୋଟ କୋଟ୍ ପିନ୍ଧି, ଲାଲ୍ କୋଟ୍ ସହିତ ଏଠାରେ ଜଣେ ମହିଳା ଅଛନ୍ତି। ସେ ସେଠାରେ ବସିଛନ୍ତି। ତାଙ୍କର ମଧ୍ୟ, ଶିରାନାଳ ସମସ୍ୟା ଅଛି। କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କର ଶିରାନାଳ ସମସ୍ୟାକୁ ସୁସ୍ଥ କରିବେ? ଯଦି ଆପଣ ଏହାକୁ ବିଶ୍ୱାସ କରନ୍ତି, ତେବେ ନିଜର ହାତ ଉଠାନ୍ତୁ।

255 ଏଠାରେ ଏପରି କେହି ଅଛନ୍ତି ଯେଉଁମାନେକି ଏହା ବିଶ୍ୱାସ କରନ୍ତି ଯେ ଯୀଶୁ ଖ୍ରୀଷ୍ଟଙ୍କ ଗୁଣଚରିତ୍ରଗୁଡ଼ିକ ଆଜିରାତ୍ରି, ଆମମାନଙ୍କ ମଧ୍ୟରେ ଅଛି, ନିଜର ହାତ ଉଠାନ୍ତୁ, କୁହନ୍ତୁ, "ମୁଁ ଏହାକୁ ବିଶ୍ୱାସ କରେ।" [ମଣ୍ଡଳୀ ଆନନ୍ଦିତ ହୁଅନ୍ତି ଏବଂ କୁହନ୍ତି, "ମୁଁ ଏହାକୁ ବିଶ୍ୱାସ କରେ!"—ଅନୁ।]

256 ଏଠାରେ ଥିବା ସମସ୍ତେ, ଯେଉଁମାନେକି ତାହାଙ୍କୁ ନିଜର ଆରୋଗ୍ୟଦାତା ଭାବରେ ଗ୍ରହଣ କରିବେ, ନିଜର ଗୋଡ଼ରେ ଛିଡ଼ା ହୋଇଯା'ନ୍ତୁ ଏବଂ କୁହନ୍ତୁ, "ମୁଁ ଏହାକୁ ବିଶ୍ୱାସ କରେ।" ଛିଡ଼ା ହୁଅନ୍ତୁ। ନିଜର ଚୌକୀଗୁଡ଼ିକରୁ, କିମ୍ବା ଏହା ଯାହାକିଛି ବି ଅଟେ, ଛିଡ଼ା ହୋଇଯା'ନ୍ତୁ। ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। ମୁଁ ଏହାକୁ ପ୍ରଭୁ ପରମେଶ୍ୱରଙ୍କ ନାମରେ, ଆପଣମାନଙ୍କୁ ଦେଉଅଛି।

***ପରମେଶ୍ୱର ଆପଣାକୁ ନିଜର ଗୁଣଚରିତ୍ର ଦ୍ୱାରା ଚିହ୍ନିତ କରାନ୍ତି*** ORI64-0320

(God Identifying Himself By His Characteristics)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ମାର୍ଚ୍ଚ 20, 1964, ଶୁକ୍ରବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଲୁଇସିୟାନା ପ୍ରଦେଶର, ଡେନ୍‌ହମ୍ ସ୍ପ୍ରିଙ୍ଗସ୍ ସହରର ଡେନ୍‌ହମ୍ ସ୍ପ୍ରିଙ୍ଗସ୍ ହାଇ ସ୍କୁଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org